79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ସାନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୯୬ ● କଟକ ● ସୋମବାର ● ୦୧ ଜୁନ୍-୨୦୨୬ ● ମିଥୁନ-୦୧ ● ସାଲ୍-୧୪୩୧

CUTTACK ● MONDAY ● 01 JUNE-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ରିପୋର୍ଟ ମାଗିଲେ ପ୍ରଧାନମନ୍ତ୍ରୀ

## ‘୨ବର୍ଷରେ ଲୋକଙ୍କ ପାଇଁ କ’ଣ କରିଛ ଜଣାଅ’

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟ ସରକାରଙ୍କ କାମର ମୂଲ୍ୟାୟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେଥିପାଇଁ ଦୁଇବର୍ଷର ସରକାରଙ୍କ ଉପଲବ୍ଧିର ସେ ରିପୋର୍ଟ ମାଗିଛନ୍ତି। ସମ୍ଭବତଃ ୧୦ତାରିଖ ଦିନ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିପାରନ୍ତି। କାରଣ ୯ ଜୁନ୍ ସୁଦ୍ଧା ବିଭାଗୱାରୀ ସମୀକ୍ଷା ସାରିବେ ମୁଖ୍ୟମନ୍ତ୍ରୀ। ଏଥିରେ ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତା ଓ ବିଭାଗୀୟ ପ୍ରଦର୍ଶନ ସମ୍ପର୍କରେ ସେ ଅବଗତ ହେବେ। ୨୦୨୪ ଜୁନ୍ ୧୨ତାରିଖରେ ପ୍ରଥମଥର ପାଇଁ ଏକାକୀ ବିଜେପି ସରକାର କରିବା ପରେ ରାଜ୍ୟରେ ଅନେକ ଲୋକାଭିମୁଖୀ କାର୍ଯ୍ୟ କରିଆସିଛନ୍ତି ମୋହନ ସରକାର। ଲୋକଙ୍କ ସରକାର କହି ସରକାରକୁ ଆସିଥିବା ମୋହନ ସରକାରଙ୍କୁ ଏବେ ଦୁଇବର୍ଷ ପୂରିବାକୁ ଯାଉଛି। ତେବେ ଏହି ଦୁଇବର୍ଷରେ ସରକାର କ’ଣ କରିଛନ୍ତି, ବିଶେଷକରି ଲୋକଙ୍କ ନିକଟତର ହେବା ପାଇଁ କ’ଣ ଯୋଜନା କରିଛନ୍ତି ଏବଂ ତାହା ଲୋକଙ୍କ ପାଖକୁ ପହଞ୍ଚି ପାରିଛି କି ନାହିଁ। କେନ୍ଦ୍ରୀୟ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଯାଉଛି କି ନାହିଁ। ୨୪ ନିର୍ବାଚନରେ ଦଳ ଯେଉଁ ୨୧ ଇସ୍ତାହାର ଘୋଷଣା କରିଥିଲା; ତାହାକୁ କେତେ ପରିମାଣରେ ପୂରଣ କରିପାରିଛନ୍ତି ସରକାର ? ରାଜ୍ୟରେ ତୃଣମୂଳ ସ୍ତରରେ ସ୍ଥିତି କ’ଣ ରହିଛି ? ଆଗକୁ ରାଜ୍ୟ ପାଇଁ କ’ଣ କ’ଣ ଭିଜନ୍ ସ୍ଥିର କରିଛନ୍ତି ସରକାର ? ଏସବୁର ସମୀକ୍ଷା କରିବେ ଖୋଦ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ। ଦୁଇବର୍ଷ ମଧ୍ୟରେ ରାଜ୍ୟ ବିଜେପି ସରକାରର ସମସ୍ତ ତଥ୍ୟ ମାଗିଛନ୍ତି ପ୍ରଧାନମନ୍ତ୍ରୀ। ଆହୁରି ମଧ୍ୟ ଆଲୋଚନା ହେଉଛି ଯେ ଦୁଇବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମକୁ ଆସିପାରନ୍ତି ପ୍ରଧାନମନ୍ତ୍ରୀ। ଏନେଇ ରବିବାର ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କିଛି ଦିନ ତଳେ ଦୁଇବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମକୁ ଆସିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି।



ପ୍ରଧାନମନ୍ତ୍ରୀ ମଧ୍ୟ ଆସିବାକୁ ଆଗ୍ରହୀ ଅଛନ୍ତି। ତାରିଖ ଧାର୍ଯ୍ୟ ହେଲେ ଗସ୍ତ ବିବରଣୀ ଜଣାପଡ଼ିବ। ସେପଟେ, ରାଜ୍ୟ ସରକାର ଦୁଇବର୍ଷ ମଧ୍ୟରେ କ’ଣ ଉପଲବ୍ଧି କରିଛନ୍ତି ସେନେଇ ବିଜେପି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପଞ୍ଚାୟତଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଚିଠା ପ୍ରସ୍ତୁତି ଶେଷପର୍ଯ୍ୟାୟରେ ରହିଛି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ରମ ଘୋଷଣା ହେବ ବୋଲି ସଭାପତି ସୂଚନା ଦେଇଛନ୍ତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି, ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଦିନକ ପରେ ନିଜେ ବିଭାଗୱାରୀ ସମୀକ୍ଷା ଆରମ୍ଭ କରିବେ। ୨ତାରିଖରୁ ଏହା ଆରମ୍ଭ ହେବ। ମନ୍ତ୍ରୀମାନଙ୍କର ପାସ୍-ଫେଲ୍ ପରଖିବେ ମୁଖ୍ୟମନ୍ତ୍ରୀ। ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ରଖିବେ। ଜୁନ୍ ୯ତାରିଖ ମଧ୍ୟରେ ସମସ୍ତ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡର ସମୀକ୍ଷା ସରିବ। ମୋହନ ସରକାର ଜୁନ୍ ୧୨ତାରିଖରେ ବର୍ଷପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କ ଆଗରେ ଦୁଇବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହି ଆଭ୍ୟନ୍ତରୀଣ ରିପୋର୍ଟ କାର୍ଡ ସମୀକ୍ଷା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ପୃଷ୍ଠାର ଏକ ବିସ୍ତୃତ ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଛି, ଯେଉଁଥିରେ ୧୬ଟି ସ୍ଲାଇଡ୍ ସମ୍ବଳିତ ନିର୍ଦ୍ଦିଷ୍ଟ ଢାଞ୍ଚାରେ ପ୍ରତିଟି ବିଭାଗର ଗଭୀର ଆକଳନ କରାଯିବ। ମନ୍ତ୍ରୀମାନେ ନିଜ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଓ ଯୋଜନା ସମେତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ବଜେଟ୍ ଅନୁଦାନ ତୁଳନାରେ ପ୍ରକୃତ ଖର୍ଚ୍ଚ ଓ ହାସଲ ହୋଇଥିବା ସଫଳତାର ସଠିକ୍ ପରିସଂଖ୍ୟାନ ସ୍କିମ୍-ୱାରୀ ଉପସ୍ଥାପନ କରିବେ। ବିଧାନସଭାରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଉପସ୍ଥିତି, ନୂଆ ଆଇନ ପ୍ରଣୟନ, ମୁଲତବୀ ପ୍ରସ୍ତାବର ସଂଖ୍ୟା ଓ ଉତ୍ତର, ଗୃହରେ ହୋଇଥିବା ବିଭିନ୍ନ ବିଭାଗୀୟ ଆଲୋଚନା ତଥା ଗୃହ ଅଚଳ ହେବାର କାରଣଗୁଡ଼ିକୁ ସେସନ୍‌ୱାରୀ ଯାଞ୍ଚ କରାଯିବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ବା ଗ୍ରିଭାନ୍ସ ରିଡ୍ରେସାଲ୍ ପ୍ରକ୍ରିୟା ଉପରେ ଏହି ସମୀକ୍ଷାରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଜନଶୁଣାଣି ପୋର୍ଟାଲ, ପ୍ରତ୍ୟକ୍ଷ ଶୁଣାଣି ଓ ସୋସିଆଲ ମିଡିଆ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କେତେ ପ୍ରତିଶତ ଅଭିଯୋଗର ସମାଧାନ ୭ଦିନ, ୨୧ ଦିନ ଓ ୪୫ଦିନ ଭିତରେ କରାଯାଇଛି ତଥା କେତେ ପେଣ୍ଡିଂ ରହିଛି, ସେ ସମ୍ପର୍କିତ ସମ୍ପୂର୍ଣ୍ଣ ଡାଟା ତାରିଖ ଓ ସ୍ଥାନ ସହ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ରଖିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଖୋଦ୍ ପ୍ରଧାନମନ୍ତ୍ରୀ ରିପୋର୍ଟ ମାଗିଥିବାରୁ ମୁଖ୍ୟମନ୍ତ୍ରୀ କୌଣସିପ୍ରକାର ରିସ୍କ ନେବାକୁ ଚାହୁଁନାହାନ୍ତି। ଶୁଣାଯାଉଛି, ରିପୋର୍ଟ ତନାଘନାକୁ ନେଇ କିଛି ମନ୍ତ୍ରୀ ଛାନିଆ ହୋଇପଡ଼ିଛନ୍ତି।

**୨୧ ଇସ୍ତାହାରରୁ ପୂରଣ ହୋଇଛି କେତେ ?**

**ତୃଣମୂଳସ୍ତରରେ ସ୍ଥିତି କ’ଣ ଅଛି ?**

**ଯୋଜନାରୁ ଲୋକେ ଉପକୃତ ହେଉଛନ୍ତି ତ ?**

**ଆଗକୁ ରାଜ୍ୟପାଇଁ କ’ଣ କ’ଣ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ସରକାର ?**

# ‘ମନ୍ କୀ ବାତ୍’ରେ ଓଡ଼ିଶାର ବେଲପଣା ଓ ଆମ୍ବକୁ ପ୍ରଶଂସା

**ନୂଆଦିଲ୍ଲୀ,ଭୁବନେଶ୍ୱର,(ପିପିଏସ୍):** ଦେଶର ସବୁଠୁ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ରେ ପୁଣିଥରେ ଚର୍ଚ୍ଚାରେ ଆସିଛି ଓଡ଼ିଶା। ୧୩୪ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ପାରମ୍ପରିକ ବେଲପଣା ଓ ପ୍ରସିଦ୍ଧ ସୁବର୍ଣ୍ଣରେଖା ଆମ୍ବର ଭୂରିଭୂରି ପ୍ରଶଂସା କରିଛନ୍ତି। ତାଙ୍କ ମୁଖରୁ ଓଡ଼ିଶାର ଏହି ଦୁଇ ସ୍ୱତନ୍ତ୍ର ପରିଚୟର ଉଲ୍ଲେଖ ଶୁଣି ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଗ୍ରୀଷ୍ମ ଋତୁରେ ଦେଶର ବିଭିନ୍ନ ପାରମ୍ପରିକ ପାନୀୟ ଓ ଫଳ ସମ୍ପର୍କରେ ଆଲୋଚନା କରିବା ବେଳେ ମୋଦୀ କହିଥିଲେ, ଭାରତର ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ସ୍ୱାଦ ଓ ପରମ୍ପରା ରହିଛି। ଯେପରି ପ୍ରତ୍ୟେକ ରାଜ୍ୟର ଆମ୍ବର ସ୍ୱାଦ ଅଲଗା, ସେହିପରି ପ୍ରତ୍ୟେକ ଅଞ୍ଚଳର ପାରମ୍ପରିକ ପାନୀୟ ମଧ୍ୟ ସ୍ୱତନ୍ତ୍ର ପରିଚୟ ବହନ କରେ। ଏହି ଅବସରରେ ସେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଚାଷ ହେଉଥିବା ସୁବର୍ଣ୍ଣରେଖା ଆମ୍ବର ବିଶେଷ ଉଲ୍ଲେଖ କରିଥିଲେ। ହାପୁସ୍, କେଶର, ଦଶେରୀ, ଲଙ୍ଗଡା, ହିମସାଗର ଓ ବଙ୍ଗନାପଲ୍ଲୀ ଭଳି ଦେଶର ପ୍ରସିଦ୍ଧ ଆମ୍ବ ସହ ସୁବର୍ଣ୍ଣରେଖାର ନାମ ନେଇ ସେ ଏହାର ସ୍ୱାଦ ଓ ଲୋକପ୍ରିୟତାକୁ ପ୍ରଶଂସା କରିଥିଲେ। ସେହିପରି ଓଡ଼ିଶାର ପାରମ୍ପରିକ ବେଲପଣାକୁ ମଧ୍ୟ ମୋଦୀ ଦେଶର ଅନନ୍ୟ ଦେଶୀ ପାନୀୟ ଭାବେ ବର୍ଣ୍ଣନା କରିଥିଲେ। ବେଲ ଫଳରୁ ପ୍ରସ୍ତୁତ ଏହି ପାନୀୟ ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ଶରୀରକୁ ଶୀତଳ ରଖିବା ସହ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ସେ କହିଥିଲେ। ଆମ୍ ପାନ୍ନା, ଲସି, ସତୁ ସରବତ, କୋକମ୍ ସରବତ ସହ ବେଲପଣାର ନାମ ଉଲ୍ଲେଖ କରି ଭାରତର ଖାଦ୍ୟ ସଂସ୍କୃତିର ବିବିଧତାକୁ ସେ ପ୍ରଶଂସା କରିଥିଲେ। ମୋଦୀ ଆମ୍ବ ଚାଷୀଙ୍କ ଅବଦାନକୁ ମଧ୍ୟ ସ୍ୱୀକାର କରି କହିଥିଲେ ଯେ ସେମାନଙ୍କ ପରିଶ୍ରମ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ରପ୍ତାନି କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ସୃଷ୍ଟି କରୁଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ କୃଷିଜାତ ଉତ୍ପାଦକୁ ଜାତୀୟ ସ୍ତରରେ ଆହୁରି ପରିଚିତ କରିବାରେ ବଡ଼ ଭୂମିକା ନେବ ବୋଲି କୃଷି ବିଶେଷଜ୍ଞ ଓ ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।




# ଜେନେରାଲ୍ ସୁବ୍ରମଣି ନୂଆ ସିଡିଏସ୍



**ନୂଆଦିଲ୍ଲୀ,(ଏଜେନ୍ସି):** ଭାରତର ପ୍ରତିରକ୍ଷା ମୁଖ୍ୟ(ସିଡିଏସ୍) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଜେନେରାଲ ଏନ୍‌ଏସ୍ ରାଜା ସୁବ୍ରମଣି। ରବିବାର ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ପାକିସ୍ତାନ ଓ ଚାଇନା ବିଶେଷଜ୍ଞ ଭାବେ ପରିଚିତ ଜେନେରାଲ ଏନ୍‌ଏସ୍ ରାଜା ସୁବ୍ରମଣି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ସାମ୍ନାରେ ଅନେର ଚାଲେଞ୍ଜ ରହିଛି। ତେବେ ମହତ୍ତ୍ୱାକାଂକ୍ଷୀ ନାଟକୀୟ ସାମରିକ ଯୋଜନାକୁ କାର୍ଯ୍ୟକାରୀ କରାଇବା ତଥା ସେନାର ତିନିବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ତାଙ୍କର ପ୍ରାଥମିକ ଦାୟିତ୍ୱ ରହିବ ବୋଲି ସେ କହିଛନ୍ତି। ଜେନେରାଲ ଅନୀଲ ଚୌହାନ ଦେଶର ବରିଷ୍ଠ ସାମରିକ କମାଣ୍ଡର ଭାବେ ନିଜ କାର୍ଯ୍ୟକାଳ ଶେଷ କରିବା ପରେ ଶନିବାର ଏହି ପଦବୀରୁ ଅବସର ନେଇଥିଲେ। ଜେନରାଲ ସୁବ୍ରମଣି ଜାତୀୟ ସୁରକ୍ଷା ପରିଷଦ ସେକ୍ରେଟେରିଏଟରେ ସାମରିକ ପରାମର୍ଶଦାତା ଭାବେ କାମ କରୁଥିଲେ। ସେ ଗତବର୍ଷ ଜୁଲାଇ ୩୧ରେ ଭାଇସ୍ ଚିଫ ଅଫ୍ ଆର୍ମି ଷ୍ଟାଫ ପଦରୁ ଅବସର ନେଇଥିଲେ।

# ଆର୍‌ସିବି ପୁଣି ଆଇପିଏଲ୍ ଚାମ୍ପିଅନ୍

## ଗୁଜରାଟର ସ୍ୱପ୍ନ ଧୂଳିସାତ୍

**ଅହମ୍ମଦାବାଦ,(ଏଜେନ୍ସି):** ଆଇପିଏଲ୍-୨୦୨୬ର ଟାଇଟଲ୍ ଜିତିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଫାଇନାଲ୍ ମ୍ୟାଚରେ ୨୦୨୨ର ଚାମ୍ପିଅନ୍ ଗୁଜରାଟ ଟାଇଟନ୍ସକୁ ସହଜରେ ୫ ୱିକେଟ୍ ହରାଇ ଲଗାତାର ଦ୍ୱିତୀୟ ଟ୍ରଫି ଜିତିଛି। ୨୦୨୫ରେ ପଞ୍ଜାବକୁ ହରାଇ ଗୁଜରାଟ ପ୍ରଥମ ଥର ଟ୍ରଫି ଜିତିଥିଲା। ବୋଲରଙ୍କ ଶାଣିତ ବୋଲିଂ ପରେ ବ୍ୟାଟରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ରଜତ ପାଟିଦାର ନିଜ ନେତୃତ୍ୱରେ ଆର୍‌ସିବିକୁ ପୁଣି ଥରେ ଚାମ୍ପିଅନ୍ କରାଇଛନ୍ତି। ଅନ୍ୟପଟେ ଗୁଜରାଟର ଦ୍ୱିତୀୟ ଟ୍ରଫି ଜିତିବାର ସ୍ୱପ୍ନ ଚୂରମାର ହୋଇଛି। କ୍ରମାଗତ ଦୁଇଟି ଟ୍ରଫି ଜିତିବାରେ ଆର୍‌ସିବି ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସର ରେକର୍ଡ ସହ ବରାବର ହୋଇଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳା ଯାଇଥିବା ଫାଇନାଲ୍ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୫୦ ରନ୍ ବଳରେ ୮ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ବେଙ୍ଗାଲୁରୁ ୧୮ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଛି। ବିରାଟ କୋହଲି ୭୫ ରନର ଇନିଂସ ଖେଳି ଦଳ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି।

**କୋହଲିଙ୍କ ୭୫ରନ୍‌ର ଇନିଂସ୍**

# ଥାର୍ଡ ଡିଗ୍ରୀ ଘଟଣାରେ କାର୍ଯ୍ୟାନୁଷ୍ଠାନ

## ବାରଙ୍ଗ ଆଇଆଇସି ବିଦା

**କଟକ,(ପିପିଏସ୍):** କଟକ ଜିଲ୍ଲା ବାରଙ୍ଗ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ ବଦଳିଲେ ଥାନା ଅଧିକାରୀ ନିରଞ୍ଜନ ବେହେରା। ନିରଞ୍ଜନଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଥିବା ବେଳେ ପୁରୀଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କୁ ବାରଙ୍ଗ ଥାନା ଆଇଆଇସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାକେଶଙ୍କୁ ଥାନାରେ ଥାର୍ଡ ଡିଗ୍ରୀ ହୋଇନଥିବା ଡିସିପି କହିଥିବାବେଳେ କେଉଁ କାରଣ ପାଇଁ ଆଇଆଇସିଙ୍କୁ ବଦଳି କରାଯାଇଛି, ତାକୁ ନେଇ ଉଠିଛି ପ୍ରଶ୍ନ। ଆଇଆଇସିଙ୍କ ବଦଳି ପରେ ପରୋକ୍ଷରେ ଡିସିପି ସ୍ୱୀକାର କରିଛନ୍ତି କି ଥାନାରେ ଥାର୍ଡ ଡିଗ୍ରୀ ହୋଇଛି ? ତେବେ ଡିସିପିଙ୍କୁ ଯୋଗାଯୋଗ କରାଯାଇଥିଲେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଅନ୍ୟପଟେ ରାକେଶ ଏବେ ଗୁରୁତର ଭାବେ ଏସ୍‌ସିବି ମେଡ଼ିକାଲ ସିଟିଭିଏସ୍ ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଭେଟିଛନ୍ତି ବିଜେପି ନେତା ବୁଲୁ ଚକ୍ରବର୍ତ୍ତୀ ଏବଂ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ସେମାନେ ରାକେଶଙ୍କୁ ଭେଟିବା ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ନେଇ ଡାକ୍ତରଙ୍କଠାରୁ ପଚାରି ବୁଝିଥିଲେ। ଏବେ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିଥିବା କହିଛନ୍ତି ଉଭୟ ନେତା। ପରେ ବାଙ୍କୀ ବିଧାୟକ କଟକ ଡିସିପିଙ୍କୁ ଭେଟି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେନେଇ ଆଲୋଚନା କରିଥିଲେ। ସେହିପରି ବିଜେପି ନେତା ବୁଲୁ ଚକ୍ରବର୍ତ୍ତୀ କହିଛନ୍ତି ଯେ ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆକ୍ରୋଶ ରହିଛି। ଆଇଆଇସିଙ୍କୁ କେବଳ ବଦଳି କରିଦେଲେ ହେବ ନାହିଁ। ଯିଏ ଦୋଷୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।



**କଟକ ଡିସିପି ଅଫିସ୍‌କୁ ବଦଳି**

## ଏଜିଙ୍କ ରିପୋର୍ଟ ପରେ ଚେଇଁଲେ ସରକାର

# ‘ଲକ୍ଷ୍ମୀ ବସ୍’ ଓ ‘ମୋ ବସ୍‌ଷ୍ଟାଣ୍ଡ’ ଖର୍ଚ୍ଚର ହେବ ଖୋଳତାଡ଼

**ଭୁବନେଶ୍ୱର,(ପିପିଏସ୍):** ଲକ୍ଷ୍ମୀ ବସ୍ ଓ ଆମ ବସ୍‌ଷ୍ଟାଣ୍ଡ ଯୋଜନାର ଖୋଳତାଡ଼ କରିବେ ସରକାର। ଯୋଜନାରେ ଟଙ୍କା ବ୍ୟୟକୁ ନେଇ ହେବ ତଦନ୍ତ। ୟୁସି ଦାଖଲ, ପରାମର୍ଶଦାତା ନିଯୁକ୍ତି, ମାଗଣା ଯାତ୍ରା ବାବଦରେ ଲୋଡ଼ାଯାଇଛି ତଥ୍ୟ। ବାଣିଜ୍ୟ ଓ ପରିବହନ ବିଭାଗକୁ ମଗାଗଲା ସ୍ପଷ୍ଟୀକରଣ। ଯୋଜନାର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆକାଉଣ୍ଟାଣ୍ଟ ଜେନେରାଲ୍। ବିଜେଡି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା- ଲକ୍ଷ୍ମୀ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ଅର୍ଥ ବ୍ୟୟ ଏବଂ ପ୍ରଶାସନିକ ପରିଚାଳନାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି ଅକାଉଣ୍ଟାଣ୍ଟ ଜେନେରାଲ୍ (ଅଡିଟ୍-୨), ଓଡ଼ିଶା। ବାଣିଜ୍ୟ ଓ ପରିବହନ ବିଭାଗକୁ ପଠାଯାଇଥିବା ଏକାଧିକ ଅଡିଟ୍ ପତ୍ରରେ ଯୋଜନାର ଅର୍ଥ ମୁକ୍ତି, ୟୁଟିଲାଇଜେସନ୍ ସର୍ଟିଫିକେଟ୍ (ୟୁସି), ଅବ୍ୟବହୃତ ପାଣ୍ଠି, ପରାମର୍ଶଦାତା ନିଯୁକ୍ତି ଓ ମାଗଣା ବସ୍‌ଯାତ୍ରା ପରି ବିଷୟରେ ବିଭାଗ ପାଖରୁ ସ୍ପଷ୍ଟୀକରଣ ମଗାଯାଇଛି। ଫଳରେ ବର୍ତ୍ତମାନ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଅଡିଟ୍ ପକ୍ଷରୁ ଉଠାଯାଇଥିବା ସବୁଠାରୁ ବଡ଼ପ୍ରଶ୍ନ ହେଉଛି, ୨୦୨୩-୨୪ ଠାରୁ ୨୦୨୫-୨୬ ମଧ୍ୟରେ ଯୋଜନା ପାଇଁ ମୋଟ ୨୮୦୬ କୋଟି ଟଙ୍କାର ଅନୁଦାନ ଦିଆଯାଇଥିବା ବେଳେ ତାହାର ବଡ଼ଅଂଶ ବର୍ଷ ଶେଷ ପର୍ଯ୍ୟନ୍ତ ବ୍ୟୟ ହୋଇନଥିଲା। ଅଡିଟ୍ ତଥ୍ୟ ଅନୁସାରେ, ୨୦୨୩-୨୪ରେ ୧୫୩.୫୬ କୋଟି, ୨୦୨୪-୨୫ରେ ୩୬୯.୧୮ କୋଟି ଓ ୨୦୨୫-୨୬ରେ ୪୭୮.୩୬ କୋଟି ଟଙ୍କା ଅବ୍ୟବହୃତ ରହିଥିଲା। ଏହି ଅର୍ଥ କାହିଁକି ବ୍ୟୟ ହୋଇପାରିଲା ନାହିଁ ଓ ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥ ବ୍ୟବହାର ନହେବା ସତ୍ତ୍ୱେ ପୁଣି କିପରି ଅଧିକ ଅର୍ଥ ପ୍ରଦାନ କରାଯାଇଛି, ସେନେଇ ବିଭାଗରୁ ସ୍ପଷ୍ଟୀକରଣ ମଗା ଯାଇଛି। ଅଡିଟ୍ ରିପୋର୍ଟରେ ଓଏସଆରଟିସି ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ବ୍ୟୟ ବିବରଣୀ ଓ ୟୁସି ଦାଖଲ ନକରାଯାଇଥିବା କଥା ମଧ୍ୟ ଉଠାଯାଇଛି। ବିଶେଷକରି ୨୦୨୪-୨୫ର ତୃତୀୟ ତ୍ରୟମାସିକ ପରଠାରୁ ଖର୍ଚ୍ଚ ବିବରଣୀ ଦିଆଯାଇନଥିବା ନେଇ ଅଡିଟ୍ ଆପତ୍ତି ଜଣାଇଛି। ବର୍ଷ ଅନୁସାରେ ଅର୍ଥ ପ୍ରଦାନ ଓ ୟୁସି ପ୍ରାପ୍ତିର ସମସ୍ତ ତଥ୍ୟ ମାଗାଯାଇଛି। ଲକ୍ଷ୍ମୀ ଯୋଜନା ପାଇଁ ପରାମର୍ଶଦାତା ଭାବେ ଦିଲ୍ଲୀ ଇଣ୍ଟିଗ୍ରେଟେଡ୍ ମଲ୍ଟିମୋଡାଲ୍ ଟ୍ରାନ୍ସିଟ୍ ସିଷ୍ଟମ୍‌କୁ ନିଯୁକ୍ତିଦେବା ପ୍ରକ୍ରିୟା ଉପରେ ମଧ୍ୟ ଅଡିଟ୍ ପ୍ରଶ୍ନଉଠାଇଛି। ୨୦୨୩ ଅକ୍ଟୋବରରେ ଛଅମାସ ପାଇଁ ପ୍ରତିମାସ ୨.୧୪ କୋଟି ଟଙ୍କା ଫିଁରେ ପରାମର୍ଶଦାତା ନିଯୁକ୍ତ କରାଯାଇଥିଲା ଓ ପରେ ଏହାକୁ ଆଉ ଛଅ ମାସ ବଢ଼ାଯାଇଥିଲା। ପରାମର୍ଶଦାତା ଚୟନ ପୂର୍ବରୁ କୌଣସି ଇଓଆଇ କିମ୍ବା ବଜାର ସର୍ଭେ କରାଯାଇଥିଲା କି ନାହିଁ- ପ୍ରଶ୍ନଉଠିଛି। ସେହିପରି କମ୍ପାନୀର କାର୍ଯ୍ୟଦକ୍ଷତା ଆଲୋଚନା ରିପୋର୍ଟ ଓ ନିଯୁକ୍ତ ପରାମର୍ଶଦାତାଙ୍କ ଯୋଗ୍ୟତା ବିବରଣୀ ମଧ୍ୟ ମାଗାଯାଇଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ଯାତ୍ରା ସୁବିଧା ଦେବାକୁ ନେଇ ମଧ୍ୟ ଅଡିଟ୍ ତଥ୍ୟ ଚାହିଁଛି। ପୂର୍ବରୁ ୫୦ ପ୍ରତିଶତ ରିହାତି ଥିବାବେଳେ ୨୦୨୫ ଡିସେମ୍ବରରେ ଏହାକୁ ପୂରାପୂରି ମାଗଣା କରାଯାଇଥିଲା। ଛାତ୍ରଙ୍କ ସତ୍ୟତା ଯାଞ୍ଚ ପାଇଁ କ’ଣ ବ୍ୟବସ୍ଥା ରହିଛି, କେତେ ରାଜସ୍ୱ କ୍ଷତି ହୋଇଛି ଓ ସେଥିପାଇଁ କେତେ ଅର୍ଥ ମୁକ୍ତି ହୋଇଛି, ସେନେଇ ମାସିକ ଓ ତ୍ରୟମାସିକ ରିପୋର୍ଟ ମାଗାଯାଇଛି।

**ଘୋଟାଲାର ଗନ୍ଧ**



## ସମ୍ପାଦକୀୟ

**ଅନ୍ୟକୁ ମିଳୁ ସୁଯୋଗ**

## ବାଟେଘାଟେ



ଓଡ଼ିଶା ବିଜେପି ମନ୍ତ୍ରିମଣ୍ଡଳ
ହୋଇବ ସାମ୍ପ୍ରସାରଣ
ଗୁଜବ ଶୁଣିଣ ମନ୍ତ୍ରୀ ପିଣ୍ଡରୁ
ଉଡ଼ି ଯାଉଅଛି ପ୍ରାଣ
ବାବୁ ଜୟ ନାରାୟଣ
ମନ୍ତ୍ରୀ ନହେଲେ ପାଇକଛା ମାରି
ଖଣ୍ଡା ବୁଲାଇବେ ଜାଣ
ବାବୁ ସିଂଙ୍କର ଟାଣ
ଟିଭିବାଲା ସବୁ ଗୁଜବ କରନ୍ତି
ମାରିଣ ଘାଇଲା ବାଣ
ଆଉ କିଏ ଫଣଫଣ
ମନ୍ତ୍ରୀ ନହେଲେ ଅଡୁଆ କରିବେ
ପାଟିରେ ଦେଲେଣି ଶାଣ -ରାହୀ

# ଖୋଲିବ ସୌମ୍ୟ ହତ୍ୟା ଗୁମର

## ଆଜି ଆସୁଛନ୍ତି ଏନ୍‌ଏଚ୍‌ଆର୍‌ସି ଟିମ୍ ❑ ଏଡିଜିଙ୍କୁ ହେବ ଜେରା !

**ଭୁବନେଶ୍ୱର, କଟକ,(ପିପିଏସ୍):** ବାଲିଅନ୍ତା ଅଞ୍ଚଳରେ ରେଳବାଇ ପୁଲିସ କନେଷ୍ଟବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣାର ତଦନ୍ତ ପାଇଁ ସୋମବାର ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି)ଙ୍କ ଏକ ଟିମ୍ ଓଡ଼ିଶା ଆସୁଛନ୍ତି। ଏହି ଟିମ୍ ଘଟଣା ସହ ଜଡ଼ିତ ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସାକ୍ଷୀମାନଙ୍କୁ ମଧ୍ୟ ଜେରା କରିବେ। ଜୁନ୍ ୧ରୁ ୫ତାରିଖ ପର୍ଯ୍ୟନ୍ତ ଏହି ଟିମ୍ ଭୁବନେଶ୍ୱରରେ ରହିବେ। ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତକାରୀ ଅଫିସର ରାଜେନ୍ଦ୍ର ସିଂ ଓ ଅବିନାଶ କୁମାର ଆସୁଛନ୍ତି। ଆୟୋଗଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ, ଏହି ୫ଦିନିଆ ଗସ୍ତକାଳରେ ଏନଏଚଆରସି ତଦନ୍ତ ଟିମ୍ ଭୁବନେଶ୍ୱରର ଗେଷ୍ଟହାଉସ୍ କିମ୍ବା ସର୍କିଟ ହାଉସରେ ଘଟଣା ସହ ଜଡ଼ିତ ଥିବା ସରକାରୀ ଅଫିସର ଓ କର୍ମଚାରୀଙ୍କୁ ଜେରା କରିବେ। ଏହାସହିତ ମୃତ ସୌମ୍ୟଙ୍କ ପରିବାର ସଦସ୍ୟଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀ ଓ ବିଭିନ୍ନ ଲୋକଙ୍କଠୁ ମଧ୍ୟ ସାକ୍ଷ୍ୟ ଗ୍ରହଣ କରିବେ। ସୌମ୍ୟଙ୍କୁ ପିଟିପିଟି ହତ୍ୟା କରାଯିବାବେଳେ ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ, ବାଲିଅନ୍ତା ଥାନା ଆଇଆଇସି, ମାମଲାର ଇନକ୍ୱାରୀ ଅଫିସରଙ୍କ ସମେତ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ହାଜର ହେବାକୁ କୁହାଯାଇଛି। କେବଳ ସେମାନେ ନୁହଁନ୍ତି, ଭୁବନେଶ୍ୱର-କଟକ ପୁଲିସ କମିଶନର, ଭୁବନେଶ୍ୱର ଡିସିପି, ଓ କଟକ ଜିଆରପି ଏସପିଙ୍କୁ ମଧ୍ୟ ହାଜର ହେବାକୁ ନୋଟିସ୍ ଜାରି ହୋଇଛି। ସୌମ୍ୟଙ୍କ ମୃତଦେହ ବ୍ୟବଚ୍ଛେଦ କରିଥିବା କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଓ ଶବ ବ୍ୟବଚ୍ଛେଦ ଡାକ୍ତରଙ୍କୁ ମଧ୍ୟ ଏହି ଜେରାର ସମ୍ମୁଖୀନ ହୋଇ ନିଜର ବୟାନ ରେକର୍ଡ କରାଇବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୌମ୍ୟ ମାମଲାରେ ବିବାଦୀୟ ବରିଷ୍ଠ ଆଇପିଏସ୍ ଦୟାଳ ଗଙ୍ଗୱାରଙ୍କୁ ମଧ୍ୟ ଆୟୋଗଙ୍କ ପାଖରେ ହୋଇ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ବିରୋଧରେ ନିଜ ଅଧୀନରେ ଥିବା କର୍ମଚାରୀଙ୍କୁ ବ୍ୟକ୍ତିଗତ ବା ଘରୋଇ କାମରେ ବ୍ୟବହାର କରିବାର ଗୁରୁତର ଅଭିଯୋଗ ଆସିଛି। କେବଳ ସରକାରୀ ଅଫିସର ଓ କର୍ମଚାରୀ ନୁହଁନ୍ତି ଏହି ଘଟଣା ସହ ଜଡ଼ିତ ଅନେକ ସାଧାରଣ ବ୍ୟକ୍ତି ଓ ସାକ୍ଷୀ ଏବଂ ମୃତକଙ୍କ ପରିବାର ସଦସ୍ୟ(ପିତାମାତା,ମାମୁଁ, ସାଙ୍ଗ) ଓ ଜିମ୍ ସହଯୋଗୀମାନଙ୍କ ମଧ୍ୟ ବୟାନ ରେକର୍ଡ କରାଯିବ। ଅଭିଯୋଗକାରୀ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଓ ଘଟଣା ସହ ଜଡ଼ିତ ଦୁଇ ଯୁବତୀ ଓ ସୌମ୍ୟଙ୍କୁ ପିଟିପିଟି ହତ୍ୟାବେଳେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଛି। ଏମାନଙ୍କ ବ୍ୟତୀତ ଘଟଣାସ୍ଥଳରେ ଉପସ୍ଥିତ ଥିବା ଆହତ ବ୍ୟକ୍ତି (ସୌମ୍ୟଙ୍କ ସାଙ୍ଗ), ସ୍ଥାନୀୟ ଦୋକାନୀ, ମୃତଦେହକୁ ହସ୍ପିଟାଲ ନେଇଥିବା ବ୍ୟକ୍ତି ଓ ମୋବାଇଲରେ ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ୍ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଜେରା କରାଯିବ। ଆବଶ୍ୟକ ପଡ଼ିଲେ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ମଧ୍ୟ ଆୟୋଗଙ୍କ ଟିମ୍‌ଙ୍କ ସାମ୍ନାରେ ବୟାନ ରଖିବାକୁ ଡକାଯାଇପାରେ ବୋଲି ଜଣାପଡ଼ିଛି। ତଦନ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ଜଣେ ସ୍ଥାନୀୟ ଭାଷା ଅନୁବାଦକ ଓ ଜଣେ ଟାଇପିଷ୍ଟ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଆୟୋଗଙ୍କ ଟିମଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ପୁଲିସ କମିଶନର, ଖୋର୍ଦ୍ଧା ଏସ୍‌ପି ଓ କଟକ ରେଳବାଇ ଏସପିଙ୍କୁ ଆବଶ୍ୟକୀୟ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆୟୋଗଙ୍କ ଟିମ୍‌ର ଓଡ଼ିଶା ଗସ୍ତ ସମ୍ପର୍କରେ ମୁଖ୍ୟ ସଚିବ ଓ ପୁଲିସ ଡିଜିଙ୍କୁ ଅବଗତ କରାଯାଇଛି। ନିଜ କର୍ମଚାରୀଙ୍କୁ ପିଟିପିଟି ହତ୍ୟା କରାଯିବା, ପୁଲିସ ବିଭାଗ ଭିତରେ ଚାଲିଥିବା ‘ବାବୁ ସଂସ୍କୃତି’ ଓ ନିଜର ସହଯୋଗୀ କର୍ମଚାରୀଙ୍କୁ ଘରୋଇ କାର୍ଯ୍ୟରେ ଖଟାଇବାର ଯେଉଁ ଅଭିଯୋଗ ଆସିଛି, ତା’ର ତଦନ୍ତ ଓଡ଼ିଶା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।



# ୫ଯାଏଁ କାଳବୈଶାଖୀ !

## ‘୨୦ପୂର୍ବରୁ ମୌସୁମୀର ଆଗମନ ନାହିଁ’

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ଜାରିରହିଛି ଗ୍ରୀଷ୍ମ ପ୍ରବାହ। ଦିନବେଳେ ପ୍ରବଳ ଗରମ ଅନୁଭୂତ ହେବା ସହ ଅପରାହ୍ନ ହେଲେ କାଳବୈଶାଖୀ ମାଡ଼ି ଆସୁଛି। ପଶ୍ଚିମ ଓଡ଼ିଶାର ଏକାଧିକ ଜିଲ୍ଲାକୁ ହିଟୱେଭ୍ ଆଲର୍ଟ ଜାରିହୋଇଛି। ତାପମାତ୍ରା ପାଖାପାଖି ୪୦ଡିଗ୍ରୀ ଉପରେ ରହୁଛି। କାଳବୈଶାଖୀ ପ୍ରଭାବରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଫଳରେ ସାରା ରାଜ୍ୟରେ ଖସିଛି ପାରଦ। କାଳବୈଶାଖୀ ପ୍ରଭାବରେ ୨୪ଘଣ୍ଟାରେ ୨ରୁ ୪ଡିଗ୍ରୀ ତାପମାତ୍ରା ହ୍ରାସ ପାଇବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ତେବେ ଦୁଇଦିନ ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇପାରେ। ଓଡ଼ିଶା ଉପରେ ରହିଛି ଟ୍ରଫ୍‌ଲାଇନ୍। ଯାହାକି ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ମୁହାଁ ହୋଇଯାଉଛି। ଏହା ପ୍ରଭାବରେ ଆସନ୍ତା ୨୪ଘଣ୍ଟାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। କାଳବୈଶାଖୀ ପ୍ରକୋପ ରହିବ। ଆସନ୍ତା ୫ ତାରିଖ ଯାଏଁ କାଳବୈଶାଖୀ ନେଇ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ। ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି, ବାୟୁମଣ୍ଡଳର ଉପରି ଭାଗରେ ଯଥେଷ୍ଟ ଜଳୀୟବାଷ୍ପ ନାହିଁ। ଆସନ୍ତା ୭ତାରିଖ ଯାଏଁ ତାପମାତ୍ରା ୪୦ଭିତରେ ରହିବ। ସେପଟେ ୨୦ପୂର୍ବରୁ ମୌସୁମୀର ଆଗମନ ନାହିଁ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ।






# ଆଜିର ରାଶିଫଳ

**ମେଷ** – ଆର୍ଥିକ ଉନ୍ନତିର ଦିନ। ବିଭିନ୍ନ ସୂତ୍ରରୁ ଧନ ପ୍ରାପ୍ତିର ଯୋଗ ରହିଛି। ପୁରୁଣା ବନ୍ଧୁମାନଙ୍କ ସହ ସାକ୍ଷାତ ହେବା ଫଳରେ ମନ ପ୍ରଫୁଲ୍ଲ ରହିବ। ଦୀର୍ଘ ଦିନରୁ ଥିବା ଆଶା ସଫଳ ହେବ।

**ବୃଷ** – କର୍ମକ୍ଷେତ୍ରରେ ଆପଣଙ୍କର ଦକ୍ଷତା ପ୍ରମାଣିତ ହେବ। ଚାକିରିରେ ନୂତନ ସୁଯୋଗ କିମ୍ବା ପଦୋନ୍ନତି ମିଳିପାରେ। ପିତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ସାହାଯ୍ୟ ଓ ପରାମର୍ଶ ପାଇବେ। ସାମାଜିକ ସ୍ତରରେ ଆପଣଙ୍କର ମାନ ସମ୍ମାନ ବହୁଗୁଣିତ ହେବ।

**ମିଥୁନ** – ଭାଗ୍ୟ ଆପଣଙ୍କ ସପକ୍ଷରେ ରହିବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇ ମନରେ ଶାନ୍ତି ଅନୁଭବ କରିବେ। ଉଚ୍ଚଶିକ୍ଷା ପାଇଁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ। ଦୂର ଯାତ୍ରା ପାଇଁ ଦିନଟି ବହୁତ ଭଲ।

**କର୍କଟ** – କର୍କଟ- ସବୁ କାର୍ଯ୍ୟରେ ସତର୍କ ରହିବା ଜରୁରୀ। ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇପାରେ ତେଣୁ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ଯାନବାହନ ଚଳାଇବା ସମୟରେ ବିଶେଷ ସାବଧାନ ରୁହନ୍ତୁ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ଥଗିତ ରଖିବା ଭଲ।

**ସିଂହ** – ଦାମ୍ପତ୍ୟ ଜୀବନରେ ମଧୁରତା ଭରି ରହିବ। ବ୍ୟବସାୟରେ ନୂଆ ଚୁକ୍ତି କରିବାରେ ସଫଳ ହେବେ। ଜୀବନସାଥୀଙ୍କ ସହଯୋଗ ଆପଣଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ସାମାଜିକ କ୍ଷେତ୍ରରେ ନୂତନ ବନ୍ଧୁତା ସ୍ଥାପନ ହୋଇପାରେ।

**କନ୍ୟା** – ଶତ୍ରୁମାନେ ଆପଣଙ୍କ ପରାକ୍ରମ ଆଗରେ ହାର୍ ମାନିବେ। କୋର୍ଟ କଚେରୀ ମାମଲାରେ ବିଜୟୀ ହେବାର ଯୋଗ ରହିଛି। ଶରୀର ସୁସ୍ଥ ରହିବ ଏବଂ କାର୍ଯ୍ୟରେ ଉତ୍ସାହ ବଢ଼ିବ। ମାମୁଘର ପକ୍ଷରୁ କୌଣସି ଶୁଭ ଖବର ପାଇପାରନ୍ତି।

**ତୁଳା** – ସନ୍ତାନଙ୍କ ପକ୍ଷରୁ ଶୁଭ ସମ୍ବାଦ ପାଇ ଗର୍ବିତ ହେବେ। କଳା ଏବଂ ସାହିତ୍ୟ କ୍ଷେତ୍ରରେ ରୁଚି ବଢ଼ିବ। ପ୍ରେମ ସମ୍ପର୍କରେ ଥିବା ବ୍ୟକ୍ତିଙ୍କ ପାଇଁ ଦିନଟି ଅତ୍ୟନ୍ତ ଆନନ୍ଦଦାୟକ। ଶିକ୍ଷା କ୍ଷେତ୍ରରେ ଆପଣଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିବ।

**ବିଛା** – ପାରିବାରିକ ସୁଖ ଶାନ୍ତିରେ ସମୟ ଅତିବାହିତ କରିବେ। ମାତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ଏବଂ ତାଙ୍କ ଆଶୀର୍ବାଦ ଲାଭ କରନ୍ତୁ। ଭୂମି କିମ୍ବା ଯାନବାହନ କ୍ରୟ ପାଇଁ ଯୋଜନା କରିପାରନ୍ତି। ମନ ଭିତରେ କିଛି ନୂତନ ଭାବନା ଜନ୍ମ ନେବ।

**ଧନୁ** – ସାହସ ଏବଂ ଶକ୍ତି ବଢ଼ିବ। ଭାଇଭଉଣୀଙ୍କ ଠାରୁ ପୂର୍ଣ୍ଣ ସମର୍ଥନ ଏବଂ ସ୍ନେହ ମିଳିବ। ଅଳ୍ପ ଦୂର ଯାତ୍ରା ପାଇଁ ଯୋଜନା ସଫଳ ହେବ। କର୍ମକ୍ଷେତ୍ରରେ ଆପଣଙ୍କର ପରାକ୍ରମ ଅନ୍ୟମାନଙ୍କୁ ପ୍ରଭାବିତ କରିବ।

**ମକର** – ଆର୍ଥିକ ଦିଗରୁ ଦିନଟି ବହୁତ ଲାଭଦାୟକ। ପରିବାରରେ କୌଣସି ଉତ୍ସବର ବାତାବରଣ ରହିପାରେ। ଆପଣଙ୍କର ମଧୁର ବାଣୀ ଦ୍ୱାରା ଜଟିଳ କାର୍ଯ୍ୟ ସରଳ ହୋଇଯିବ। ପୁରୁଣା ବାକି ଟଙ୍କା ଫେରି ପାଇବାର ସମ୍ଭାବନା ଅଛି।

**କୁମ୍ଭ** – ଚନ୍ଦ୍ର ଆପଣଙ୍କ ରାଶିରେ ଥିବାରୁ ଆତ୍ମବିଶ୍ୱାସରେ ଭରପୁର ରହିବେ। ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତି ଅନୁଭବ କରିବେ। ନିଜର ବ୍ୟକ୍ତିତ୍ୱ ଏବଂ ଶୈଳୀରେ ଉନ୍ନତି ଆଣିବେ। ସବୁ କାର୍ଯ୍ୟରେ ନିଜର ପ୍ରଭାବ ବିସ୍ତାର କରିବେ।

**ମୀନ** – ଅନାବଶ୍ୟକ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଦୂର ଯାତ୍ରା କରିବା ସମୟରେ ଅତି ସାବଧାନ ରୁହନ୍ତୁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାଇଲେ ମାନସିକ ଶାନ୍ତି ମିଳିବ। କୌଣସି ଗୁପ୍ତ ଚିନ୍ତା ଯୋଗୁ ମନ ସାମାନ୍ୟ ଭାରାକ୍ରାନ୍ତ ରହିପାରେ।

# ପନିର ଚଟପଟି

**ଆବଶ୍ୟକ ସାମଗ୍ରୀ –** ପନିର, କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା, ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଟମାଟୋ ସସ୍, ଚିଲି ସସ୍, ଖାଇବା କଲର୍, ଗରମ ମସଲା ଗୁଣ୍ଡ ଓ ତେଲ

**ପ୍ରସ୍ତୁତି ପ୍ରଣାଳୀ –** ପ୍ରଥମେ ପନିରକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତେଲ ଗରମ କରି ଏଗୁଡ଼ିକୁ ଲାଲ୍ ହେବା ଯାଏ ଭାଜି ଏକ ପାତ୍ରରେ କାଢ଼ି ରଖନ୍ତୁ।ଏବେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା ପକାଇ ହାଲକା ଭାଜନ୍ତୁ। ଏଥିରେ ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଅଳ୍ପ ଟମାଟୋ ସସ୍ ଓ ଅଳ୍ପ ଚିଲି ସସ୍ ପକାଇ ଭଲ ଭାବେ କଷି ଦିଅନ୍ତୁ। ପରେ କଲର୍ ପାଉଡର ଅଳ୍ପ ପକାଇ ଦିଅନ୍ତୁ। ମସଲା କଷି ହୋଇଗଲେ ଅଳ୍ପ ପାଣି ଦେଇ ଗରମ ମସଲା ଗୁଣ୍ଡ ପକାଇ ଭଜା ପନିରକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ମସଲା ଟିକେ ଶୁଖିଲା ହୋଇଗଲେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଏହାକୁ ଏକ ପ୍ଲେଟ୍କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପନିର ଚଟପଟି'। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



# କିପରି ଦୂର କରିବେ ପିଲାଙ୍କ ନକାରାତ୍ମକ ଚିନ୍ତାଧାରା



**ପିଲାଙ୍କୁ ଭଲ ମନ୍ଦ ମଧ୍ୟରେ ଫରକ ବୁଝାନ୍ତୁ:** ବେଳେବେଳେ ପିଲାଙ୍କୁ ନକାରାତ୍ମକ ଓ ସକାରାତ୍ମକ ମଧ୍ୟରେ ଥିବା ଫରକ ଜଣା ପଡ଼େନାହିଁ। ଏହାଦ୍ୱାରା ପିଲା ନକାରାତ୍ମକ ଚିନ୍ତାଧାରା ଆଡ଼କୁ ଆକର୍ଷିତ ହୁଅନ୍ତି। ଏମିତିରେ ପିଲାକୁ ଭଲ ମନ୍ଦ ବିଷୟରେ ବୁଝାନ୍ତୁ। ପିଲାକୁ ପଜିଟିଭ୍ ଏନର୍ଜି ପ୍ରତି ଅଧିକ ମୋଟିଭେଟ୍ କରିପାରନ୍ତି। ନେଗେଟିଭ୍ ଥିଙ୍କିଙ୍ଗ୍ ରଖିବା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ।

**ନିଜେ ପଜିଟିଭ୍ ରୁହନ୍ତୁ:** ପିଲାମାନେ ପ୍ରାୟ ପ୍ୟାରେଣ୍ଟଙ୍କ କେତେକ ଅଭ୍ୟାସକୁ କପି କରିଦିଅନ୍ତି। ଏମିତିରେ ପିଲାଙ୍କ ନେଗେଟିଭିଟି ଦୂରିକରିବାକୁ ହେଲେ ମାତାପିତାଙ୍କୁ ପଜିଟିଭି ରହିବା ବହୁତ ଜରୁରୀ। ଏଥିପାଇଁ ପିଲାଙ୍କ ସାମ୍ନାରେ ସବୁ ଜିନିଷର ସକାରାତ୍ମକ ସାଇଡ୍ ଦେଖନ୍ତୁ। ସବୁ ଜିନିଷର ନେଗେଟିଭିଟିଠୁ ଦୂରେଇ ରୁହନ୍ତୁ। ଫଳରେ ପିଲା ଧୀରେ ଧୀରେ ପଜିଟିଭି ହେବାକୁ ଲାଗିବ।

ପିଲାଙ୍କ ସମସ୍ୟାର କାରଣ କ'ଣ ଖୋଜି ବାହାର କରନ୍ତୁ: ପିଲା ନେଗେଟିଭିଟିର କ'ଣ କାରଣ ରହିଛି ତାହାକୁ ଖୋଜି ବାହାର କରନ୍ତୁ। ପିଲାଙ୍କୁ ସବବେଳେ ନକାରାତ୍ମକ ଚିନ୍ତାଠାରୁ ଦୂରେଇ ରଖନ୍ତୁ। ପିଲାଙ୍କ ସବୁ କଥା ଶୁଣି ସାରିବା ପରେ ତାଙ୍କୁ ସକାରାତ୍ମକ ଭାବେ ବୁଝାନ୍ତୁ।

**ଭଲ ଜିନିଷରେ ଫୋକସ୍ କରିବା ଶିଖାନ୍ତୁ:** ନେଗେଟିଭ୍ ଥିଙ୍କିଙ୍ଗ୍ ରଖୁଥିବା ପିଲା ସବୁବେଳେ ଖରାପ ଜିନିଷ ପ୍ରତି ମନ ଦିଅନ୍ତି। ନେଗେଟିଭ୍ ଏନର୍ଜିରେ ଧ୍ୟାନ ଦେଉଥିବା ପିଲା ସବୁବେଳେ ଦୁଃଖୀ ରୁହନ୍ତି। ଏମିତିରେ ପିଲାଙ୍କୁ ଅଧିକରୁ ଅଧିକ ସକାରାତ୍ମକ ଚିନ୍ତାଧାରା ସହ ଜଡ଼ିତ ରଖିବାକୁ ଚେଷ୍ଟା କରାନ୍ତୁ। ଏହାଦ୍ୱାରା ପିଲା ଭଲ ଜିନିଷ ପ୍ରତି ଧ୍ୟାନଦେବ ଓ ଖୁସି ରହିବ।

# ଜୁନ୍ ୧ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ'




ଭାରତୀୟ ସଂସ୍କୃତିରେ ମାତାପିତାଙ୍କୁ ଚଳନ୍ତି ଭଗବାନ ମାନ୍ୟତା ଦିଆଯାଇଛି। କୁହାଯାଏ ଯେ, ମାତାପିତା ହେଉଛନ୍ତି ଭଗବାନଙ୍କ ଦ୍ୱାରା ଦିଆଯାଇଥିବା ସବୁଠାରୁ ମୂଲ୍ୟବାନ ଉପହାର ଏବଂ ଜୀବନରେ କେହି ସେମାନଙ୍କ ସ୍ଥାନ ନେଇ ପାରିବେ ନାହିଁ। ମାତାପିତାଙ୍କ ଉତ୍ସର୍ଗ, ପ୍ରେମ ଓ ବଳିଦାନକୁ ସମ୍ମାନ ଦେବା ପାଇଁ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ' ପ୍ରତିବର୍ଷ ଜୁନ ୧ରେ ପାଳନ କରାଯାଏ। ମାତାପିତାଙ୍କ ବଳିଦାନକୁ ପ୍ରଶଂସା କରିବା ପାଇଁ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ' ଏକ ବିଶେଷ ସୁଯୋଗ ପ୍ରଦାନ କରେ। ଜାତିସଂଘର ସାଧାରଣ ସଭା ଦ୍ୱାରା ୨୦୧୨ରେ ଏକ ସଂକଳ୍ପ ପାରିତ କରି ଜୁନ୍ ୧କୁ 'ଗ୍ଲୋବାଲ ପ୍ୟାରେଣ୍ଟସ ଡେ' ଭାବେ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ବିଭିନ୍ନ ଦେଶରେ ଏହା ବିଭିନ୍ନ ତାରିଖରେ ପାଳନ କରାଯାଏ। ଆମେରିକାରେ ଯେପରି ଏହା ଜୁଲାଇ ମାସର ଚତୁର୍ଥ ରବିବାର, ଦକ୍ଷିଣ କୋରିଆ ମେ ୮ରେ ପାଳନ କରାଯାଏ। ଦୈନନ୍ଦିନ ଜୀବନରେ ଦାୟିତ୍ୱପ୍ରାପ୍ତ ମାତାପିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ଦିନଟି ସ୍ୱୀକୃତି ଦେଇଥାଏ।

# ଖାଲିପେଟରେ କ'ଣ ଖାଇବା ମାରାତ୍ମକ

ସକାଳ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରୀ। ସକାଳେ ଆମେ ଯାହା ବି ଖାଉ, ଶରୀର ଉପରେ ତା'ର ସବୁଠୁ ଅଧିକ ପ୍ରଭାବ ପଡିଥାଏ। ତେଣୁ ସକାଳ ଖାଦ୍ୟ ଯେତେ ସନ୍ତୁଳିତ, ପୋଷଣଯୁକ୍ତ ହେବ ସେତେ ଭଲ। କିନ୍ତୁ କେତେକେ ସକାଳେ କଫି/ଚା' ପିଇବାକୁ ଭଲ ପାଆନ୍ତି। ହେଲେ ସକାଳୁ ଖାଲି ପେଟରେ ଏହାକୁ ପିଇବା ସ୍ୱାସ୍ଥ୍ୟପ୍ରଦ ନୁହେଁ। ଯଦି କଫି/ଚା' ପିଇବା ନିହାତି ଆବଶ୍ୟକ, ତା'ହେଲେ ପ୍ରଥମେ ପାଣି ପିଅନ୍ତୁ। ତା'ପରେ ଏହା ସହିତ ରୁଟି, ପରଟା କିମ୍ବା ବିସ୍କୁଟ୍ ଖାଇବାର ଅଭ୍ୟାସ କଲେ ଭଲ ହେବ। ସେହିପରି କେତେକେ ଫିଟ୍ନେସ୍ କିମ୍ବା ୱେଟ୍ ଲସ୍ ପାଇଁ ସକାଳେ ସାଲାଡ୍ ଖାଇଥାନ୍ତି। ଏହା ବି ଶରୀର ପାଇଁ ଆଦୌ ଠିକ୍ ନୁହେଁ। କାରଣ ସାଲାଡ୍ ଖାଇବାର ସବୁଠୁ ଭଲ ସମୟ ହେଉଛି ଲଞ୍ଚ୍ ଟାଇମ୍। ଅନ୍ୟପକ୍ଷେ ଏକ ଗବେଷଣାରୁ ଜଣାପଡିଛି, ଗୋଟିଏ ମିଡିୟମ୍ ସାଇଜ୍ର ସେଓକୁ ଡାଇଜେଷ୍ଟ କରିବା ପାଇଁ ୧/୨ ଘଣ୍ଟା ସମୟ ଲାଗିଥାଏ। ତେଣୁ ସକାଳେ ଖାଲିପେଟରେ ସେଓ ଖାଇବା ଦ୍ୱାରା ହଜମକ୍ରିୟାକୁ ନେଇ ସମସ୍ୟା ଦେଖାଯିବାର ଆଶଙ୍କା ରହିଥାଏ। ଆଉ କେତେକେ ସକାଳେ ଲସି ପିଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଖାଲିପେଟରେ ଲସି ପିଇଲେ ବି ଶରୀରକୁ କ୍ଷତି ପହଞ୍ଚିଥାଏ। ସେହିପରି ଏମିତି ଅନେକେ ଅଛନ୍ତି, ଯେଉଁମାନେ କି ସକାଳେ ଛଣାଛଣି, ଫାଷ୍ଟଫୁଡ୍ ଖାଇବାକୁ ଭଲ ପାଆନ୍ତି; କିନ୍ତୁ ଏହାର କୁପ୍ରଭାବ ସେମାନଙ୍କର ହଜମଶକ୍ତି ଉପରେ ପଡିବା ସହ ଶରୀରର ଓଜନ ବଢାଇଥାଏ।





# ଜାଣନ୍ତୁ ଫୂର୍ତ୍ତି ରହିବେ କିପରି...

ଯେ କୌଣସି କାମ ହେଉନା କାହିଁକି, ତାକୁ କରିବା ପାଇଁ ଶାରୀରିକ ଓ ମାନସିକ ସ୍ତରରେ ସର୍ବଦା ପ୍ରସ୍ତୁତ ରହିବାକୁ ଫୂର୍ତ୍ତି ବା ଆକ୍ଟିଭ୍ନେସ୍ କୁହାଯାଏ। ଯେଉଁ ବ୍ୟକ୍ତି ଜୀବନରେ ଯେତେ ଫୂର୍ତ୍ତି ଥାନ୍ତି, ତାଙ୍କୁ ସଫଳତା ସେହି ମାତ୍ରାରେ ହିଁ ମିଳିଥାଏ। ତେଣିକି ସେ ପାଠପଢା ହେଉ ଅବା ଖେଳକୁଦ କିମ୍ବା କ୍ୟାରିୟର। ତେବେ ଏହି ଫୂର୍ତ୍ତିପଣକୁ ବଢାଇବା ପାଇଁ ସେମିତି କିଛି ଖାସ୍ କାମ କରିବାର ଆବଶ୍ୟକତା ନଥାଏ। କେତୋଟି ସହଜ ଉପାୟ ଆପଣେଇ ମଧ୍ୟ ନିଜକୁ ଫିଟ୍ ରଖିବା ସହ ମନ ଭିତରେ ଆକ୍ଟିଭ୍ନେସ୍କୁ ବଢାଇହେବ। ଯେମିତିକି:

ଠିକ୍ ସମୟରେ ସୁଷମ ଖାଦ୍ୟ ଖାଇବା ଓ ପ୍ରର୍ଯ୍ୟାପ୍ତ ପାଣି ପିଇବା। ରାତିରେ ଅନ୍ତତଃ ୮ ଘଣ୍ଟା ଭଲରେ ଶୋଇବା। କାରଣ ରାତିରେ ଭଲ ନିଦ ନହେଲେ ତା'ପରଦିନ କୌଣସି କାମ କରିବାକୁ ଇଚ୍ଛା ହୁଏନି, ଚିଡିଚିଡ଼ି ଲାଗେ, ଅଳସ ଲାଗେ। ସେହିପରି ପ୍ରତିଦିନ ବ୍ୟାୟାମ୍ କଲେ ବି ଶରୀର ଫୂର୍ତ୍ତି ରହିଥାଏ। ଆବଶ୍ୟକ ପଡିଲେ ସକାଳୁ କିଛି ସମୟ ଜଗିଙ୍ଗ୍ କରିପାରିବେ; ଏହାଦ୍ୱାରା ଶରୀରରେ ଥିବା ଚର୍ବି ଅଂଶ କମିବା ସହ ରକ୍ତ ସଞ୍ଚାଳନ ଠିକ୍ରେ ହୋଇଥାଏ। ଦରକାର ହେଲେ କିଛି ସମୟ ଆଉଟଡ୍ଡୋର୍ ଗେମ୍ ବି ଖେଳିପାରିବେ; ଏହା ବି ମସ୍ତିଷ୍କ ଉପରେ ଭଲ ପ୍ରଭାବ ପକାଇଥାଏ। ଏଥିସହିତ ନିଶାସେବନଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ସହ ଚିନ୍ତାମୁକ୍ତ ରହିବେ ଉଭୟ ଶାରିରୀକ ଓ ମାନସିକ ସ୍ତରରେ ଆପଣ ସେତେ ଦୃଢ ହୋଇପାରିବେ ଆଉ ଫୂର୍ତ୍ତି ଅନୁଭବ କରିପାରିବେ।

# ଘରର ମୁଖ୍ୟଦ୍ୱାର ପାଇଁ ଶୁଭ ଏହି ଗଛ



ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଗଛ ଅଛି; ଯାହାକୁ ଘରର ମୁଖ୍ୟଦ୍ୱାର ନିକଟରେ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। ଯେମିତି କି: ତୁଳସୀ ଗଛ- ଏହି ଗଛ ଧାର୍ମିକ ଦୃଷ୍ଟିରୁ ଯେମିତି ପବିତ୍ର, ବାସ୍ତୁ ଅନୁଯାୟୀ ସେମିତି ଶୁଭ ମଧ୍ୟ। ଏହାକୁ ମୁଖ୍ୟ ଦ୍ୱାର ନିକଟରେ ଲଗାଇଲେ ଘର ମଧ୍ୟକୁ ସକାରାତ୍ମକ ଉର୍ଜା ପ୍ରବେଶ କରି ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।

ମଲ୍ଲି ଗଛ- ମୁଖ୍ୟଦ୍ୱାରରେ ଏହି ଗଛ ଲଗାଇଲେ, ମଲ୍ଲି ଫୁଲର ସୁବାସିତ ବାସ୍ନାରେ ମନ ପ୍ରଫୁଲ୍ଲିତ ରହିବା ସହିତ ଘରକୁ ପଜିଟିଭ୍ ଏନର୍ଜି ଆସିଥାଏ ବୋଲି ବିଶ୍ୱାସ ରହିଛି। ମନିପ୍ଲାଣ୍ଟ- ଏହି ଗଛକୁ ଘର ଭିତରେ ହେଉ ଅବା ବାହାରେ ଯେଉଁଠି ବି ଲଗାଇଲେ ଏହା ସର୍ବଦା ଶୁଭଫଳ ହିଁ ଦେଇଥାଏ। ବିଶେଷକରି ଘରର ମୁଖ୍ୟଦ୍ୱାରରେ ଏହି ଗଛକୁ ରଖିଲେ ସୁଖସମୃଦ୍ଧି ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି।

ଏରିକା ପାମ୍- ଏହା ଏକପ୍ରକାର ଏୟାର୍ ପ୍ୟୁରିଫାୟାର୍ ପ୍ଲାଣ୍ଟ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ଗଛକୁ ମଧ୍ୟ ଘରର ମୁଖ୍ୟଦ୍ୱାରରେ ରଖିଲେ ଘରେ ସକାରାତ୍ମକ ଉର୍ଜା ବଢିଥାଏ। ଏହାଛଡ଼ା ବୋଷ୍ଟନ ଫର୍ନ ପ୍ଲାଣ୍ଟ, ସିଟ୍ରସ୍ ଟ୍ରିକୁ ବି ମୁଖ୍ୟଦ୍ୱାର ନିକଟରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ।



# ବଲିଉଡ୍ ଅଭିନେତ୍ରୀ ଶମିତା ସେଟ୍ଟି

ବଲିଉଡ୍ ଅଭିନେତ୍ରୀ ଶମିତା ସେଟ୍ଟି ପୁଣିଥରେ ସୋସିଆଲ୍ ମିଡିଆରେ ଟ୍ରୋଲରମାନଙ୍କୁ କଡା ଭାବରେ ଜବାବ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ସେ ନିଜ ଇନ୍ଷ୍ଟାଗ୍ରାମ୍ ଷ୍ଟୋରୀରେ ଜଣେ ଟ୍ରୋଲରଙ୍କୁ ସର୍ବସାଧାରଣଙ୍କ ସମ୍ମୁଖରେ କଡ଼ା ଜବାବ ଦେଇଛନ୍ତି। ଏହି ବ୍ୟକ୍ତି ଦୀର୍ଘଦିନ ଧରି ଶମିତାଙ୍କ ବୟସ ଏବଂ ବିବାହକୁ ନେଇ ଅପମାନଜନକ କମେଣ୍ଟ କରୁଥିବା କୁହାଯାଉଛି। ଶମିତା କେବଳ ତାଙ୍କୁ ଉତ୍ତର ଦେଇ ରହିଯାଇ ନଥିଲେ, ବରଂ ସେହି ବ୍ୟକ୍ତିଙ୍କ ପ୍ରୋଫାଇଲର ସ୍କ୍ରିନ୍ସଟ୍ ମଧ୍ୟ ନିଜ ଷ୍ଟୋରିରେ ସେୟାର କରିଥିଲେ। ଟ୍ରୋଲରଙ୍କ ନାମ ପଙ୍କଜ ମିତ୍ତଲ ବୋଲି ଜଣାପଡ଼ିଛି। ବୟସକୁ ନେଇ କରାଯାଇଥିବା କମେଣ୍ଟର ଜବାବରେ ଶମିତା ଲେଖିଥିଲେ, "ହଁ, ସମୟ ସହିତ ଲୋକଙ୍କ ଶାରୀରିକ ରୂପ ବଦଳେ। ଏହା ସ୍ୱାଭାବିକ। କିନ୍ତୁ ଆଜି ମୁଁ ମୋ ବୟସ ଅନୁଯାୟୀ ସୁସ୍ଥ, ଫିଟ୍ ଏବଂ ଖୁସି ଅଛି। ଭଗବାନ୍ ଯାହା ଦେଇଛନ୍ତି, ସେଥିପାଇଁ ମୁଁ କୃତଜ୍ଞ।" ଏଥିସହିତ ଟ୍ରୋଲର ତାଙ୍କ ବିବାହକୁ ନେଇ ମଧ୍ୟ ଅସଭ୍ୟ ମନ୍ତବ୍ୟ ଦେଇ ଲେଖିଥିଲେ, "ସମୟରେ ବିବାହ କରିଥାନ୍ତେ, ଆଜି ଆପଣଙ୍କ ପିଲାମାନେ ବଡ଼ ହୋଇଯାଇଥାନ୍ତେ।" ଏହାର ଜବାବରେ ଶମିତା କହିଥିଲେ, "ଆପଣମାନେ ଆମ ପରି ସିଙ୍ଗଲ୍ ମହିଳାଙ୍କୁ ଫଲୋ କାହିଁକି କରନ୍ତି ? କେବଳ ଆମ ବୟସ ଓ ବିବାହକୁ ନେଇ ଚର୍ଚ୍ଚା କରିବା ପାଇଁ ? ଦୟାକରି ମୋତେ ଅନଫଲୋ କରନ୍ତୁ।"

cmyk cmyk cmyk




ରାଜ୍ୟ
ପ୍ରଜାତନ୍ତ୍ର
କଟକ
୧ - ୦୬ -୨୦୨୬



# ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' ଶୁଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ସଦସ୍ୟ



ଭୁବନେଶ୍ୱର, (ପିପିଏସ୍) : ମନ୍ କି ବାତ୍ ଓଡ଼ିଶାର ବେଲପଣାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହାସହିତ ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥିସହ ଦେଶର ବିଭିନ୍ନ ସ୍ଥାନର ପାନୀୟକୁ ନେଇ ଆଲୋଚନା କରିଛନ୍ତି । ଓଡ଼ିଶାର ବେଲପଣା ସହ ସୁସ୍ୱାଦୁ ଆମ୍ବକୁ ପ୍ରଶଂସା କରିଛନ୍ତି । ପେଟକୁ ଥଣ୍ଡା ରଖୁଥିବା ବେଲପଣା ପିଇବାକୁ ପରାମର୍ଶ ଦେଇଛନ୍ତି। ରବିବାର ଦିନ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳରେ କୁଳପତିମାନେ ଲୋକ ଭବନର ନ୍ୟୁଅଭିଷେକ ହଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' କାର୍ଯ୍ୟକ୍ରମ ଶୁଣିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, ଜଳ ସଂରକ୍ଷଣ, ଭାରତର କ୍ରୀଡା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟର ରାଜନୈତିକ ନେତୃତ୍ୱ, ପ୍ରଶାସକ ଏବଂ ଶିକ୍ଷାବିତଙ୍କୁ ଏକାଠି କରିଥିଲା ଓ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଏବଂ ପଦକ୍ଷେପକୁ ପ୍ରତିଫଳିତ କରିଥିଲା।

ଲୋକଭବନରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତିଙ୍କ ସହ ମନ୍ କୀ ବାତ ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରିଷ୍ଠ ମନ୍ତ୍ରୀଗଣ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଭାଗିଦାରୀ ଏବଂ ସମାଜ ସଂସ୍କାର ଉପରେ ଆଧାରିତ, ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରେରଣାଦାୟୀ ବିଚାର ଆମ ସମସ୍ତଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି। ଏହା ଆମକୁ ଦେଶ ତଥା ରାଜ୍ୟର ସର୍ବାଙ୍ଗୀନ ବିକାଶ ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ନୂତନ ଶକ୍ତି ଓ ପ୍ରେରଣା ପ୍ରଦାନ କରିବ।

ମନ୍ କୀ ବାତରେ ବେଲପଣା'ର ପ୍ରଶଂସା କରିଥିବାରୁ ପିଏମ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆଜି ମନ୍ କୀ ବାତ କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ଓ ସ୍ୱାସ୍ଥ୍ୟବର୍ଦ୍ଧକ 'ବେଲପଣା'ର ପ୍ରଶଂସା କରିଥିବାରୁ ଧନ୍ୟବାଦ। ଗ୍ରୀଷ୍ମ ଋତୁରେ ଶରୀରକୁ ସୁସ୍ଥ ଓ ଶୀତଳ ରଖିବା ପାଇଁ ବେଲପଣାର ଗୁରୁତ୍ୱ ଅତୁଳନୀୟ । ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରେରଣାଦାୟୀ ବାର୍ତ୍ତା ଆମର ସ୍ଥାନୀୟ ପରମ୍ପରା, ସଂସ୍କୃତି ଏବଂ ଖାଦ୍ୟପେୟର ଗୌରବକୁ ସମଗ୍ର ଦେଶରେ ଆହୁରି ବଢ଼ାଇବାରେ ସହାୟକ ହେବ।

# ଫୁଲ କୁଣ୍ଡରେ ଛେଚି ଯୁବକଙ୍କୁ ହତ୍ୟା



ବ୍ରହ୍ମପୁର, (ପିପିଏସ୍) : ବ୍ରହ୍ମପୁରରେ ପୁଣି ଗଡ଼ିଛି ମୁଣ୍ଡ। ଗୋସାଇଁ ନୂଆଗାଁ ଥାନା ହିଲ୍‌ପାଟଣାରେ ଫୁଲ କୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ପରିତ୍ୟକ୍ତ ଘରୁ ଯୁବକଙ୍କ ଶବ ଉଦ୍ଧାର କରିଛି ପୁଲିସ। ମୃତକ ନୃସିଂହ ବେହେରା(୪୩)। ଭାବିନୀପୁରରେ ତାଙ୍କ ଭାଇଙ୍କ ଘରକୁ ବେଳେବେଳେ ଯାଉଥିଲେ ନୃସିଂହ । କିନ୍ତୁ ତାଙ୍କର କିଛି ସ୍ଥାନୀୟ ଠିକଣା ନାହିଁ ବୋଲି ଗୋସାଇଁନୂଆଗାଁ ଥାନା ଆଇଆଇସି ପ୍ରତାପ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ନେଇ ସେଠାରେ ଛାନ୍‌ଭିନ୍ କରିଛି ପୁଲିସ। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି ପୁଲିସ। ଶବ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ ଏଫ୍‌ଏମ୍‌ଟିକୁ ପଠାଯାଇଛି।

ହିଲ୍‌ପାଟଣାରୁ ସହିଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ରାସ୍ତାରେ ଥିବା ଏକ ପରିତ୍ୟକ୍ତ ଘରେ ଆଜି ସକାଳୁ ଏକ ରକ୍ତାକ୍ତ ଶବ ପଡିଥିବା କିଛି ଲୋକ ଦେଖିଥିଲେ । ଶବଟି ରକ୍ତ ଜୁଡୁବୁଡୁ ହୋଇଯାଇଛି ଏବଂ ପାଖରେ ଗୋଟିଏ ଫୁଲ କୁଣ୍ଡ ପଡିଛି। ଗୋସାଇଁନୂଆଗାଁ ଥାନାକୁ ଜଣାଇଥିଲେ ଲୋକ। କିଛି ସମୟ ମଧ୍ୟରେ ଗୋସାଇଁନୂଆଗାଁ ଥାନା ଆଇଆଇସି ପ୍ରତାପ ଚନ୍ଦ୍ର ଦାଶ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିଚୟ ଜଣାପଡିନଥିଲା। ସ୍ଥାନୀୟ ଅଞ୍ଚଳରେ ପୁଲିସ ପଚରାଉଚରା କରିବା ପରେ କିଛି ସୁରାକ୍ ପାଇଥିଲା। ସେଠାରେ ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ମୃତକଙ୍କ ପରିଚୟ ଖୋଜିବାକୁ ବିଭିନ୍ନ ଥାନା ସହ ଯୋଗାଯୋଗ କରିଥିଲା ପୁଲିସ। ସନ୍ଧ୍ୟାରେ ମୃତକଙ୍କ ପରିଚୟ ଜଣାପଡିଥିଲା। ମୃତକ ନୃସିଂହ ବେହେରାଙ୍କ ଭାଇ ଭାବିନୀପୁରରେ ରହୁଛନ୍ତି। ସେ ଆଜି ଶବ ଚିହ୍ନଟ କରିଛନ୍ତି। ତେବେ କିଛି ପରିଚୟପତ୍ର ଦେଇନଥିବାରୁ ପୁଲିସ ଶବ ହସ୍ତାନ୍ତର କରିନାହିଁ । ତାଙ୍କ ବୟାନ ପ୍ରକାରେ ନୃସିଂହ ଅବିବାହିତ। ସେ ଘରକୁ ବେଳେ ବେଳେ ଯାଏ । କିନ୍ତୁ ବାହାରେ ହିଁ ନିଶା ସେବନ କରି ରହେ। ନୃସିଂହଙ୍କୁ କାହିଁକି ଏବଂ କିଏ ହତ୍ୟା କରିଛି କିଛି ସ୍ପଷ୍ଟ ହୋଇନାହିଁ ।

ଆଇଆଇସିଙ୍କ କହିବାପ୍ରକାରେ ଗତକାଲି ରାତିରେ ବର୍ଷା ହେବା ସମୟରେ ନୃସିଂହ ସେଠାରେ ଆଶ୍ରୟ ନେଇଛି। ତାଙ୍କ ସାଙ୍ଗରେ ଅନ୍ୟ କୌଣସି ଲୋକ ବି ରହିଥିବା ସନ୍ଦେହ କରାଯାଉଛି। କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଛି ଏବଂ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ସେ କହିଛନ୍ତି। ମୃତକର ପରିଚୟ ଜଣାପଡିଲା। ସେ କାହା ସହ ଏଠାକୁ ଆସିଥିଲା ତାହାର ଅନୁସନ୍ଧାନ କରାଯାଉଛି। ଖୁବ୍‌ଶୀଘ୍ର ଅପରାଧୀ ଗିରଫ ହେବେ ବୋଲି ଆଇଆଇସି ଦାଶ କହିଛନ୍ତି। ସୂଚନାଯୋଗ୍ୟ ଶୁକ୍ରବାର ବ୍ରହ୍ମପୁର ଉପକଣ୍ଠ ଗୋଳନ୍ଥରା ଥାନା ଚାନ୍ଦପୁରରେ ସେହି ଗ୍ରାମ ହରିଜନ ସାହିର ଶାନ୍ତି ଦାସ (୭୦)ଙ୍କୁ ତଣ୍ଟି କାଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ସେହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିନଥିବାବେଳେ ପୁଣି ଏକ ହତ୍ୟାକାଣ୍ଡ ଚିନ୍ତା ବଢ଼ାଇଛି।

# ଦୁଇଘଣ୍ଟା ଧରି ସର୍ପବନ୍ଧନରେ ଅସହାୟ ବୃଦ୍ଧ



ହରଭଙ୍ଗା : ବିଭିନ୍ନ ଚଳଚିତ୍ର, ରାମାୟଣ ଭଳି ପୌରାଣିକରେ ସମସ୍ତେ ସର୍ପ ବନ୍ଧନ କଥା ଶୁଣିଥିବେ ଦେଖିଥିବେ ମଧ୍ୟ । କିନ୍ତୁ ବାସ୍ତବରେ ଜଣେ ବୃଦ୍ଧଙ୍କୁ ସାପ ବନ୍ଧନ କରି ରଖିଥିବା କଥା କାନକୁ ଅଡୁଆ ଲାଗିଲେ ବି ସତ,ଏଭଳି ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େଣିଗଡ଼ ଗ୍ରାମରେ ।ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ଆଡେଣିଗଡ଼ ଗାଁର କୃଷ୍ଣ ଚନ୍ଦ୍ର ସାହୁ ଜଣେ ପକ୍ଷାଘାତ ରୋଗୀ। ଗତକାଲି ବିଳମ୍ବିତ ରାତିରେ ସେ ଘରେ ଶୋଇଥିଲେ। ଘରର ଝରକା ଖୋଲା ଥିଲା। ଏହି ସମୟରେ ଝରକା ଦେଇ ଏକ ବିଷଧର ସାପ ଘର ଭିତରକୁ ପଶି ଆସିଥିଲା ଏବଂ ଶୋଇଥିବା ସମୟରେ କୃଷ୍ଣଙ୍କ ଶରୀର ଉପରକୁ ଚଢ଼ି ଯାଇଥିଲା। କୃଷ୍ଣ ଯେତେବେଳେ ଏହା ଜାଣିବାକୁ ପାଇଲେ, ସେତେବେଳେ ସେ ହଠାତ୍ ଉଠି ପାରିନଥିଲେ କି କାହାକୁ ଡାକି ପାରିନଥିଲେ। କାରଣ ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ତାଙ୍କ ଶରୀରର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅଚଳ ରହିଛି। କିଛି ସମୟ ପରେ କୃଷ୍ଣ ଉଠିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ସେତେବେଳକୁ ସାପଟି କୃଷ୍ଣଙ୍କ ହାତକୁ ଏକ ଚେୟାର ସହ ଜୋରରେ ଗୁଡ଼ାଇ ବାନ୍ଧି ସାରିଥିଲା। ପରେ କୃଷ୍ଣଙ୍କ ବିକଳ ପାଟି ଶୁଣି ଯେତେବେଳେ ପରିବାର ଲୋକେ ଏହା ଦେଖିଲେ, ସେମାନେ ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇପଡ଼ିଥିଲେ। ଶେଷରେ ପରିବାର ଲୋକଙ୍କ ପ୍ରାୟ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ସାପ କବଳରୁ କୃଷ୍ଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ପରେ ସାପଟି କୁ ଘର ବାହାରକୁ ସୁରକ୍ଷିତ ଛାଡି ଦିଆଯାଇଥିଲା । ଏବେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ପୂରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ରାଜ୍ୟରେ ୧୫ ଦିନ ଭିତରେ ଭତ୍ତା ସମସ୍ୟାର ସମାଧାନ: ମନମୋହନ

ଭୁବନେଶ୍ୱର, (ପିପିଏସ୍): ରାଜ୍ୟରେ ୧୫ ଦିନ ଭିତରେ ଭତ୍ତା ସମସ୍ୟାର ସମାଧାନ ହେବ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ସାଂସଦ ମନମୋହନ ସାମଲ । ସେ କହିଛନ୍ତି ଯେ, ନୂଆ ସଫ୍ଟୱୟାର ପାଇଁ ଦୁଇ ମାସ ଧରି ଭତ୍ତା ଦେବାରେ ବ୍ୟତିକ୍ରମ ହୋଇଛି। ଯେଉଁମାନେ କ୍ୟାସ୍ ଆକାରରେ ଭତ୍ତା ପାଉଥିଲେ ସେମାନଙ୍କର ସମସ୍ୟା ହୋଇନି।

ଯେଉଁମାନଙ୍କ ଅନଲାଇନ୍‌ରେ ଭତ୍ତା ଯାଉଛି, ସେମାନଙ୍କର ସମସ୍ୟା



ହୋଇଛି ।କେନ୍ଦ୍ର ସରକାର ପକ୍ଷରୁ ନୂଆ କରି ସଫ୍ଟୱୟାର ଡେଭଲପ୍ କାମ ଚାଲିଛି। କେନ୍ଦ୍ର ଓ ରାଜ୍ୟ ଯୁଗ୍ମ ଭାବେ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି । ନୂଆ ସଫ୍ଟୱୟାର ପାଇଁ ଦୁଇ ମାସ ଧରି ଭତ୍ତା ଦେବାରେ ବ୍ୟତିକ୍ରମ ହୋଇଛି । ଯେଉଁମାନେ ପାଇନାହାନ୍ତି ଏକକାଳୀନ ପାଇବେ ବୋଲି ମନମୋହନ ସାମଲ କହିଛନ୍ତି।

# ସ୍ୱାମୀ ସହ ଆସି ମହାନଦୀକୁ ଡେଇଁଲେ ନବବିବାହିତା



ସୋନପୁର :ମହାନଦୀ ସେତୁ ଉପରୁ ଡେଇଁ ମହିଳା ଗୁରୁତର। ସୋନପୁର ମହାନଦୀ ସେତୁ ଉପରୁ ଆଜି ଜଣେ ମହିଳା ମହାନଦୀ ଗର୍ଭକୁ ଡେଇଁ ଜୀବ ହାରିବା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଆଜି ସକାଳେ ଜଣେ ଦମ୍ପତ୍ତି ଏକ ମୋଟର ସାଇକେଲ ରେ ଆସି ବ୍ରିଜ ଉପରେ ଅଟକି ଥିଲେ। ଉଭୟେ କିଛି ସମୟ ଫଟୋ ଉଠେଇଥିଲେ। ତେବେ ହଠାତ ମହିଳା ଜଣକ ମହିଳା ଜଣକ ମହାନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ମହାନଦୀ ରେ ଗାଧୋଉଥିବା କିଛି ଯୁବକ ହଠାତ ଘଟଣା ସ୍ଥଳକୁ ଯାଇ ମହିଳା ଜଣକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ।

ଖବର ପାଇ ଦମକଳ ବାହିନୀର କର୍ମକର୍ତ୍ତା ମଧ୍ୟ ଘଟଣା ସ୍ଥଳରେ ପହଁଚି ମହିଳାଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନରେ ଭର୍ତ୍ତି କରିଛନ୍ତି। ଗୁରୁତର ମହିଳା ଜଣକ ବର୍ତ୍ତମାନ ସୋନପୁର ଡାକ୍ତରଖାନରେ ଚିକିତ୍ସାଧୀନ ଅଛନ୍ତି। ମହିଳା ଜଣକ ସୋନପୁର ଥାନା କଇଁଫୁଲ ଅଞ୍ଚଳର ହୋଇଥିବା ଜଣାପଡିଛି । ତେବେ କାହିଁକି ଓ କେଉଁ ପରିସ୍ଥିତିରେ ମହିଳା ଜଣକ ଏଭଳି ପଦକ୍ଷେପ ନେଉଥିଲେ ତାହା ଜଣାପଡିନାହିଁ।

ସୂଚନା ଅନୁସାରେ ସୋନପୁର ଥାନା କଇଁଫୁଲ ଗ୍ରାମର ମହିଳା ଜଣକ ସ୍ୱାମୀଙ୍କ ସହ ବୁଲିବାକୁ ବାହାରିଥିଲେ। କିଛି ମାସ ପୂର୍ବରୁ ସେମାନଙ୍କ ବିବାହ ହୋଇଛି । ବାଟରେ ଆସିବା ବେଳେ କୌଣସି ବିଷୟକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ହେଲେ ପତ୍ନୀଙ୍କ ମନ ଭୁଲାଇବା ପାଇଁ ସ୍ୱାମୀ ଜଣକ ମହାନଦୀ ସେତୁରେ ବାଇକ ଅଟକାଇ ଫଟୋ ଉଠାଇଥିଲେ। ଏହାରି ଭିତରେ ନବବିବାହିତା ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି।

## ଶ୍ୱଶୁରଙ୍କୁ ହତ୍ୟାକରି ଜ୍ୱାଇଁ ଗିରଫ

# କାଠପଟାରେ ମୁଣ୍ଡକୁ ଛେଚି ହତ୍ୟା କରିଥିଲା ଜ୍ୱାଇଁ



ଅସ୍ତରଙ୍ଗ, (ପିପିଏସ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁଦୁଗଲ ଗ୍ରାମରେ ଶନିବାର ଦିନ ଉଲଗ୍ନ ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁଦୁଗଲ ଖେଳପଡିଆ ନିକଟରେ ଶନିବାର ପୂର୍ବାହ୍ନରେ ସିଦ୍ଧିପୁର ଗ୍ରାମର ଭ୍ରମରବର ନାୟକ (୮୦)ଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। କିଛି ଦିନ ହେବ ଭ୍ରମରବର ଗାଁ ଲୋକଙ୍କ ସହ ବିବାଦ କରି ସିଦ୍ଧିପୁର ନିକଟରେ ଏକ ନୂଆ ଘର ନିର୍ମାଣ କରୁଥିଲେ। ତାଙ୍କ ନିକଟରେ ସାନ ଝିଅ ଓ ଜ୍ୱାଇଁ ମଧ୍ୟ ରହୁଥିଲେ। ତେବେ ଜ୍ୱାଇଁ ସୁଫି ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ବିଭିନ୍ନ କାରଣକୁ ନେଇ ଶ୍ୱଶୁର ଓ ଜ୍ୱାଇଁ ମଧ୍ୟରେ ପାଟିତୁଣ୍ଡ ହୁଏ। ଦିନକୁ ଦିନ ପାରିବାରିକ କଳହ ଉଗ୍ରରୂପ ନେଇଥିଲା ।ଶନିବାର ଭ୍ରମର ଙ୍କ ମୃତଦେହ ଖେଳ ପଡିଆ ନିକଟରୁ ମିଳିଥିଲା। ଏ ନେଇ ପୁଲିସ କୁ ଖବର ଦେବା ପରେ ପୋଲିସ ପହଂଚି ମୃତଦେହ କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଭ୍ରମର ଙ୍କ ଝିଅ ରୀନା ସ୍ୱାଇଁ ଙ୍କ ଅଭିଯୋଗ ଅନୁସାରେ ଅସ୍ତରଙ୍ଗ ଥାନା ପକ୍ଷରୁ କେଶ ନମ୍ବର ୧୪୭/ ୨୬ରେ ମାମଲା ରୁଜୁ କରିଥିବା ବେଳେ ମାତ୍ର ୫ଘଣ୍ଟା ମଧ୍ୟରେ ଫେରାର ଥିବା ଅଭିଯୁକ୍ତ ସୁପିନ୍ଦର ଉକୁଳେଇ ନିକଟରୁ ପୁଲିସ ଧରିଥିଲା ।ଯାହା କି ପୁଲିସ ସାମ୍ନାରେ ଅଭିଯୁକ୍ତ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲା ଶୁକ୍ରବାର ରାତି ପ୍ରାୟ ୯ ଟାରେ ଜ୍ୱାଇଁ ସୁଫି ଶ୍ୱଶୁର ଙ୍କ ପାଇଁ ଖାଇବାକୁ ନେଇ ଯାଇଥିବା ବେଳେ କୌଣସି କାରଣ କୁ ନେଇ ପାଟିତୁଣ୍ଡ ହେବାରୁ ଶ୍ୱଶୁର ଭ୍ରମରବର ନାୟକ ଜ୍ୱାଇଁ କୁ ଏକ ଚାପୁଡ଼ା ପକାଇଥିଲେ। ଏହାପରେ ଶ୍ୱଶୁରଙ୍କ ନିକଟରେ ଖାଇବା ଥୋଇ ଜ୍ୱାଇଁ ସୁଫି ଘରକୁ ଫେରିଥିଲା। ପୁନର୍ବାର ଶ୍ୱଶୁର ଙ୍କ ସହିତ ପାଟିତୁଣ୍ଡ କରି ଶ୍ୱଶୁର ରହୁଥିବା ସ୍ଥାନରେ ଏକ କାଠ ପଟା ପକାଇ ଶ୍ୱଶୁର ଭ୍ରମର ଙ୍କ ମୁହଁକୁ ମୁଥା ମାରିବା ସହ କାଠ ପଟାରେ ମୁଣ୍ଡକୁ ବାରମ୍ବାର ଛେଚିଥିଲେ। ତାଙ୍କୁ ଉଠାଇ ଏକ ବଣକୁ ଫୋପାଡ଼ି ଦେଇଥିଲେ। ଅତ୍ୟଧିକ ରକ୍ତସ୍ରାବ ହୋଇ ଶ୍ୱଶୁର ଭ୍ରମରବର ନାୟକ ଙ୍କ ମୃତ୍ୟୁ ହୋଇଥିଲା ବୋଲି ପୁଲିସ ତରଫରୁ ସୂଚନା ମିଳିଛି ।ଶ୍ୱଶୁର ଘର କାମ ପାଇଁ ରଖିଥିବାଟଙ୍କା କୁ ଜ୍ୱାଇଁ ନେଇ ଫେରାର ହୋଇଥିବା ବେଳେ ପୁଲିସ ଜ୍ୱାଇଁ ଠାରୁ ୧ଲକ୍ଷ ୨୦ହଜାର ୩ଶହ ଟଙ୍କା ଜବତ କରିବା ସହ ଘଟଣା ଦିନ ଜ୍ୱାଇଁ ପିନ୍ଧିଥିବା ରକ୍ତଭିଜା ପ୍ୟାଣ୍ଟ ଓ ସାର୍ଟକୁ ଜବତ କରି ପୁଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛନ୍ତି ।ଅନ୍ୟ ପଟେ ରବିବାର ଅସ୍ତରଙ୍ଗ ଥାନା ପୋଲିସ ଅଭିଯୁକ୍ତ ସୁକିନ୍ଦର ଚୌଧୁରୀ ଙ୍କୁ କେଶ ନମ୍ବର ୧୪୭/୨୬ରେ ବିଏନଏସ ୧୦୩(୧), ୨୩୮ରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଜ୍ୱାଇଁ ଙ୍କୁ ହାଜତ କୁ ପଠାଯାଇଛି। ଯାହାକି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ଥାନାଅଧିକାରିଣୀ ବିଦିତା ନାୟକ।

# ଫାର୍ମହାଉସ୍‌ରେ ହାତୀକୁ ମାରି ପୋତିଦେଲେ !

**■ ଫାର୍ମ ହାଉସ୍ ସିଲ୍ କଲା ବନ ବିଭାଗ ■ ମାଲିକ ସହ ୩ ଅଟକ ■ ଖୋଳି ବାହାର କରାଯିବ ମୃତଦେହ**



ଢେଙ୍କାନାଳ : ଏକ ହାତୀକୁ ମାରି ଫାର୍ମ ହାଉସ୍ ?ରେ ପୋତି ଦିଆଯାଇଥିବା ନେଇ ଅଭିଯୋଗ ମିଳିବା ପରେ ବନ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ବନବିଭାଗର ସ୍ୱତନ୍ତ୍ର ଟିମ୍ ଢେଙ୍କାନାଳଜିଲ୍ଲା ହିନ୍ଦୋଳ ସହରରେ ଥିବା ଏହି ଫାର୍ମ ହାଉସ୍‌କୁ ଯାଇ ହାତୀ ପୋତା ଯାଇଥିବା ସ୍ଥାନ ଚିହ୍ନଟ କରିଛନ୍ତି। ସୋମବାର ଏହି ସ୍ଥାନକୁ ଖୋଳାଯିବ। ଏପଟେ ଫାର୍ମ ହାଉସ୍‌ର ମାଲିକଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇଛି।

ସୂଚନା ଅନୁସାରେ, ହିନ୍ଦୋଳ ଏନ୍.ଏସିର ୧୪ନମ୍ବର ୱାର୍ଡର ଚରଣପୁରଠାରେ କୁବେର ରାଜଙ୍କ ଚାରି ଏକର ଜମିରେ ଫାର୍ମ ହାଉସ୍ ରହିଛି। ଏହି ଫାର୍ମ ହାଉସ୍‌ରେ ଏକ ହାତୀକୁ ପୋତି ଦିଆଯାଇଥିବା ନେଇ ବନ ବିଭାଗ ଖବର ପାଇବା ପରେ ଆଜି (ରବିବାର) ଚଢ଼ାଉ କରିଥିଲା। ଫାର୍ମ ହାଉସ୍ ମାଲିକ କୁବେର ରାଜ, କୁନୁ ଭୂତିଆ ଓ ରାଜୁ ଚୌଧୁରୀଙ୍କୁ ହିନ୍ଦୋଳ ବନବିଭାଗ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚରା କରିଥିଲା।

ହିନ୍ଦୋଳ ରେଞ୍ଜ ଅଧିକାରୀ ତ୍ରିଲୋଚନ ଦେହୁରୀ କହିଛନ୍ତି, ଫାର୍ମ ହାଉସ୍‌ରେ ହାତୀ ପୋତାଯାଇଥିବା ସ୍ଥାନକୁ ଚିହ୍ନଟ କରିଛୁ। ଫାର୍ମ ହାଉସ୍ ? ମାଲିକ ହାତୀକୁ ପୋତିଥିବା ସ୍ୱୀକାର କରିବା ସହ ସେହି ସ୍ଥାନ ଦେଖାଇଥିଲେ। ସନ୍ଧ୍ୟା ହୋଇଯିବାରୁ ଖୋଳା ଯାଇନି। ସେଠାରେ ବନ ବିଭାଗର ବରି ?ଷ୍ଠ ଅଧିକାରୀମାନେ ଜଗି ରହିବା ସହ ସମଗ୍ର ଫାର୍ମହାଉସ୍‌କୁ ସିଲ୍ କରିଛନ୍ତି। ସୋମବାର ସକାଳେ ଜେସିବିରେ ଖୋଳାଯାଇ ହାତୀର ମୃତଦେହ ବାହାର କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

ଏହି ଫାର୍ମ ହାଉସ୍ ଚତୁଃପାର୍ଶ୍ୱରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯିବା ସହ ସୌରବାଡ଼ ରହିଛି। ସେହି ସୋଲାର କରେଣ୍ଟ ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ହୋଇଥିବା କିଛି ଲୋକ କହୁଛନ୍ତି। ହେଲେ, ବନ ବିଭାଗକୁ ନ ଜଣାଇ ତରବରିଆ ଭାବେ ପୋତି ଦେବାକୁ କେହି ସହଜରେ ଗ୍ରହଣ କରି ପାରୁନାହାନ୍ତି। ହାତୀକୁ ମାରିଦେବା ପରେ ମାଟିଖୋଳି ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ସୌରବାଡ଼ ସଂସ୍ପର୍ଶରେ ଆସି ହାତୀଟି ମରିଛି ନା ଆଉ କେଉଁ କାରଣରୁ ମୃତ୍ୟୁ ହୋଇଛି, ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ଢେଙ୍କାନାଳ ଏସିଏଫ୍ କୁଞ୍ଜବିହାରୀ ନାୟକଙ୍କ ସହ ହିନ୍ଦୋଳ ରେଞ୍ଜ ଅଧିକାରୀ ତ୍ରିଲୋଚନ ଦେହୁରୀ, ଫରେଷ୍ଟର ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ଫରେଷ୍ଟ ଗାର୍ଡ ଦିପୁ ରଞ୍ଜନ ଖିଲାର ଏବଂ ହିନ୍ଦୋଳ ପୁଲିସ ଅଧିକାରୀମାନେ ଯାଇ ଛାନ୍‌ଭିନ୍ ଚଳାଇଛନ୍ତି।

cmyk cmyk cmyk

## ରବିବାର ଖୋଲୁନି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ଗ୍ରୀଷ୍ମରେ ଚିକିତ୍ସା ପାଇଁ କଲବଲ ରୋଗୀ



ଅସ୍ତରଙ୍ଗ, (ପିପିଏସ୍): ରବିବାର ଆସିଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଅଘୋଷିତ ଛୁଟି। ଚଳିତ ଗ୍ରୀଷ୍ମରେ ଜରୁରୀକାଳୀନ ଚିକିତ୍ସା ମାଟିରେ ମିଶିଥିବା ବେଳେ କଲବଲ ହେଉଛନ୍ତି ଗ୍ରାମାଞ୍ଚଳ ବାସିନ୍ଦା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଖଣ୍ଡାସାହି ଓ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କିଛି ଦିନ ହେବ ରବିବାର ତାଲା ପଡ଼ିଥିବା ଦେଖାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲକ୍ଷାଧିକ ଲୋକଙ୍କ ଜୀବନ ରେଖା। ମାତ୍ର ଚିକିତ୍ସା ସୁବିଧା ମିଳୁ ନଥିବା ନେଇ ଗତ କିଛି ବର୍ଷ ହେବ ଅଭିଯୋଗ ହୋଇଆସୁଛି। ଡକ୍ଟରଙ୍କ ସମସ୍ୟା, ଆମ୍ବୁଲାନ୍ସ ମିଳୁ ନଥିବା ନେଇ ଗତ କିଛି ମାସ ହେବ ଚର୍ଚ୍ଚାରେ ଥିବା ଅସ୍ତରଙ୍ଗ ଅଞ୍ଚଳରେ ଏବେ ଚିକିତ୍ସା ସେବା ଭୁଶୁଡ଼ି ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ରାଜ୍ୟ ସରକାର ଚଳିତ ବର୍ଷର ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ସପ୍ତାହର ସବୁଦିନ ଖୋଲା ରଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ରହୁଥିଲେ ମଧ୍ୟ ବ୍ଲକର ଉପାନ୍ତ କି ଉପକୂଳ ରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ଝୁଲୁଛି। ଫଳରେ ରବିବାର ଆସିଲେ ଜରୁରୀ ଚିକିତ୍ସା ନିମନ୍ତେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ମେଡିକାଲରେ ମଧ୍ୟ ଦୀର୍ଘ ବର୍ଷ ଦାବି ହେଉଥିଲେ ମଧ୍ୟ ଭଲ ବିଶେଷଜ୍ଞ ଡକ୍ଟର ନାହାନ୍ତି। ଯାହା ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରବିବାର ବନ୍ଦ ହୋଇଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁହାଁ ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ। ଏପରିକି ସାମାନ୍ୟ ଆଶୁ ଚିକିତ୍ସା ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ଥିଲେ ହେଁ ତାଲା ପଡ଼ିଥିବାଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ବୋଲି ସ୍ଥାନୀୟ ବାସିନ୍ଦା ରାଜେଶ ସାହୁ କହିଛନ୍ତି। ଏହାସହ ଯାହା ସବିଶେଷ ତଥ୍ୟରୁ ସୂଚନା ମିଳିଛି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଖଣ୍ଡାସାହି, ରତନପୁର ସମେତ ନଗର, ନୂଆଗଡ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ରବିବାର ଅଘୋଷିତ ଛୁଟି ସହିତ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ରବିବାର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ଖୋଲାଯାଉ ନଥିବା ସ୍ଥାନୀୟ ଲୋକ କହିଛନ୍ତି। ଫଳରେ ଗ୍ରୀଷ୍ମରେ ଅଂଶୁଘାତ କିମ୍ବା ଅନ୍ୟ ରୋଗର ଚିକିତ୍ସା ପାଇଁ ରୋଗୀ କଲବଲ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି ପ୍ରତି ରବିବାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରୁହେ। ପୁରୀ ଜିଲ୍ଲା ପ୍ରଶାସନ ସମସ୍ୟାକୁ ଗୁରୁତ୍ୱ ସହ ନେଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମାଡିଆସିବେ କି ବାଂଲାଦେଶୀ ?

# ଉପକୂଳରେ ସମୁଦ୍ରପଥରେ ଜୋରଦାର ଚେକିଂ



ଅସ୍ତରଙ୍ଗ, (ପିପିଏସ୍): ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ କଡ଼ାକଡ଼ି ଚେକିଂ। ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ତ ନୂଆଗଡ ସାମୁଦ୍ରିକ ଥାନାରେ ଜୋରଦାର ଚେକିଂ। ସଜାଗ କୋଷ୍ଟଗାର୍ଡ ଓ ମେରାଇନି ପୁଲିସ। ପଶ୍ଚିମବଙ୍ଗ ରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ କଡା ଚେତାବନୀ ପରେ ବାଂଲାଦେଶୀ ତଥା ଅନୁପ୍ରବେଶକାରୀ ଛାତିରେ ପଶିଛି ଛନକା। ଏପଟେ ଓଡିଶା ସୀମାରେ କଡାକଡି। ପଶ୍ଚିମବଙ୍ଗ ରେ ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପରେ ସେମାନେ ଓଡିଶା ମୁହାଁ ହେବାର ଆଶଙ୍କା ରହିଛି। ଏହାକୁ ନଜରରେ ରଖି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଖବର ମୁତାବକ, ପୁରୀ ଏସ୍ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ନୂଆଗଡ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା ତତ୍ତ୍ୱବଧାନ ରେ ଥାନା କର୍ମଚାରୀ, କୋଷ୍ଟଗାର୍ଡ, ଟେକ୍ନିକାଲ ଷ୍ଟାଫ ପୂରା ସଜାଗ ରହିଛନ୍ତି। ନୂଆଗଡ ଜେଠି ଠାରୁ ସମୁଦ୍ର ମଧ୍ୟକୁ ପାଟ୍ରୋଲିଂ ବୋଟରେ କଡାକଡି ପାଟ୍ରୋଲିଂ ଚାଲିଥିବା ବେଳେ ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବି ମାନେ ମଧ୍ୟ ସନ୍ଦେହ ଜନକ ବ୍ୟକ୍ତିଙ୍କ ଉପରେ ନଜର ରଖିବାକୁ କୁହାଯାଇଛି। ସମୁଦ୍ରତଟବର୍ତ୍ତୀ ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ମତ୍ସ୍ୟଜୀବିଙ୍କ ଯାତାୟାତ ଲାଗିରୁହେ ବଙ୍ଗୋପ ସାଗରରେ। ତେଣୁ ସୀମା ବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ଅଧୀନ ନୂଆଗଡ ସାମୁଦ୍ରିକ ଥାନା ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି।

ନୂଆଗଡ ସାମୁଦ୍ରିକ ଥାନା କୁ ଆଲର୍ଟ କରାଯିବା ସହ କୌଣସି ସନ୍ଦେହ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ଦିଗ୍ଧମାନଙ୍କ ଗତିବିଧି ପାଇଁ କାଗଜପତ୍ର ଯାଞ୍ଚ ସହ ଆଧାର କାର୍ଡ ଯାଞ୍ଚ କରାଯାଉଛି। ଅନୁପ୍ରବେଶକାରୀଙ୍କ ଉପରେ ପୂରା ଟିମ୍ ନଜର ରଖିଛି।ବୋଟ କର୍ମଚାରୀ ମାନଙ୍କୁ ସନ୍ଦେହ ହେଲେ କର୍ମଚାରୀଙ୍କ କାଗଜପତ୍ର ମଧ୍ୟ ଯାଞ୍ଚ କରୁଛନ୍ତି।

# ନଟବରପ୍ରସାଦ ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖଣ୍ଡପଡ଼ା,(ପିପିଏସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ନଟବରପ୍ରସାଦ ଉ. ପ୍ରା ମଧ ଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣୀ ସାହୁଙ୍କୁ ରବିବାର ଦିନ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ଓ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଖଣ୍ଡପଡା ବ୍ଲକରେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କର ଅବସରରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜିର ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ଉଦ୍ଧବ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାଏକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ଅବସରପ୍ରାପ୍ତ ଏବିଇଓ ବସନ୍ତ କୁମାର ସାହୁ, ରାଣୀଛେଲି ସିଆରସିସି ମନୋଜ କୁମାର ସାହୁ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଦୀନବନ୍ଧୁ ଦାସ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର ପ୍ରଧାନ, ଏସଏମସି ସଭାପତି ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦେଇଥିବାବେଳେ ଆଜିର ଏହି ମଞ୍ଚକୁ କଳପଙ୍ଗି ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିବାବେଳେ ଶିକ୍ଷକ ବସନ୍ତ କୁମାର ରାଉତ, ଅଭିମନ୍ୟୁ ଦାସ, ଶ୍ରୀନିବାସ ସାହୁ, ସରୋଜ କୁମାର ପଣ୍ଡା ଓ ଦିଲ୍ଲୀପ କୁମାର ବାରିକ ପ୍ରମୁଖ ତାଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ବ୍ଲକରେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଦିବସ

ବ୍ରହ୍ମପୁର, (ପିପିଏସ୍): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶନିବାର ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଦିବସ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ମୁକ୍ତ ଭାରତ ଏବଂ ଆଇନ ସଚେତନତା ଆଦି ବିଷୟ ଗୁଡିକ ଉପରେ ଉପସ୍ଥିତ କିଶୋରୀ ବାଳିକା, ସ୍ଥାନୀୟ ଜନ ସାଧାରଣମାନଙ୍କୁ ସଚେତନ କରାଯାଇଥିଲା। ସେବା ସମ୍ପାଦିକା ଅଳକା ସାହୁ, ମହିଳା ସଶକ୍ତିକରଣ ଅଧିକାରୀ ବବିତା ମହାରଣା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପାରାଲିଗଲ ସ୍ୱେଚ୍ଛାସେବୀ ଜ୍ୟୋସ୍ନା କୁମାରୀ ସାହୁ, ପାଳିବନ୍ଧ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଏନଏଫଆଇର ସ୍ୱେଚ୍ଛାସେବୀ, କିଶୋରୀ ବାଳିକା, ସ୍ଥାନୀୟ ମହିଳା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ମୁକ୍ତ ବାଲ୍ୟ ବିବାହ ଗଠନ ଗ୍ରାମ ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ପାଇଁ ଏକ ଶପଥ ପାଠ କରାଯାଇଥିଲା।

## ଛତ୍ରପୁରରେ ପୁଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

# ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ



ବ୍ରହ୍ମପୁର, (ପିପିଏସ୍): ଆଜି ଛତ୍ରପୁର ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ସଂଗଠନ ଏବଂ ଗଞ୍ଜାମ ଜିଲ୍ଲା ମାଜିଷ୍ଟ୍ରେଟ୍ ?ଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ପ୍ରଶାସନିକ ଓ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରାଯାଇଛି। ଏହି ଆଲୋଚନାରେ ମୁଖ୍ୟତଃ ନିମ୍ନଲିଖିତ ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ନିଷେଧାତ୍ମକ ପଦକ୍ଷେପ, ଅପରାଧ ରୋକିବା ପାଇଁ ପୂର୍ବ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା। ଆଇନ ଶୃଙ୍ଖଳା ରକ୍ଷା, ଜିଲ୍ଲାରେ ଶାନ୍ତି ଓ ସୁରକ୍ଷିତ ପରିବେଶ ବଜାୟ ରଖିବା। ସଡ଼କ ଦୁର୍ଘଟଣା ରୋକିବା, ସଡ଼କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଦୁର୍ଘଟଣା ହ୍ରାସ କରିବା। ବେଆଇନ ବାଲି ଖନନ ଉପରେ କାର୍ଯ୍ୟାନୁଷ୍ଠାନ, ବିଭିନ୍ନ ଅଞ୍ଚଳରେ ଚାଲିଥିବା ବେଆଇନ ବାଲି ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଆନ୍ତଃ-ବିଭାଗୀୟ ସମନ୍ୱୟ, ପ୍ରଶାସନ ଓ ପୋଲିସ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା।ଜନସାଧାରଣଙ୍କ ସୁରକ୍ଷା, ଆଇନର ଶାସନ ଏବଂ ପ୍ରଭାବଶାଳୀ ଶାସନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ସାମୂହିକ ପ୍ରତିବଦ୍ଧତା ପ୍ରକାଶ ପାଇଛି।

# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଭୂମିପୂଜନ

## ମହୋତ୍ସବରେ ତମାଖୁ ବର୍ଜନ ସଚେତନତା ରାଲି



ବ୍ରହ୍ମପୁର, (ପିପିଏସ୍): ବ୍ରହ୍ମପୁର ନିକଟସ୍ଥ ଗୁରୁଣ୍ଟି ଗ୍ରାମରେ ଅଖିଳବିଶ୍ୱ ଗାୟତ୍ରୀ ପରିବାର ଗୁରୁଣ୍ଟି ଗ୍ରାମବାସୀଙ୍କ ଆନୁକୂଲ୍ୟରେ ତଥା ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠ ତତ୍ତ୍ୱାବଧାନରେ ଆଗାମୀ ଜୁନ ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁଥିବା ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପ୍ରବନ୍ଧକ ପ୍ରଫୁଲ୍ଲ ଦାସ ଓ ବରିଷ୍ଠ ପରିବ୍ରାଜକ ଭଗବାନ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଦେବଆବାହନ ଓ ଦେବପୂଜନରେ ଗୁରୁଣ୍ଟି ଗ୍ରାମର ୪୦ ଦମ୍ପତି ଭାଗ ନେଇଥିଲେ। ଗ୍ରାମରେ ଥିବା ପ୍ରତ୍ୟେକ ମନ୍ଦିରଗୁଡିକରେ ରଜବନ୍ଦନ କରାଯାଇ ସମସ୍ତ ଦେବା ଦେବୀଙ୍କୁ ଦମ୍ପତି ମାନଙ୍କଦ୍ୱାରା ନିମନ୍ତ୍ରଣ କରାଯାଇଥିଲା। ଗ୍ରାମର ସମସ୍ତ ଗାୟତ୍ରୀ ପରିବାର ଓ ଗ୍ରାମବାସଙ୍କ ପୂର୍ଣ୍ଣ ସହଯୋଗରେ ଭୂମି ପୂଜନ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜିର ତମାଖୁ ବର୍ଜନ ଦିବସରେ ଗାୟତ୍ରୀ ପରିବାର ପରିଜନଙ୍କ ସହ ଗ୍ରାମବାସୀମାନେ ଗ୍ରାମ ପରିକ୍ରମା ମାଧ୍ୟମରେ ତମାଖୁ ସେବନରୁ ନିବୃତ ରହିବାପାଇଁ ଅନୁରୋଧ କରିଥିଲେ। ଶେଷରେ ନିଶା ପାନ ଓ ତମାଖୁ ଆଦି ପଦାର୍ଥ ଗୁଡିକୁ ତ୍ୟାଗ କରିବା ପାଇଁ କିଛି ପରିଜନ ସଂକଳ୍ପ ମାଧ୍ୟମରେ ଘୋଷଣା କରିଥିଲେ। ଶେଷରେ ଶାନ୍ତିପାଠ ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବିଜୟନଙ୍କ ଘରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଇଡି ତଲାସୀର ପ୍ରତିବାଦ



ବ୍ରହ୍ମପୁର(ପିପିଏସ୍): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଏମର ଅନ୍ୟତମ ସର୍ବୋଚ୍ଚ ନେତା ପିନାରାଇ ବିଜୟନଙ୍କଘରେ ଇଡି ତଲାସିକୁ ସିପିଏମ ଦୃଢ଼ ନିନ୍ଦାକରିଛି। ଏହା ବିରୋଧୀଙ୍କ କଣ୍ଠରୋଧ ଓ ବଦନାମ କରିବା ପାଇଁ ବଜେପିର ହୀନ ଚକ୍ରାନ୍ତ ବୋଲି ଅଭିଯୋଗ କରିଛି। ବିଜେପି ଏହି ତରିକା ଅବଲମ୍ବନ କରି ସିପିଏମ କର୍ମୀଙ୍କୁ ଦୁର୍ବଳ କରି ପାରିବ ନାହିଁ କି କେରଳରେ କ୍ଷମତା ହାତେଇବା ସ୍ୱପ୍ନ ସଫଳ ହେବନାହିଁ ବୋଲି ପାର୍ଟି ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଜୟନ ଦୀର୍ଘ ୬୦ବର୍ଷ ଧରି କେରଳର ଗରୀବ, ଖଟିଖିଆ, ମେହନତି ମଣିଷ ପାଇଁ ଲଢ଼ି ଆସିଛନ୍ତି। ଏଥିପାଇଁ ସେ କଂଗ୍ରେସ ଓ ବିଜେପି ଉଭୟଙ୍କର ଆକ୍ରମଣର ଶିକାର ହୋଇଛନ୍ତି। କିନ୍ତୁ ସେ କେବେବି ହାରି ନାହାଁନ୍ତି ବରଂ ଉଚିତ ଜବାବ ଦେଇଛନ୍ତି। ତାଙ୍କର ନିଷ୍ପାପର କାର୍ଯ୍ୟ ଯୋଗୁଁ କେରଳବାସୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। କେରଳର ପ୍ରଥମ ବ୍ୟକ୍ତି ଭାବେ ଲଗାତର ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଓ ବାଣିଜ୍ୟ କ୍ଷେତ୍ରରେ ଅନେକ ସାଫଲ୍ୟ ଅର୍ଜନ କରିଛନ୍ତି। ରାଜ୍ୟରେ ୯୬ ପ୍ରତିଶତ ଶିକ୍ଷିତ, ଅତି ଦରିଦ୍ର ଲୋପ କରିବା, କୋଭିଡ ପରିଚାଳନା ପାଇଁ ପୁରସ୍କାର ପାଇବା, ସମସ୍ତ ଗୃହ ହୀନକୁ ଘର ଯୋଗାଇଦେବା, ଡିଗ୍ରୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା, ଋଣ ଗ୍ରସ୍ତ ଚାଷୀଙ୍କୁ ଋଣ ମୁକ୍ତ ପାଇଁ ବ୍ୟବସ୍ଥା, ଚାଷୀକୁ ଫସଲ ବିକ୍ରିରେ ବୋନସ, ଗରୀବ ଲୋକଙ୍କ ପାଇଁ ମାଗଣା ଇଣ୍ଟରନେଟ ବ୍ୟବସ୍ଥାଭଳି ବହୁ ଜନ ହିତକର ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳା ସଶକ୍ତିକରଣ ଓ ସୁରକ୍ଷାରେ ବିଶ୍ୱ ସ୍ତରୀୟ ମାନ୍ୟତା ହାସଲ ଭଳି କେରଳ ବହୁ ଐତିହାସିକ ସଫଳତା ପାଇବାରେ ବିଜୟନ ହେଉଛନ୍ତି ମୁଖ୍ୟ ବିଦ୍ଧାଣୀ। ବିଜେପି ପରିଚାଳିତ ରାଜ୍ୟ ସରକାର ଗୁଡ଼ିକ ବିକାଶ ଓ ସୁଶାନ କ୍ଷେତ୍ରରେ କେରଳ ତୁଳନାରେ ବହୁ ପଛରେ। ଏପରିକି କିଛି କ୍ଷେତ୍ରରେ କେନ୍ଦ୍ର ସରକାର ଅପେକ୍ଷା ଉତ୍କୃଷ୍ଟ କାର୍ଯ୍ୟ କରିବାରେ ସକ୍ଷମ ହୋଇଛି। ତେଣୁ କେରଳବାସୀ ବାରମ୍ବାର ବିଜେପିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସିପିଏମ ଓ ଏହାର ନେତୃତ୍ୱକୁ ବଦନାମ କରିବା ଓ ଜେଲର ଭୟ ଦେଖାଇ ପାର୍ଟିକୁ ଦୁର୍ବଳ କରି କେରଳ କ୍ଷମତା ଦଖଲ କରିବା ସହିତ ସାରା ଦେଶରେ ବିଜେପିର ସାମ୍ପ୍ରଦାୟିକ ରାଜନୀତି ଓ କର୍ପୋରେଟର ସପକ୍ଷବାଦୀ ନୀତି ରହିବା ପାଇଁ ସତର୍କ କରାଯାଇଛି। ଆଜି କମାପଲି ଛକରେ ଆୟୋଜିତ ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବିଦ୍ୟାଧର ଜେନା, ବିଷ୍ଣୁ ପ୍ରିୟା ସାହୁ, ବାପିନି ନାୟକ, ବିଜୟ ବିଶୋଇ, ବାବୁଲି ନାୟକ, ଲୋକନାଥ ଖୁଣ୍ଟିଆ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ହରି ନାହାକ, ରାଜରାଓ, ଚିଟିବାବୁ, ଅଜିତ ପାଣିଗ୍ରାହୀ, ମଧୁ ବେହେରା, କାଳି ମିଶ୍ର, ରଞ୍ଜନ ପାତ୍ର ପ୍ରମୁଖ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

# ନିଷ୍ଠା ଓ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଇ ବିଭାଗର ସୁନାମକୁ ଅକ୍ଷୁଣ୍ଣ ରଖନ୍ତୁ



ବ୍ରହ୍ମପୁର, (ପିପିଏସ୍): ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଅଧୀନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ରେଡିଓ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପାତ୍ର ଏବଂ ଭଞ୍ଜନଗର ସୂଚନା କେନ୍ଦ୍ର ଓ ପାଠାଗାରର ଗ୍ରନ୍ଥାଗାରିକ ପ୍ରଦୀପ କୁମାର ପାତ୍ର ଆଜି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଛତ୍ରପୁରସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଗୀତା, ଛତା ଓ ଉତ୍ତରୀୟଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଉଭୟଙ୍କର କର୍ତ୍ତବ୍ୟପରାୟଣତା, ସାଧୁତା ଓ ସହୃଦୟତା ଗୁଣର ଉଚ୍ଚ ପ୍ରଶଂସା କରିବା ପୂର୍ବକ ଉଭୟଙ୍କ ସହିତ ବିତାଇଥିବା ପୁରୁଣା ଦିନ ଗୁଡିକର ସ୍ମୃତି ଚାରଣ କରିଥିଲେ। ଏହାସହିତ ଉଭୟଙ୍କର ଅବସରକାଳୀନ ସୁଖ, ଶାନ୍ତି ଓ ନିରାମୟ ଜୀବନ କାମନା କରିଥିଲେ। ଅବସର ଗ୍ରହଣ କରିଥିବା ଉଭୟ କର୍ମଚାରୀ ତାଙ୍କର ଦୀର୍ଘ ଚାକିରୀ ଜୀବନର ଅଭିଜ୍ଞତା ବଖାଣିବା ସହିତ ନିଷ୍ଠା ଓ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଇ ବିଭାଗର ସୁନାମକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। ଅଳ୍ପ ଦିନପରେ ଅବସର ଗ୍ରହଣ କରୁଥିବା ଦିଗପହଣ୍ଡି କାର୍ଯ୍ୟାଳୟର ରାତ୍ର ଜଗୁଆଳ କମଳ ଲୋଚନ ଦଳବେହେରାଙ୍କୁ ମଧ୍ୟ ଏ ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ନାୟକଙ୍କ ସମେତ ଶ୍ୟାମଘନ ପାତ୍ର, ଜଗନ୍ନାଥ ବେହେରା, ରୂପଶ୍ରୀ କବି, ରଜାକ ହୁସେନ, ରାମ ଆଚେରୀ, ପଦ୍ମଚରଣ ନାୟକ, ତାରିଣୀ ସାହୁ, ଭାଗ୍ୟଲକ୍ଷ୍ମୀ ପାତ୍ର, ମମତା ମହାନ୍ତି, ରବୀନ୍ଦ୍ର ସାହୁ, ଏସ ବଳରାମ ରେଡ୍ଡୀ, ତୁଷାର ବେହେରା ପ୍ରମୁଖ ଆଜିର ସଭାରେ ଯୋଗ ଦେଇଥିଲେ।

# ରଣାଗୁଣ୍ଡି ପଞ୍ଚାୟତ ଅଫିସରେ ମାଗଣା ସ୍ୱାସ୍ଥ୍ୟଶିବିର

କଳିଙ୍ଗନଗର, (ପିପିଏସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଛି ଏହାକୁ ଦୃଷ୍ଟିରେ ରଖି ଶ୍ରୀ ବିନାୟକ ହସ୍ପିଟାଲ ଏବଂ ଷ୍ଟିଲ ସିଟି ପ୍ରେସ୍ କ୍ଲବର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇ ଯାଇଛି। ରବିବାର ଦିନ ଦାନଗଦି ବ୍ଲକର ରଣାଗୁଣ୍ଡି ପଞ୍ଚାୟତ ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଉପସ୍ଥିତ ଥିବାବେଳେ ଭୁବନେଶ୍ୱର ଓ କଟକରୁ ଆସିଥିବା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଜେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ବ୍ଲଡ଼ ପ୍ରେସର, ଡାଇବେଟିସ, ଇସିଜି, ହାର୍ଟ, ଦାନ୍ତ, ଚକ୍ଷୁ ଆଦି ରୋଗର ମାଗଣା ପରୀକ୍ଷା କରାଯାଇଥିଲା। କଳିଙ୍ଗନଗରରେ ଏହି ମିଳିତ ସ୍ୱାସ୍ଥ୍ୟ ଶିବିରକୁ ଜନସାଧାରଣ ପ୍ରଶଂସା କରିଛନ୍ତି। ଉକ୍ତ ଶିବିରରେ ଷ୍ଟିଲ ସିଟି ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ, ଶ୍ରୀ ବିନାୟକ ହସ୍ପିଟାଲର ମାଲିକ ଉମେଶ ସାମଲ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଷ୍ଟିଲ ସିଟି ପ୍ରେସ କ୍ଲବର ଅବିନାଶ ମିଶ୍ର, ବିଜୟ ରଶ୍ମି ତ୍ରିପାଠୀ, ତୁଷାର ରଞ୍ଜନ ସାହୁ, ପଦ୍ମନାଭ ପହି, ରାକେଶ ରୋଶନ ଘଡେଇ, ଚିତ୍ତରଞ୍ଜନ ସାହୁ, ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ସହଯୋଗ କରିଥିଲେ।

# ଅବସର ଗ୍ରହଣ କଲେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ନୟାଗଡ଼, (ପିପିଏସ୍) : ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଆଜି ଅବସର ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧକ୍ଷତାରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ତପସ୍ୱିନୀ ହାସଁଦା ଏବଂ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀମତୀ ଆଚାର୍ଯ୍ୟ ନୟାଗଡ଼ରେ ଦୀର୍ଘ ଏକ ବର୍ଷ କାଳ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଥିଲେ।

# ସରକାରୀ କୁଇନ ମିଶନ ହାଇସ୍କୁଲ ୧୯୮୬ ମ୍ୟାଟ୍ରିକ୍ ଛାତ୍ରଙ୍କ ବନ୍ଧୁମିଳନ



ବ୍ରହ୍ମପୁର, (ପିପିଏସ୍): ସରକାରୀ କୁଇନ୍ ମିଶନ ହାଇ ସ୍କୁଲ ୧୯୮୬ ମସିହା ମ୍ୟାଟ୍ରିକ ଛାତ୍ର ମାନଙ୍କ ତରଫରୁ ଦୀର୍ଘ ୪୦ବର୍ଷ ପରେ ଗାୟତ୍ରୀ ହୋଟେଲ ସମ୍ମିଳନୀ କକ୍ଷରେ ବନ୍ଧୁ ମିଳନ କାଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗୁରୁ ତଥା ବରିଷ୍ଠ ଶିକ୍ଷାବିତ୍ କାହ୍ନୁ ଚରଣ ରଥ, ବିରୂପାକ୍ଷ ଦାସ, ସୁରେଶ ଚନ୍ଦ୍ର ମହାପାତ୍ର ଓ ଶିବ ପ୍ରସାଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାଯ୍ୟକ୍ରମରେ ସୁଦୀପ କୁମାର୍ ସାହୁ ସଂଯୋଜନା କରିବା ସହ ଜଗନ୍ନାଥଙ୍କ ଏକ ଭଜନ ଗାନ କରିଥିଲେ। ଏଠାରେ ଛାତ୍ର ମାନେ ପୁରୁଣା ସ୍ମୃତି ଚାରଣ କରି ଏପରି କାଯ୍ୟକ୍ରମ ଦୀର୍ଘ ବର୍ଷ ପରେ ଅୟୋଜନ କରାଯାଇଥିବାରୁ ଖୁସି ଅନୁଭବ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ପ୍ରାରମ୍ଭରେ ଦୁନିଆ ଛାଡ଼ି ଚାଲିଯାଇଥିବା ବନ୍ଧୁ ଆଉ ଶିକ୍ଷକ ମାନଙ୍କ ଲାଗି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରୀ ସଙ୍ଗୀତ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ରମାନଙ୍କ ତରଫରୁ ଦେବୀ ପ୍ରସାଦ ବେବର୍ତ୍ତା, ସୀମାଞ୍ଚଳ ମହାପାତ୍ର, ଲକ୍ଷ୍ମୀ ନାରାୟଣ ସାବତ, ସରୋଜ ପ୍ରସାଦ ପାଢ଼ୀ, ଡ଼ା.ଲକ୍ଷ୍ମୀ କାନ୍ତ ମିଶ୍ର, ଦୁର୍ଗା ପ୍ରସାଦ ପାଢ଼ୀ, ପ୍ରଦୋଷ ରଥ, ପ୍ରବୀଣ ଦାସ, ଶିବରାମ ପାତ୍ର, ଆଶିଷ କୁମାର ଚୌଧୁରୀ, ଜେ.ଗୋପୀ, ସତ୍ୟ ନାରାୟଣ ମହାନ୍ତି, ମହେଶ ଚୌଧୁରୀ, ପ୍ରଫୁଲ୍ଲ ପାଣିଗ୍ରାହି, ଯଶବୀର ସିଂହ, ସଚ୍ଚିଦାନନ୍ଦ ଦାସ, ନବିନ ହୋତା, କାହ୍ନୁ ଚରଣ ରଥ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ହେମନ୍ତ ପାଳ ଓ ଆପା ରାଓଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୁରାତନ ଛାତ୍ର ସଂଘ ତରଫରୁ ବିଭିନ୍ନ ସେବାମୂଳକ କାଯ୍ୟକ୍ରମ ହାତକୁ ନିଆଯିବ ବୋଲି ଏଠାରେ ନିଷ୍ପତି ନିଆଯାଇଥିଲା। ସଂଘର ପଞ୍ଜୀକରଣ ନେଇ ମଧ୍ୟ ନିଷ୍ପତି ହୋଇଥିଲା। ସମ୍ବର୍ଦ୍ଧିତ ଗୁରୁ ମାନେ ଏପରି କାଯ୍ୟକ୍ରମ ଲାଗି ପୁରାତନ ଛାତ୍ର ମାନଙ୍କୁ କୃତଜ୍ଞତା ଜଣାଇବା ସହ ସେ ସମୟର ଶିକ୍ଷା ବ୍ୟବସ୍ଥା ନେଇ ଆଲୋକପାତ କରିଥିଲେ।

# ନିମାପଡ଼ା ଥାନାରେ ଗଣମାଧ୍ୟମ ବାସନ୍ଦ

ଗୋପ, (ପିପିଏସ୍): ପୁରୀ ଜିଲ୍ଲା ନିମାପଡ଼ା ଥାନାରୁ ଆସିଛି ଏକ ସାଂଘାତିକ ଖବର, ଯାହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଦୋହଲାଇ ଦେଇଛି। ନିମାପଡ଼ା ଥାନା ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରବେଶ ଉପରେ ଲାଗିଛି ଅଘୋଷିତ କଟକଣା। ଥାନା ଭିତରକୁ ସାମ୍ବାଦିକଙ୍କୁ ମନା। ସୂଚନା ଅନୁଯାୟୀ, ନିମାପଡ଼ା ଥାନାରେ ନୂତନ ଥାନା ଅଧିକାରୀ ଯୋଗ ଦେବା ପରେ, ସେଠାରେ ଏକ ଭିନ୍ନ ସ୍ଥିତି ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ଥାନାର ମୁଖ୍ୟ ଫାଟକକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଉଛି। ଅଞ୍ଚଳରେ ସାଧାରଣ ଲୋକେ ମାଳ ମାଳ ଅଭିଯୋଗ ନେଇ ଥାନାକୁ ଆସୁଥିଲେ ମଧ୍ୟ, ଗଣମାଧ୍ୟମକୁ କୌଣସି ପ୍ରକାର ସୂଚନା ଦିଆଯାଉ ନାହିଁ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନରୁ ସମ୍ପୂର୍ଣ୍ଣ ବଞ୍ଚିତ କରାଯାଉଛି। ଯଦି କୌଣସି ପ୍ରତିନିଧି ମାମଲା ବିଷୟରେ ପଚାରୁଛନ୍ତି, ତେବେ ଥାନା କର୍ମଚାରୀ ସିଧାସଳଖ କହୁଛନ୍ତି ସାର୍ ମନା କରିଛନ୍ତି, କିଛି ସୂଚନା ମିଳିବ ନାହିଁ। ଥାନାରେ ଅଧିକାଂଶ ମାମଲାର ସତ୍ୟାସତ୍ୟ ଅନୁସନ୍ଧାନ ନକରି ରଫାଦଫା କରାଯାଉଛି। ନିର୍ଦ୍ଦୋଷ ଲୋକଙ୍କ ବିରୁଦ୍ଧରେ ଆକ୍ରୋଶମୂଳକ ଭାବେ ସଂଗୀନ ଦଫା ଲଗାଯାଉଛି। ନିମାପଡ଼ା ଅଞ୍ଚଳରେ ସାମ୍ବାଦିକଙ୍କ କଣ୍ଠରୋଧ କରାଯାଇ ମାନବାଧିକାର କ୍ଷୁର୍ଣ୍ଣ କରାଯାଉଛି। ଗୋଟିଏ ପଟେ ପୋଲିସ ସୂଚନା ଲୁଚାଉଥିବା ବେଳେ, ଅପରପଟେ ନିମାପଡ଼ା ଅଞ୍ଚଳରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିନକୁ ଦିନ ଚୋରି, ରାହାଜାନି ଏବଂ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ବୃତ୍ତମାନେ ଦିନ ଦିପହରରେ ଅପରାଧ ଘଟାଇ ଆରାମରେ ଫେରାର୍ ହୋଇଯାଉଛନ୍ତି, କିନ୍ତୁ ପୋଲିସ ଅପରାଧୀଙ୍କ ଟେର ପାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୋଲିସର ଏଭଳି କାର୍ଯ୍ୟଦକ୍ଷତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏବେ ତୀବ୍ର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ପ୍ରଶାସନର ଏଭଳି ଏକଛତ୍ରବାଦୀ ନୀତିକୁ ନେଇ ଏବେ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ନିମାପଡ଼ା ଅଞ୍ଚଳକୁ ଅପରାଧମୁକ୍ତ କରିବା ଏବଂ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବା ପାଇଁ ପୁରୀ ଏସ.ପି. ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ହୁଣ୍ଡତ ଗ୍ରାମରେ ବାଲ୍ୟବିବାହ ମୁକ୍ତ ଭାରତ ଏବଂ ଆଇନ ସଚେତନତା

ବ୍ରହ୍ମପୁର(ପିପିଏସ୍): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଗାଙ୍ଗଦହଣୀ ଗ୍ରାମ ପଞ୍ଚାୟତ ଅଧିନ ହୁଣ୍ଡତ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ଶନିବାର ବାଲ୍ୟ ବିବାହ ମୁକ୍ତ ଭାରତ ଏବଂ ଆଇନ ସଚେତନତା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେବା ସମ୍ପାଦିକା ଅଳକା ସାହୁ, ମହିଳା ସଶକ୍ତିକରଣ ଅଧିକାରୀ ବବିତା ମହାରଣା,ଜିଲ୍ଲା ଆଇନ ସେବା ପ୍ରାଧିକରଣର ପାରାଲିଗଲ ସ୍ୱେଚ୍ଛାସେବୀ ଜ୍ୟୋସ୍ନା କୁମାରୀ ସାହୁ, ସମସ୍ତ ଅଙ୍ଗନୱାଡ଼ି କର୍ମୀ, କିଶୋରୀ ବାଳିକା, ସ୍ଥାନୀୟ ମହିଳା ପ୍ରମୁଖ ଉପସ୍ଥିତ ରହିଥିଲେ କ୍ଷ ବାଲ୍ୟ ବିବାହ ମୁକ୍ତ ଗ୍ରାମ କରିବା ପାଇଁ ସେବା ସମ୍ପାଦିକା ଅଳକା ସାହୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇବା ସହ ଚାଇଲଡ ଲାଇନ, ମହିଳା ଟ୍ରାଫିକିଙ୍ଗ ଆଦି ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବୁଝାଇଥିଲେ। ସେହିଭଳି ଆଇନ କ'ଣ, ଜଣେ ସାଧାରଣ ବ୍ୟକ୍ତିର ଜୀବନରେ ଆଇନର ଆବଶ୍ୟକତା କ'ଣ, ନିଃଶୁଳ୍କ ଆଇନ ସେବା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ ପାରାଲିଗଲ ସ୍ୱେଚ୍ଛାସେବୀ ଜ୍ୟୋସ୍ନା କୁମାରୀ ସାହୁ। ଅନେକ କିଶୋରୀ ବାଳିକାଙ୍କୁ ନେଇ କିଛି ପ୍ରଶ୍ନ ଉତ୍ତରର କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।

# କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ରବିବାସରୀୟ ସାହିତ୍ୟ ଆସର



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲାର ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ ପର୍ବ ସାହିତ୍ୟ ସଂସଦର ସଭାପତି କବି କରୁଣାକର ଦାସଙ୍କ ପୌରୋହିତ୍ୟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି। ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ପର୍ବରେ ମୁଖ୍ୟ ଅତିଥି ଭାବରେ ଶିବାନନ୍ଦ ଆଶ୍ରମର ମୁଖ୍ୟ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦାନକରି ପ୍ରଫେସର ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ 'ସୃଷ୍ଟି ସମୀକ୍ଷା' ଓ 'କବି କୌମୁଦୀ' ଦୁଇଟି ପ୍ରବନ୍ଧ ପୁସ୍ତକକୁ ଉନ୍ମୋଚନ କରି ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବରେ ସ୍ତମ୍ଭକାର ଓ ବିଶିଷ୍ଟ ଗବେଷକ ଡ. ସର୍ବେଶ୍ୱର ସେଣ ଯୋଗଦାନକରି 'ସୃଷ୍ଟି ସମୀକ୍ଷା'ପୁସ୍ତକ ଉପରେ ଆଲୋଚନା କରିଥିବାବେଳେ ମୁଖ୍ୟବକ୍ତା ଭାବରେ ପରିବେଶବିତ୍ ବିପ୍ଳବୀ କବି ହେମନ୍ତ କୁମାର ରାଉତ ଯୋଗଦାନକରି 'କବି କୌମୁଦୀ' ପୁସ୍ତକକୁ ସମୀକ୍ଷା କରିବା ସହିତ ପରିବେଶ ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଡ. ଆଚାର୍ଯ୍ୟ ପୁସ୍ତକ ସଂପର୍କରେ ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥିରେ ସଂପାଦକ ଶୁଭାଂଶୁ କୁମାର ଦାସ, ଉନ୍ମୋଚିତ ପୁସ୍ତକ ଓ ପରିବେଶ ପ୍ରତି ଯେଉଁ ଭୟଙ୍କର ପରିସ୍ଥିତି ଏଳିନୋ ମାଡି ଆସୁଛି ସେହି ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଦୀପ ଦାସ, ରାମକୃଷ୍ଣ ଦାଶ, ସୁରେନ୍ଦ୍ର ବେହେରା, ଶରତ କୁମାର ରାଉତ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମାହନ୍ତି, ଦୀପକ କୁମାର ଓଝା, ଅନନ୍ତ ଚରଣ ନାୟକ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅଲ୍ ଇଣ୍ଡିଆ ରେଡିଓରେ ସ୍ୱୀକୃତି ପ୍ରାପ୍ତ କବି ଡ. ନାରାୟଣ ପ୍ରସାଦ ଜେନା ଓ ବିଷ୍ଣୁପ୍ରିୟା ସାମଲଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି କେଶବ ସେଠୀ, ତପସ୍ୱିନୀ ପଟ୍ଟନାୟକ, ଅନୁସୂୟା ସାମଲ, ଆଯୋଧ୍ୟା ଦାସ, ରାଜଲକ୍ଷ୍ମୀ ମହାନ୍ତି, ବିକ୍ରମ କେଶରୀ, ସାମଲ, ରଜନୀକାନ୍ତ ଦାସ, ରାଜେନ୍ଦ୍ର ମହାପ୍ରସାଦ, ମଧୁସୂଦନ ଗେରୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱକବି ସ୍ୱରଚିତ କବିତା ପାଠକରିଥିଲେ। କଣ୍ଠଶିଳ୍ପୀ ଗୋଲକ ସେଠୀ ଆବାହନ ସଂଗୀତ ଗାନ କରିଥିବା ବେଳେ ଶ୍ରୀଧର କୁମାର ଭୋଳ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମାଲକାନଗିରିରେ ଶିକ୍ଷା ବିଭାଗର ବଡ଼ ସମୀକ୍ଷା
# ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

ମାଲକାନଗିରି : ମାଲକାନଗିରି ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଧାର ଓ ବ୍ୟାପକ ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧକ୍ଷତାରେ ଶିକ୍ଷା ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ସମେତ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ପ୍ରମୁଖ କର୍ମକର୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ଶିକ୍ଷାଭିତିକ କାର୍ଯ୍ୟକ୍ରମ, ସରକାରୀ ଯୋଜନା ଓ ଏହାର ପ୍ରଗତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି । ସରକାରୀ ଅନୁଦାନ ଏବଂ ସେବାଗୁଡ଼ିକ କିପରି ସଠିକ୍ ଭାବେ ଏବଂ ସ୍ୱଚ୍ଛତାର ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚି ପାରିବ, ସେ ନେଇ ବୈଠକରେ ବିସ୍ତୃତ ରୋଡମାପ ପ୍ରସ୍ତୁତ କରାଯାଇଛି । ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ବିଦ୍ୟାଳୟଗୁଡ଼ିକର ଭିତିଭୂମିରେ ଉନ୍ନତି ଆଣିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବଂ ସମଗ୍ର ଶିକ୍ଷା ଅଭିଯାନର ଷ୍ଟାଫ୍ ମାନଙ୍କୁ ଏକ କଡ଼ା ବାର୍ତା ଦେଇ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରରେ କୌଣସି ପ୍ରକାରର ଶିଥିଳତା ବରଦାସ୍ତ କରାଯିବ ନାହିଁ। କେବଳ କାଗଜପତ୍ରରେ ନୁହେଁ, ବରଂ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର ମାନ ବାସ୍ତବରେ ବଦଳିବା ଦରକାର। ସମସ୍ତ ଅଧିକାରୀ ନିୟମିତ ଭାବେ ଗ୍ରାଉଣ୍ଡ ସ୍ତରରେ ସ୍କୁଲ ପରିଦର୍ଶନ କରିବା ସହ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ଉପରେ କଡ଼ା ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଶେଷ ସୀମାରେ ଥିବା ପିଲାଟି ପାଖରେ ଯେପରି ଗୁଣାତ୍ମକ ଶିକ୍ଷା ପହଂଚି ପାରିବ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି ।

# ବୌଦ୍ଧ ଜିଲ୍ଲାରେ ପୋଷଣ ଅଭିଯାନର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



## ଅତି କମ୍ ଓଜନ ଶିଶୁଙ୍କୁ ନିୟମିତ ନିରୀକ୍ଷଣ ଓ ପୁଷ୍ଟି ସେବା ଉପରେ ଗୁରୁତ୍ୱ

ବୌଦ୍ଧ, (ପିପିଏସ୍) : ବୌଦ୍ଧ ଜିଲ୍ଲାରେ ପୋଷଣ ଅଭିଯାନର ଅଗ୍ରଗତି, ସୁଭଦ୍ରା ଯୋଜନା, ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଭୂତିଭୂଷଣ ନାୟକଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ସମସ୍ତ ସିଡିପିଓ , ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର୍ ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଆଧାର ଯାଞ୍ଚ, ଇଣ୍ଡେଣ୍ଟ ଅନୁଯାୟୀ ଟିଏଚଆର ଏଣ୍ଟ୍ରି, ୦ରୁ ୬ ବର୍ଷ ଶିଶୁଙ୍କ ମାପନ ଦକ୍ଷତା, ଅତି କୁପୋଷିତ (SAM) ଓ ଖର୍ବକାୟ ଶିଶୁଙ୍କ ସ୍ଥିତି, ଘର ପରିଦର୍ଶନ, ଆଭା ଆଇଡି , ଅପାର ଆଇଡି , ଫେସିଆଲ ରେକଗ୍ନିସନ ସିଷ୍ଟମ (ଏଫଆର୍‌ଏସ୍), ସିବିଇ ଓ ଭିଏଚଏସଏନଡି ଏବଂ ପଡ଼ା ପୁଷ୍ଟି କାର୍ଯ୍ୟକ୍ରମ (ପିପିକେ) ଆଦିବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ପୋଷଣ ଟ୍ରାକରରେ ୨୮ ମେ ୨୦୨୬ ସୁଦ୍ଧା ତଥ୍ୟ ଅନୁଯାୟୀ, ବୌଦ୍ଧ ଜିଲ୍ଲାରେ ମୋଟ ୪୨,୦୭୨ ଜଣ ହିତାଧିକାରୀଙ୍କ ମଧ୍ୟରୁ ଶତପ୍ରତିଶତ ଆଧାର ଯାଞ୍ଚ ସଫଳତାର ସହିତ ସମ୍ପନ୍ନ ହୋଇଛି। ମେ-୨୦୨୬ ମାସ ପାଇଁ ଇଣ୍ଡେଣ୍ଟ ଅନୁଯାୟୀ ଟିଏଚଆର ଏଣ୍ଟ୍ରିର ସମୀକ୍ଷାରେ ଗର୍ଭବତୀ ଓ ସ୍ତନ୍ୟପାନକାରୀ ମା' (PW & LM) ବର୍ଗରେ ୫,୮୪୩ ଜଣଙ୍କ ମଧ୍ୟରୁ ୯୯.୫୭ ପ୍ରତିଶତ ଏଣ୍ଟ୍ରି ସମ୍ପନ୍ନ ହୋଇଥିବା ବେଳେ, ୬ ମାସରୁ ୩ ବର୍ଷ ବୟସ ବର୍ଗର ୧୪,୪୧୩ ଜଣ ଶିଶୁଙ୍କ ମଧ୍ୟରୁ ୧୩,୯୭୧ ଜଣଙ୍କ ଏଣ୍ଟ୍ରି ସମ୍ପନ୍ନ ହୋଇ ୯୬.୯୩ ପ୍ରତିଶତ ଅଗ୍ରଗତି ହାସଲ ହୋଇଥିବା ଜଣାପଡ଼ିଛି। ପୋଷଣ ଟ୍ରାକର ଅନୁଯାୟୀ ଏପ୍ରିଲ-୨୦୨୬ ମାସରେ ଜିଲ୍ଲାରେ ମୋଟ ୩୫,୯୪୦ ଜଣ ସକ୍ରିୟ ଶିଶୁ ଥିବା ବେଳେ ୩୫,୯୧୬ ଜଣଙ୍କର ଉଚ୍ଚତା ଓ ଓଜନ ମାପ କରାଯାଇଛି, ଯାହା ମାପନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତାକୁ ସୂଚାଉଛି। ଏପ୍ରିଲ-୨୦୨୬ ମାସର ପୋଷଣ ଟ୍ରାକର ତଥ୍ୟ ଅନୁଯାୟୀ ଜିଲ୍ଲାରେ ୪୨୪ ଜଣ ଅତି କମ୍ ଓଜନ (Severely Underweight) ଶିଶୁ ଏବଂ ୧,୪୭୩ ଜଣ ଖର୍ବକାୟ (Severely Stunted) ଶିଶୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କର ନିୟମିତ ନିରୀକ୍ଷଣ ଓ ପୁଷ୍ଟି ସେବା ପ୍ରଦାନ ଉପରେ ଗୁରୁତ୍ୱଦିଆଯାଇଛି। ଆଭା ଆଇଡି (ଇଏସଆଇଓ) ଯାଞ୍ଚ କ୍ଷେତ୍ରରେ ମଧ୍ୟ ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୪୨,୦୭୨ ଜଣ ହିତାଧିକାରୀଙ୍କ ମଧ୍ୟରୁ ୩୯,୭୬୮ ଜଣଙ୍କ ଆଭା ଆଇଡି ସମ୍ପନ୍ନ ହୋଇ ୯୪.୫୨ ପ୍ରତିଶତ ଅଗ୍ରଗତି ହାସଲ ହୋଇଛି। ସିବିଇ (Community Based Events) ଓ ଭିଏଚଏସଏନଡି (Village Health Sanitation & Nutrition Day) କାର୍ଯ୍ୟକ୍ରମର ସମୀକ୍ଷାରେ ଏପ୍ରିଲ-୨୦୨୬ ମାସରେ ଜିଲ୍ଲାର ୭୨୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମୋଟ ୧,୪୫୪ଟି ସିବିଇ ଏବଂ ୭୨୭ଟି ଭିଏଚଏସଏନଡି କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଥିବା ଜଣାପଡ଼ିଥିଲା । ଜିଲ୍ଲାପାଳ ପୋଷଣ ଅଭିଯାନକୁ ଅଧିକ ସଫଳ କରିବା ପାଇଁ ଶିଶୁ ଓ ମାତୃ ପୁଷ୍ଟି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମରେ ଗୁଣାତ୍ମକ ସେବା ପ୍ରଦାନ, ନିୟମିତ ଘର ପରିଦର୍ଶନ ଏବଂ ତଥ୍ୟ ଅଦ୍ୟତନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ପ୍ରି ସେଟେଲମେଣ୍ଟ ବିକ୍ରୟ ଦଲିଲ ଆଧାରିତ ମ୍ୟୁଟେସନ ମାମଲା
# ୨୨ ଆବେଦନକାରୀଙ୍କୁ ଜମିପଟ୍ଟା ପ୍ରଦାନ



ଦେବଗଡ (ପିପିଏସ୍) : ରିଆମାଳ ବ୍ଲକ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ,ତହସିଲଦାର ବିଜୟ ଲକ୍ଷ୍ମୀ ନାୟକ ଯୋଗଦେଇ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ, ଓଡିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ -୧୯୬୨ ରେ ସଂଶୋଧନ ମୁତାବକ ଏକ ନୂତନ ଅଧାୟ ୩୪ (ଜି) କୁ ଯୋଗ କରଯାଇଥିଲା । ଏହି ଅନୁଯାୟୀ ତହସିଲଦାରଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜିଲାପାଳଙ୍କ କାର୍ଯାଳୟରେ ଅତିରିକ୍ତ ଜିଲାପାଳଙ୍କ ବିଚାରାଧୀନ ଥିବା ମାମଲାକୁ ରିଆମାଳ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା । ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ସକ୍ରିୟ ପଦକ୍ଷେପ ଫଳରେ ତନ୍ମଧ୍ୟରୁ ୨୨ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି । ଅବଶିଷ୍ଟ ମାମଲାର ତ୍ୱରିତ ଫଇସଲା ପାଇଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ଅପେକ୍ଷାରତ ତତ୍‌ସମ୍ବନ୍ଧୀୟ ମାମଲାର ତ୍ୱରିତ ଫଇସଲା ସମ୍ଭବ ହୋଇପାରିଛି ।

# ମହିଳା ମଦବେପାରୀ ଗିରଫ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ପଂଚାୟତର ସୋଲବଗା ଠାରେ ଚୋରାରେ ମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଅଂଚଳର ମହିଳା ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା। ଏହିପରି ଅଭିଯୋଗକୁ ଅବକାରୀ ବିଭାଗ ଅଣଦେଖା କରି ଆସୁଥିବାବେଳେ ଆଜି ଘଟଣା ସ୍ଥଳରେ ଚଢ଼ାଉ କରି ୯ ଲିଟର ବିଦେଶୀ ମଦ ଜବତ୍ କରିବା ସହ ସମ୍ପୃକ୍ତା ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣଙ୍କ ସୋଲବଗା ଗ୍ରାମର ଲିଲି ନାଏକ ବୋଲି ଜଣାପଡିଛି। ଅପରପକ୍ଷେ ଗୋବିନ୍ଦପୁର ଅବକାରୀ ଅଧିକାରୀ ଦୁଲେଶ୍ୱର କୁମୁରା ଓ ଶ୍ୟାମ ଭୋଇଙ୍କ ପରୋକ୍ଷ ସହାୟତାରେ ମହିଳା ଜଣଙ୍କ ଦୀର୍ଘ ଦିନ ଧରି ଏଠାରେ ମଦ ବିକ୍ରି କରିଆସୁଥିବା ନିଜ ସଫେଇରେ ଜଣାଇଛି। ଯାହା ଫଳରେ ଆଜିର ଅବକାରୀ ଚଢାଉ ଏକ ପ୍ରହସନ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଖରିଫ୍ ଧାନ ଚାଷ ପରବର୍ତ୍ତୀ ପଡିଆ ଜମିର ପରିଚାଳନା ସମ୍ପର୍କିତ ତାଲିମ୍

କନ୍ଧମାଳ: ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାତୀ ଓ କୃଷୀ ବିଭାଗ ଖରିଫ୍ ଚାଷ ପରବର୍ତୀ ପଡିଆ ଜମିର ପରିଚାଳନା ସମ୍ପର୍କିତ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ମାନ୍ୟବର ଘୁ. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି କୃଷକ ମାନଙ୍କୁ ଉତ୍ସାହିତ କରିବା ସହିତ ନିଜ ଜମିରେ ରାସାୟନିକ ସାର ପ୍ରୟୋଗ ପରିବର୍ତେ ଜୈବିକ ସାର ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଏହି ତାଲିମରେ ଗୁଟିଙ୍ଗିଆ ପଂଚାୟତର ବିଭିନ୍ନ ଗ୍ରାମରୁ ୧୧୫ ଜଣ ଚାଷି ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ତରଫରୁ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ । କୃଷି ଅଧିକାରି କିପରି ଧାନ କାଟିବା ପୂର୍ବରୁ ଓ ପରେ ଧଳା ମଟର ଚାଷ କରାଯାଇ ପାରିବ ତାହା ଚାଷି ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଯାହାକି କମ୍ ପାଣିରେ ଭଲ ଅମଳ ହୋଇପାରିବ ଏବଂ ଏହାକୁ ଏକ ବର୍ଷ ଧରି ଘରେ ରଖି ଖାଦ୍ୟ ରୂପେ ବ୍ୟବହାର କରାଯାଇପାରିବ । ତତ୍ ସହିତ ସାଇତା ଯାଇଥିବା ମଟରକୁ ଅଧିକ ଦରରେ ବିକ୍ରି କରି ଅଧିକ ଦୁଇପଇସା ରୋଜଗାର ମଧ କରିହେବ । ଖରିଫ୍ ଚାଷ ଅପେକ୍ଷା ରବି ଚାଷରେ କମ୍ ରୋଗ ପୋକ ଲାଗନ୍ତି ବୋଲି କୃଷି ବିଶେଷଜ୍ଞ ମାନେ ମତ ରଖିଥିଲେ । ବିଧାୟକ ଚାଷି ମାନେ କିପରି ନିଜ ନିଜର ଗାଇଗୋରୁ ମାନଙ୍କୁ ଆକଟ କରି ରଖିଲେ ଯାହା ସମସ୍ତ ଚାଷି ମାନଙ୍କୁ କୃଷି କରିବାରେ ସହାୟକ ହେବ ବୋଲି କହିଥିଲେ । ଆହୁରି ମଧ ପାଣିପାଗ ପରିବର୍ତନକୁ ଆଖି ଆଗରେ ରଖି ଚାଷିମାନେ କିପରି ଭାବେ ପୁରାତନ ଶଶ୍ୟ ଯଥା ମାଣ୍ଡିଆ, କୁଏରି, କାଙ୍ଗୁ ଚାଷ କରିପାରିବେ ତାହା ବୁଝାଇଥିଲେ । ତାଲିମରେ ପ୍ରଶିକ୍ଷକ ଭାବରେ ଟିକାବାଲି ଗୋଷ୍ଠି କୃଷି ଅଧିକାରି ସାଗରିକା ଦାସ, ସହ କୃଷି ଅଧିକାରି ଶୁଭସ୍ମିତା ସାହୁ , ସୁମିତ୍ରା ଡୋପାନ, ଗାୟତ୍ରୀ ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନ ତରଫରୁ କୁସ ସାନସେଠ୍, ଅନନ୍ତ ମଲ୍ଲିକ୍, ଦିପେଶ ମହାକୁଡ, ପୁଜା ପ୍ରଧାନ, ଦାମିନୀ ପ୍ରଧାନ, ମିନ୍ନୟ ବେହେରା ଓ ମାଧୁରି ଦିଗାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ
# ୨ ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର

ଜୟପୁର: ଜୟପୁର ସହରର ଉପକଣ୍ଠ ୨୬ ନମ୍ବର ଜାତୀୟ ରାଜପଥ ବାରିଣିପୁଟ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଦୁଇ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ବାଇକର ଆରୋହୀ ଗୁରୁତର ଭାବେ ଆହତ ହୋଇ ବିଶାଖାପଟଣାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ମୃତକ କୋରାପୁଟ ସଦରଥାନା କୋଲାବନଗରର ଯୁବକ ଟୁନା ଖୋସ୍ଲା (୨୦) ଏବଂ ଅନ୍ୟ ବାଇକର ଚାଳକ ଜୟପୁର ସଦରଥାନା କେରାପୁଟ ଗ୍ରାମର ନବୀନ ଟାକ୍ରୀ (୩୦) । ଗୁରୁତର କୋଲାବ ନଗରର ମୋହିତ ଖରା (୧୮) । ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଉଭୟ ବାଇକ ଦୃତଗତି ଯାଉଥିବା ବେଳେ ଘଟଣାସ୍ଥଳରେ ଜାତୀୟ ରାଜପଥରେ ବୁଲାଣିରେ ଉଭୟ ବାଇକ ନିୟନ୍ତ୍ରଣ ହରାଇ ମୁହାଁମୁହିଁ ଧକ୍କାରେ ଏହି ମୁମୁର୍ଷ ଦୁର୍ଘଟଣା ଘଟିଥିଲା । କିନ୍ତୁ କେଉଁ ବାଇକ କେଉଁ ଆଡେ ଯାଉଥିଲା ଏହା ସ୍ପଷ୍ଟ ହୋଇପାରିନାହିଁ । ଖବରପାଇ ବାରିଣିପୁଟ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଂଚି ଉଭୟ ବାଇକକୁ ରାସ୍ତା ପାର୍ଶ୍ୱକୁ ଉଠାଇନେବା ସହିତ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ ଏବଂ ପ୍ରଥମେ ସମସ୍ତ ୩ ଜଣ ଗୁରୁତରଙ୍କୁ ସ୍ଥାନୀୟ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଳୟର ଜଣେ ବାଇକ ଚାଳକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଅନ୍ୟଜଣେ ଯୁବକ ଗୁରୁତର ରହିଥିବା ଯୋଗୁଁ ତାଙ୍କୁ ବିଶାଖପାଟଣା ସ୍ଥାନାନ୍ତରିତ କରାଯାଇଥିବା ନେଇ ବାରିଣିପୁଟ ଫାଣ୍ଡି ଅଧିକାରୀ ଏ.ଏସ.ଆଇ ତିରୁପତି ଶବର ପ୍ରକାଶ କରିଛନ୍ତି ।

# ମହେଶ୍ୱରପୁର ଗ୍ରାମରେ ମସୁର ଫସଲର କ୍ଷେତ୍ର ଦିବସ
# ଶତାଧିକ ଚାଷୀଙ୍କ ଯୋଗଦାନ

ଚମ୍ପୁଆ: ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତର ମହେଶ୍ୱରପୁର ଗ୍ରାମରେ ମସୁର ଫସଲର କ୍ଷେତ୍ର ଦିବସ ପାଳନ ଅବସରରେ ଏକ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ। ସଭାରେ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ଓ ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ ଯୋଗ ଦେଇ ଚାଷୀ ମାନଙ୍କୁ ମସୁର ଚାଷର ଆଧୁନିକ ପ୍ରଣାଳୀ, ରୋଗ ପୋକ ପରିଚାଳନା ଏବଂ ଅଧିକ ଅମଳକ୍ଷମ ବିହନ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଫସଲର ସ୍ଥିତି ଓ ଏହାର ଲାଭ ବିଷୟରେ ଚାଷୀମାନଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରା ଯାଇଥିଲା। ଏହି ଅବସରରେ ଚାଷୀମାନେ ନିଜ ନିଜର ଅନୁଭୂତି ବାଣ୍ଟିବା ସହ କୃଷି ବିଭାଗର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରଜିଆ ପଂଚାୟତ କୃଷି ଅଧିକାରୀ କ୍ଷୀରୋଦିନୀ କିଷାନ ପରିଚାଳନା କରିଥିବା ବେଳେ କୃଷକ ସାଥି ସଚ୍ଚିଦାନନ୍ଦ ପ୍ରଧାନ, ଯତୀନ କୁମାର ମହାନ୍ତ ସହଯୋଗ କରିଥିଲେ।

# ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ଓ ପରିବେଶ ପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ଝାରସୁଗୁଡ଼ା: ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ବିମାନବନ୍ଦର ପରିସରରେ ଏରୋଡ୍ରୋମ କମିଟି ଏବଂ ବିମାନବନ୍ଦର ପରିବେଶ ପରିଚାଳନା କମିଟିର ଏହି ମିଳିତ ବୈଠକ ସମ୍ପନ୍ନ ହୋଇଛି । ଏହି ବୈଠକରେ ବିମାନବନ୍ଦରର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଶେଷ କରି ବିମାନ ଉଡ଼ାଣ ଏବଂ ଅବତରଣ ସମୟରେ ବନ୍ୟଜନ୍ତୁଙ୍କ ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ଆହ୍ୱାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ରହିଥିବା ଏହି ବନ୍ୟଜନ୍ତୁ ସମସ୍ୟାର ସମାଧାନ ପାଇଁ ବନ ବିଭାଗ ଓ ବିମାନବନ୍ଦର କର୍ତୃପକ୍ଷ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବିମାନବନ୍ଦରର ଚତୁଃପାର୍ଶ୍ୱରେ ପରିବେଶ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ପକ୍ଷୀଙ୍କ ପ୍ରାଦୁର୍ଭାବ କମାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି । ବିମାନବନ୍ଦରକୁ ଅଧିକ ସୁରକ୍ଷିତ ଏବଂ ଯାତ୍ରୀ ଅନୁକୂଳ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ବିମାନବନ୍ଦର ନିର୍ଦ୍ଦେଶକଙ୍କ ସମେତ ପୋଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ହରଭଙ୍ଗା (ପିପିଏସ୍) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ଼ଗୁଣ୍ଡୁରୀସାହି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଟେନ୍ଦ୍ର କୁମାର ସାମଲଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ମୁଖ୍ୟ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ହରଭଙ୍ଗା ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାଶଙ୍କର ପଟ୍ଟନାୟକ,ଛତରଙ୍ଗ ସି ଆର ସି ସି ସୁଧୀର କୁମାର ଦେହୁରୀ,ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟରୁ ଅବସର ନେଉଥିବା ପ୍ରଧାନଶିକ୍ଷକ ଶ୍ରୀ ସାମଲ ଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିବା ସହ ତାଙ୍କର ଅବଶିଷ୍ଟ ସମୟ ନୀରୋଗ ଓ ନିରାମୟରେ କଟିବା ସହିତ ଅବଶିଷ୍ଟ ଜୀବନ ସୁଖପ୍ରଦ ହେଉ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରାଜକିଶୋର ପୃଷ୍ଟି ଧନ୍ୟବାଦ ଜଣାଇଥିଲେ ।ଉକ୍ତ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷକ ଅଜୟ କୁମାର ପ୍ରଧାନ, ଅନିଲ କୁମାର ଅମାତ, ସୁରେନ୍ଦ୍ର ସାହୁ, ବସନ୍ତ ବେହେରା, ପ୍ରଶାନ୍ତ ମଲ୍ଲିକ, ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଏସ୍‌ଆଇଆର୍- ୨୦୨୬ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା: ଝାରସୁଗୁଡା ଜିଲ୍ଲାରେ ଏସଆଇଆର-୨୦୨୬ ଅନ୍ତର୍ଗତ ଆଜି ଠାରୁ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଓ ଯାଂଚ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଇଆରଓ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଲଳିତ ସୋରେଙ୍ଗ ଏବଂ ଉପ-ଜିଲ୍ଲାପାଳ-ତଥା-ଇଆରଓ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୩୦ ମେ' ୨୦୨୬ ଠାରୁ ଆରମ୍ଭ ହୋଇଥିବା ଏହି କ୍ଷେତ୍ରସ୍ତରୀୟ ଅଭିଯାନ ଆସନ୍ତା ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ଜାରି ରହିବ। ଏହି ସ୍ୱତନ୍ତ୍ର କ୍ଷେତ୍ର ଅଭିଯାନର ଶୁଭାରମ୍ଭକୁ ସ୍ମରଣୀୟ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ଏସଆଇଆର' ଥିମ୍ ଆଧାରିତ ଏକ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନ କରାଯାଇଥିଲା। ଏହାପରେ ବିଏଲଓ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ ହୋଇଥିଲା।

ଏହି ସମାବେଶରେ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ, ଝାରସୁଗୁଡ଼ା ପୌରପାଳିକାର ଏଇଆରଓ ସୌମ୍ୟେଶ ଆଚାର୍ଯ୍ୟ, ସହକାରୀ ଜିଲ୍ଲାପାଳ ସଞ୍ଜୀବ ଶଡ଼ଙ୍ଗୀ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ ଏବଂ ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦେବୋତ୍ତର ଉପଦେଷ୍ଟା କମିଟିର ସଭାପତି ହେଲେ ଦେବେନ୍ଦ୍ର ବାହିନୀପତି

ଜୟପୁର: ଦେବୋତ୍ତର ଉପଦେଷ୍ଟା ମଣ୍ଡଳୀର ସଭାପତି ହେଲେ ଦେବେନ୍ଦ୍ର ବାହିନୀପତି । ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ କମିଟି ତରଫରୁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ପାଇଁ ଦେବେନ୍ଦ୍ର ବାହିନୀପତି ଓ ସନ୍ଦୀପ ସାମନ୍ତରାୟ ଆବେଦନ କରିଥିଲେ। ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ ଓ ଦେବୋତର ଅଧିକାରୀ ସବ୍ୟସାଚି ଜେନା ଙ୍କ ଉପସ୍ଥିତି ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଦେବେନ୍ଦ୍ର ୯ ଖଣ୍ଡ ଭୋଟ ପାଇଁ ଥିବା ବେଳେ ସନ୍ଦୀପ ୬ ଖଣ୍ଡ ଭୋଟ ପାଇଥିଲେ। ପ୍ରଶାସନ ତରଫରୁ ଦେବେନ୍ଦ୍ର ଙ୍କୁ ସଭାପତି ଘୋଷଣା କରିଥିଲେ । ଏହି ଉପଦେଷ୍ଟା ମଣ୍ଡଳୀରେ ଉପଜିଲ୍ଲାପାଳ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ପେ ?ର କାର୍ଯ୍ୟନିର୍ବାହୀ ଅଧିକାରୀ, ଟାଉନଥାନା ଅଧିକାରୀଙ୍କ ସମେତ ଦେବେନ୍ଦ୍ର କୁମାର ବାହିନୀପତି, ସନ୍ଦିପ କୁମାର ସାମନ୍ତରାୟ, ଡ.ପରେଶ କୁମାର ରଥ,ସାଧୁ ଚରଣ ଚେ ?ଧୁରୀ, ଆଇନଜୀବୀ ପିଭିଏସ ନାନାଜୀ ଆଚାରୀ,ଆଇନଜୀବୀ ତ୍ରିନାଥ ସି ?ଲାଲ,ଆଇନଜୀବୀ ପି.ରମେଶ ପାତ୍ର, ଆଇନଜୀବୀ ଲାଲ ମୋହନ ମିଶ୍ର, ଲିଙ୍ଗରାଜ ନିଶଙ୍କ,ଧିରେନ୍ଦ୍ର ପ୍ରସାଦ ରଥ, ନଟେନ୍ଦ୍ର ନାଥ ନାୟକ, ନିହାର ରଞ୍ଜନ ବିଷୋୟୀ, ଭବାନୀ ଚରଣ ଆଚାର୍ଯ୍ୟଙ୍କ ନାମ ଭୁବନେଶ୍ୱର ଦେବୋତର ବିଭାଗର ପତ୍ରସ ?ଖ୍ୟା ୪୯୨୪ ରେ ଉଲ୍ଲେଖ କରାଯାଇଥିଲା । ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ଏହି ମଣ୍ଡଳୀ କାର୍ଯ୍ୟଭାର ତୁଲାଇବେ ବୋଲି ଜଣାଯାଇଛି ।

# ଟାଟା ଷ୍ଟିଲ ପକ୍ଷରୁ ଠିକାଦାର ଓ ରାଜମିସ୍ତ୍ରି ସଚେତନତା ସମ୍ମିଳନୀ

ଝାରସୁଗୁଡା : ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ଗ୍ରୀନଭେଲି ବଗିଚାରେ ଟାଟାଷ୍ଟିଲ ପକ୍ଷରୁ ଠିକାଦାର ଓ ରାଜମିସ୍ତ୍ରୀ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଆଦର୍ଶ ଏଣ୍ଟରପ୍ରାଇଜେସ ଓ ଡେସନ ଡିଷ୍ଟ୍ରିବ୍ୟୁଟରଙ୍କ ସହଭାଗିତାରେ ଅନୁଷ୍ଠିତ ସମ୍ମିଳନୀରେ କମ୍ପାନୀ ଉପଭୋକ୍ତା ସେବା ମ୍ୟାନେଜର ରାଜକୁମାର ପାଳ ଯୋଗଦେଇ ଟାଟା ଷ୍ଟିଲ ଟିଏମଟି ବାର୍‌ର ଗୁଣବତା ତଥା ଲୋକଙ୍କ ଚାହିଦା ଓ ଟାଟା କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଆଦର୍ଶ ଏଂଟରପ୍ରାଇଜେସ ର ପ୍ରୋପାଇଟର ସୁଶାନ୍ତ କୁମାର ପୁରୋହିତ ମଂଚାସିନ ଥିଲେ । ଏରିଆ ସେଲସ ମ୍ୟାନେଜର ସତ୍ୟନାରାୟଣ ବାରିକ ମଂଚ ପରିଚାଳନା କରିଥିଲେ । ଏଥିରେ କୋଲାବିରା ବ୍ଲକ ଅଂଚଳର ବହୁ ଠିକାଦାର ଓ ମିସ୍ତ୍ରୀ ଯୋଗଦେଇଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରା ଏସ୍‌ଆଇଆର୍ ୨୦୨୬ ଶୁଭାରମ୍ଭ

ଜୟପୁର: କୋରାପୁଟ କଫିର ମହକ ସହ ମିଶିଗଲା ଗଣତନ୍ତ୍ରର ମହକ। କୋରାପୁଟ କଫି ପରିସରରେ ଏସଭିଇଇପି ଅନ୍ତର୍ଗତ ଏସଆଇଆର ୨୦୨୬ ର ଶୁଭାରମ୍ଭ ହେଲା। ଜିଲ୍ଲାପାଳଙ୍କ ହାତରେ ଏସ୍‌ଆଇଆର ୨୦୨୬ ପତାକା ଉନ୍ମୋଚିତ ହେବା ସାଙ୍ଗକୁ କୋରାପୁଟ କଫିର ମହକରେ ଭାସିଲା ଭୋଟର ସଚେତନତାର ବାର୍ତା।।

ଜିଲ୍ଲାପାଳ କହିଲେ, 'ଯେମିତି କୋରାପୁଟ କଫି ବିନା ଭେଜାଲରେ ଶୁଦ୍ଧ, ସେମିତି ଆମ ଭୋଟର ତାଲିକା ମଧ୍ୟ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ହେବା ଜରୁରୀ।' ବିଏଲଓମାନେ ନିଷ୍ଠା ଓ ନିରପେକ୍ଷତାର ସହ ଘରକୁ ଘର ଯାଇ ଯାଂଚ୍ କରିବାକୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ଆଜିଠାରୁ ବିଏଲଓ ମାନେ ଘରକୁ ଘର ଯିବେ। ମୃତ, ସ୍ଥାନାନ୍ତରିତ ଓ ଦୁଇଥର ନାମ ବାଦ୍ ପଡିବ। ନୂଆ ୧୮ବର୍ଷୀୟଙ୍କ ନାମ ଯୋଡାଯିବ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବର, ଆଇ.ଏ.ଏସ ପ୍ରୋବେସନର ଅନୁପ ନାୟକ, ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ,ଡେପୁଟି କଲେକ୍ଟର ନିର୍ବାଚନ ତଥା ଏସଭିଇଇପି ନୋଡାଲ ଅଫିସର ମଙ୍ଗଳ ଚରଣ ବାସ୍କେ, ଆଦିବାସୀ ଉନ୍ନୟନ ସମବାୟ ନିଗମର ଶାଖା ପରିଚାଳକ ରାକେଶ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ଏବଂ ବିଏଲଓ ମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଟ୍ରଫି (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ପ୍ରସ୍ତୁତି

ବଲାଙ୍ଗୀର, (ପିପିଏସ) : ଆଗାମୀ ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ଆୟୋଜନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡଃ ବିଜୟାନନ୍ଦ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ଜିଲ୍ଲା କ୍ରିଡା ସଂସଦର ସଭାପତି ଡଃ ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ବଲାଙ୍ଗୀର ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ହରିଓମ ଶମ୍ଭୁ ନାରାୟଣ ଦାସ, କ୍ରିଡା ଛାତ୍ରାବାସ ଅଧିକ୍ଷକ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଋଇଡ) ପକ୍ଷରୁ ଆଗାମୀ ମୁଖ୍ୟମନ୍ତ୍ରୀ ଟ୍ରଫି–୨୦୨୬ (ବାଳିକା) ଅଣ୍ଡର-୧୪ ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ର ସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଟୁର୍ଣ୍ଣାମେଣ୍ଟ ସୂଚୀ ଅନୁଯାୟୀ, ଆସନ୍ତା ୧ ଜୁନ୍ ୨୦୨୬ରୁ ଜୋନାଲ୍ ମ୍ୟାଚ୍‌ଗୁଡ଼ିକ ଆରମ୍ଭ ହେବ, ଯେଉଁଠାରେ ଜିଲ୍ଲାର ଅଗ୍ରଣୀ ଯୁବା ବାଳିକା ଫୁଟବଲ୍ ପ୍ରତିଭାମାନେ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ । ଦ୍ୱିତୀୟ ଆନ୍ତଃ-ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ?ର ଜୋନାଲ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ବଲାଙ୍ଗୀରର ସଦେଇପାଲି ସ୍ଥିତ ପଲ୍ଲୀଶ୍ରୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ମୋଟ ୮ଟି ଜିଲ୍ଲା ଦଳ ଭାଗ ନେବେ । ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି- ଗ୍ରୁପ୍-ଏ ): ବଲାଙ୍ଗୀର, ନୟାଗଡ଼, ଦେବଗଡ଼ ଓ ବୌଦ୍ଧ; ଗ୍ରୁପ୍-ବି : ବରଗଡ଼, ସମ୍ବଲପୁର, ସୋନପୁର (ସୁବର୍ଣ୍ଣପୁର) ଓ ନୂଆପଡ଼ା । ଗ୍ରୁପ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ୧ ଜୁନ୍ ରୁ ୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ଷ୍ଟାଡିୟମ୍‌ରେ କ୍ରମାଗତ ଭାବେ ଅନୁଷ୍ଠିତ ହେବ । ପ୍ରଚଣ୍ଡ ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି, ପ୍ରତିଦିନ ସକାଳ ୬:୩୦ ଓ ସନ୍ଧ୍ୟା ୫:୦୦ରେ ମ୍ୟାଚ୍ ?ଗୁଡ଼ିକ ଖେଳାଯିବ । ପ୍ରଥମ ଦିନ (୧ ଜୁନ୍) ମ୍ୟାଚ୍ ?ଗୁଡ଼ିକ ସକାଳ ୬:୩୦ସମୟରେ ଦେବଗଡ଼ ବନାମ ବୌଦ୍ଧ (ଗ୍ରୁପ୍-ଏ) ଏବଂ ସନ୍ଧ୍ୟା ୫:୦୦ ସମୟରେ ଆୟୋଜକ ବଲାଙ୍ଗୀର ବନାମ ନୟାଗଡ଼ (ଗ୍ରୁପ୍-ଏ) । ଷଡ଼ଦିନିଆ କଡ଼ା ମୁକାବିଲା ପରେ ଦୁଇଟି ଗ୍ରୁପ୍ ?ର ଶୀର୍ଷ ଦଳ ଆଗକୁ ବଢ଼ିବେ । ଗ୍ରୁପ୍-ଏ ର ବିଜେତା ଓ ଗ୍ରୁପ୍-ବି ର ବିଜେତାଙ୍କ ମଧ୍ୟରେ 'ଜୋନ୍ କ୍ୱାଲିଫାଇ ମ୍ୟାଚ୍' ୭ ଜୁନ୍ ୨୦୨୬ ସକାଳ ୬:୩୦ରେ ଗାନ୍ଧୀ ଷ୍ଟାଡିୟମ୍ ?ରେ ଅନୁଷ୍ଠିତ ହେବ । ଜୋନାଲ୍ କୋ-ଅର୍ଡିନେଟର ଡଃ. ଶ୍ରୀକର ମିଶ୍ର ଓ ଶ୍ରୀ ଶରତ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ମ୍ୟାଚ୍ ?ଗୁଡ଼ିକ ପରିଚାଳିତ ହେବ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧।୦୬।୨୦୨୬ ■ ସୋମବାର

# ଅନ୍ୟକୁ ମିଳୁ ସୁଯୋଗ

ପଛୁଆବର୍ଗଙ୍କ ମଧ୍ୟରେ କ୍ରିମି ଲେୟରଙ୍କୁ ସ୍ଥାନସଂରକ୍ଷଣର ସୁବିଧା ମିଳିବା ଉଚିତ କି ନୁହେଁ, ଏ ପ୍ରଶ୍ନ ମଣ୍ଡଳ କମିଶନ ସମୟରୁ ଭାରତୀୟ ରାଜନୀତି ଓ ସମାଜରେ ରହିଆସିଛି । ଗତ ୧୮ ତାରିଖରେ ଏ ପ୍ରଶ୍ନ ସଂକ୍ରାନ୍ତୀୟ ଆବେଦନଗୁଡ଼ିକ ଉପରେ ସୁପ୍ରିମକୋର୍ଟ ମହତ୍ତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଦାନ କରିଛନ୍ତି ଯାହା ଆମ ରାଜ୍ୟରେ ସେପରି ଚର୍ଚ୍ଚାର ପ୍ରସଙ୍ଗ ହୋଇନାହିଁ । ଏ ପ୍ରଶ୍ନ କେବଳ ସ୍ଥାନ ସଂରକ୍ଷଣଙ୍କୁ ନେଇ ନୁହେଁ, ସାମାଜିକ ନ୍ୟାୟ ଓ ବ୍ୟବସ୍ଥାରେ ପ୍ରତିନିଧିତ୍ୱ ସହିତ ସଂଯୁକ୍ତ, ଯାହାର ଉତ୍ତର ଖୋଜିବା ଦରକାର । ସୁପ୍ରିମକୋର୍ଟର ଦୁଇଜଣିଆ ବେଞ୍ଚ ସେ ସବୁ ଆବେଦନଗୁଡ଼ିକର ଶୁଣାଣି କରୁଛନ୍ତି, ଯହିଁରେ ଓବିସି କ୍ରିମି ଲେୟରଙ୍କୁ ମଧ୍ୟ ସ୍ଥାନସଂରକ୍ଷଣର ଫାଇଦା ଦେବା ଲାଗି ଦାବି କରାହୋଇଛି । ସର୍ବୋଚ୍ଚ ଅଦାଲତ ଏଠାରେ ଉଦାହରଣ ପ୍ରଦାନ କରି କହିଥିଲେ ଯେ ଯଦି ମାତା-ପିତା ଉଭୟ ଆଇଏଏସ ଅଫିସର, ତେବେ ତାଙ୍କ ସନ୍ତାନଙ୍କୁ ସ୍ଥାନସଂରକ୍ଷଣର ସୁବିଧା ପ୍ରଦାନ କରିବାର କ'ଣ ଆବଶ୍ୟକତା ଅଛି ? ଶୀର୍ଷ ଅଦାଲତ ମୁତାବକ ଶିକ୍ଷା ଓ ଆର୍ଥିକ ସଶକ୍ତିକରଣ ସହ ସାମାଜିକ ଗତିଶୀଳତା ମଧ୍ୟ ଆସିଥାଏ । ଯଦି ପରବର୍ତ୍ତୀ ପିଢ଼ି ମଧ୍ୟ ସ୍ଥାନ ସଂରକ୍ଷଣର ସୁବିଧା ମାଗିଚାଲିବେ, ତେବେ ସମାଜ କେବେ ବି ଏ ବ୍ୟବସ୍ଥାରୁ ମୁକ୍ତି ପାଇବ ନାହିଁ ।

ସୁପ୍ରିମକୋର୍ଟଙ୍କ ମୌଖିକ ଟିପ୍ପଣୀ ସ୍ଥାନସଂରକ୍ଷଣର ମୂଳ ଉଦ୍ଦେଶ୍ୟର ପ୍ରଶ୍ନ ସହିତ ଜଡ଼ିତ । ଏହାର ଉଦ୍ଦେଶ୍ୟ ହେଉଛି ପଛୁଆବର୍ଗଙ୍କୁ ଆଗକୁ ବଢ଼ିବା ଲାଗି ସମାନ ସୁଯୋଗ ଓ ଅବସର ପ୍ରଦାନ କରିବା– ସେ ସବୁ ଜାତି ତଥା ସମାଜକୁ ମୁଖ୍ୟଧାରାକୁ ଆଣିବା, ଯେଉଁମାନେ ସାମାଜିକ ତଥା ଐତିହାସିକ କାରଣରୁ ପଛରେ ରହିଯାଇଛନ୍ତି ଏବଂ ଦୀର୍ଘକାଳ ଧରି ଯେଉଁମାନଙ୍କୁ ଦବାଇ କରି ରଖାଯାଇଚି । ସ୍ଥାନ ସଂରକ୍ଷଣ କଦାପି କେବଳ ଆର୍ଥିକ ସହାୟତାର ସାଧନ ଭାବେ ଦେଖାଯାଇ ନାହିଁ । ଆଜିର ସମାଜରେ କାହାର ବି ପରିଚୟ, ଆଧିପତ୍ୟ ବହୁତ କିଛି ତାହାର ଆର୍ଥିକ ସ୍ଥିତି ଦ୍ୱାରା ସ୍ଥିରୀକୃତ ହେଉଛି । ଉଚ୍ଚକୋଟିର ଶିକ୍ଷା, ପରିବେଶ, ଚଳପ୍ରଚଳ ଓ ଆଗକୁ ବଢ଼ିବା ଲାଗି ସୁଯୋଗ, ବାସ୍ତବରେ ଆର୍ଥିକ ସାମର୍ଥ୍ୟ ଫଳରେ ମିଳିପାରୁଛି ଏବଂ ଏକ ପରିବାର ସ୍ୱଚ୍ଛଳ ଥିଲେ, ତା' ପାଇଁ ଅନେକ ମାର୍ଗ ମଧ୍ୟ ଖୋଲିଯାଉଛି । ସୁପ୍ରିମକୋର୍ଟଙ୍କ ଟିପ୍ପଣୀର ମାନେ ହେଉଛି ଯଦି କେହି ସ୍ଥାନସଂରକ୍ଷଣ ଜରିଆରେ ଏସବୁ ହାସଲ କରିପାରିଛି, ତେବେ ସିଏ ଅଲଗା ହୋଇଯାଇ, ତା' ପଛରେ ରହିଯାଇଥିବା ଅନ୍ୟମାନଙ୍କୁ ରାସ୍ତା ଛାଡ଼ିଦେବା ଦରକାର । ସିଏ ତା' ହେଲେ ଆଗକୁ ମଧ୍ୟ ବଢ଼ିପାରିବ ।

ବାସ୍ତବରେ ସମାନତା ଏହି ପ୍ରକାରେ ହିଁ ଆସିପାରେ । ତା' ନହେଲେ ସ୍ଥାନ ସଂରକ୍ଷଣ ବର୍ଗଙ୍କ ଭିତରେ ହିଁ ଅସମାନତାର ବ୍ୟବଧାନ ବଢ଼ିଚାଲିବାର ବିପଦ ରହିଛି । ଅଧିସୂଚିତ ଜାତି କ୍ଷେତ୍ରରେ ଏହା ପରିଲକ୍ଷିତ ହେଉଛି । ନିର୍ଦ୍ଦିଷ୍ଟ କେତେକ ଜାତି ବିଶେଷର ଲୋକେ ପିଢ଼ି ପରେ ପିଢ଼ି ସ୍ଥାନ ସଂରକ୍ଷଣର ସୁବିଧା ନେଇଚାଲିଛନ୍ତି । ଅଧିସୂଚିତ ଜନଜାତିମାନଙ୍କ କ୍ଷେତ୍ରରେ ମଧ୍ୟ ଏପରି ହେଉଥିବା ଲକ୍ଷ୍ୟ କରାଯାଉଛି । କିନ୍ତୁ ତାହାର ସଂଶୋଧନ ହୋଇପାରି ନାହିଁ । ୧୯୯୨ରେ ଐତିହାସିକ ଇନ୍ଦିରା ସାହାଣୀ ଜଜମେଣ୍ଟରେ କ୍ରିମି ଲେୟର ଅସ୍ତିତ୍ୱରେ ଆସିଲା । ଏପ୍ରସଙ୍ଗ ଯେତେ ଜରୁରୀ, ସେତେ ସମ୍ବେଦନଶୀଳ ମଧ୍ୟ । ଏହି କାରଣରୁ ରାଜନୈତିକ ଦଳମାନେ ଏହା ଉପରେ ବିତର୍କ କରିବାକୁ ଚାହୁଁନାହାନ୍ତି, କିନ୍ତୁ ଏପ୍ରସଙ୍ଗ ଉପରେ ଚର୍ଚ୍ଚା ନ କଲେ ମାମଲା ସମାଧାନ ହେବ ନାହିଁ, ବିଳମ୍ବିତ ହୋଇଚାଲିବ । ତେଣୁ ଶୀର୍ଷ ଅଦାଲତ ସନ୍ତୁଳନ ରକ୍ଷା କରାଯିବା କଥା କହିଛନ୍ତି । ସାମାଜିକ ସ୍ତରରେ ବାସ୍ତବିକତାକୁ ଦୃଷ୍ଟିରେ ରଖି ଯାହା ବ୍ୟବହାରିକ ହୋଇପାରିବ, ତାହା କରାଯିବା ଦରକାର । ଯେଉଁମାନେ ସଂପନ୍ନ ସେମାନେ ସ୍ୱତଃ ସଂରକ୍ଷଣର ସୁବିଧା ନ ନେବା ଉଚିତ । ❐❐

# ନୂଆ ପୋଷାକ

ପ୍ରଶ୍ନ ଉଠେ ମୁକ୍ତି କ'ଣ ? ଅନେକ ଭାବନ୍ତି ଜଣେ ବନ୍ଦୀ ଯଦି ବାହାରକୁ ଆସିଥାଏ ତାହାଲେ ବୋଧେ ମୁକ୍ତି। ସେହିପରି ମୁକ୍ତିର ମଧ୍ୟ ବିଭିନ୍ନ ପ୍ରକାର ଭେଦ ଅଛି। କେହି କେହି ମୁକ୍ତି ପୂର୍ବରୁ ମୁକ୍ତ ବିହଙ୍ଗର ବି ଉଦାହରଣ ଦିଅନ୍ତି। କିନ୍ତୁ ବାସ୍ତବ କଥା ସେଇୟା ନୁହେଁ। ଆମେ ନିଜେ ଆପଣା କର୍ମରେ ହିଁ ବନ୍ଦୀ ଏବଂ ଇଛାକଲେ ମୁକ୍ତି ପାଇପାରିବା। ଅସତ୍ କର୍ମ ବା କୁକର୍ମରୁ ଶୀଘ୍ର ନିଜକୁ ମୁକ୍ତି ପାଇ ସଦ୍‌ଜୀବନ ଓ ସତ୍ କର୍ମ ପାଇଁ ଆମେମାନେ ଚେଷ୍ଟା କରିବା ଉଚିତ। ମୁକ୍ତି କେବଳ ତତ୍ତ୍ୱ ବା ଜ୍ଞାନର ପ୍ରସଙ୍ଗ ନୁହେଁ ତଥାପି ସବିଶେଷ ଆମେ ଏହା ଉପରେ ଆଲୋଚନା କଲେ ଏହାର ଆଧାତ୍ମିକତା ଅନ୍ତର୍ନିହିତ ବି ଅଛି । ତେଣୁ ମୁକ୍ତି ପ୍ରସଙ୍ଗରେ ଦୁଇଧାଡ଼ି ସହୃଦୟ ଜିଜ୍ଞାସୁଙ୍କ ଆଗରେ ଆଲୋଚନା ରଖିବା। ବୃହଦାରଣ୍ୟକ ଉପନିଷଦ କହେ, ଆତ୍ମା ଅବିନଶ୍ୱର ଏହାର ମୃତ୍ୟୁ ନାହିଁ। ଘାସ ଉପରେ ଚାଲୁଥିବା ଶମ୍ବାଲୁଆ ଅଗରେ ପହଞ୍ଚିଗଲେ, ଆଉ ଗୋଟିଏ ଘାସ ଉପରକୁ ଉଠିଆସେ। ସେହିପରି ଜୀବନ, ଶେଷ ହୋଇଗଲେ ଆତ୍ମା ଆଉ ଏକ ଶରୀରରେ ପ୍ରବେଶ କରେ। ଆତ୍ମା ପାଇଁ ଶରୀର ଏକ ନୂଆ ପୋଷକ।

ସମୟ ଆସିଲେ, ଏହା କେବଳ ପୋଷକ ବଦଳାଏ। ଆତ୍ମା ପାର୍ଥିବ ବିଷୟ ନୁହେଁ, ଏହା ଐଶ୍ୱରିକ। ମାଟି, ପାଣି, ପବନ, ଶୂନ୍ୟ ଓ ଅଗ୍ନି ଆଦି ଦ୍ୱାରା ଗଢ଼ା ନୁହେଁ କି ଇନ୍ଦ୍ରିୟ, ଭାବପ୍ରବଣତା ଆଦି ଦ୍ୱାରା ପରିଚାଳିତ ନୁହେଁ। ମଣିଷ କର୍ମଫଳ ଭୋଗକରେ। ଭଲ କାମ କରୁଥିବା ଲୋକେ ପବିତ୍ର। ମନ୍ଦ କାମରେ ଲିପ୍ତ ଲୋକେ ଅପବିତ୍ର। କାମନାରୁ ଇଛା, ଇଛାରୁ କାର୍ଯ୍ୟ ଏବଂ କାର୍ଯ୍ୟରୁ ମଣିଷର ସ୍ୱରୂପ। ମୃତ୍ୟୁ ସମୟରେ ମଣିଷ, ଯାହା କାମନା କରିଥାଏ, ସେହି କାମନା ପୂରଣ ପାଇଁ ଜନ୍ମ ନିଏ। ଯେଉଁମାନେ ମୃତ୍ୟୁ ବେଳେ ସକଳ କାମନାମୁକ୍ତ ଥାଆନ୍ତି, ସେମାନଙ୍କ ଆତ୍ମା ଆଉ ନୂଆ ଶରୀର ଗ୍ରହଣ କରେନାହିଁ। ଭଗବାନଙ୍କ ଠାରେ ବିଲୀନ ହୋଇଯାଏ। ଏହା ହିଁ ଆତ୍ମାର ମୁକ୍ତି ବା ମୋକ୍ଷ ।

ଦେବଦତ୍ତ ବିଶ୍ୱାଳ

କଟକ

# ପେଟ୍ରୋଲିୟମ ଇନ୍ଧନର ଶେଷ ବିକଳ୍ପ

**ଡ଼ ମନୋଜ କୁମାର ମହାନ୍ତି**

ବିଶ୍ୱ ଏକ ଘଡିସନ୍ଧି ମଧ୍ୟରେ ଗତି କରୁଛି। ଗତି କରିବା ସ୍ୱାଭାବିକ କଥା। ଏହା ସମୟର ପରୀକ୍ଷା କି ପରିଭାଷା ତାହା ଅସ୍ପଷ୍ଟ। କାରଣ ସମୟ ବଡ ବଳବାନ। ଶୈଶବକୁ ଦେଇଛି ଯୌବନ, ଯୌବନକୁ କରିଛି ବାର୍ଦ୍ଧକ୍ୟ ପୁଣି ଶେଷରେ ଜରାଜୀର୍ଣ୍ଣ କଙ୍କାଳର ରୂପ ଦେଇଛି ଶରୀରକୁ। ସବୁର ଅବକ୍ଷୟ, ଅବସାଦ, ଉନ୍ନତି ଓ ଅବନତିର କାରଣ ହେଉଛି ସମୟ। ମଣିଷର ସ୍ୱଭାବ ତଥା କାର୍ଯ୍ୟକଳପର ଝଲକ ବୋଧହୁଏ ସମୟର ପ୍ରତିଫଳନ। ଯୁଗେଯୁଗେ ପୃଥିବୀଟା ଅଶାନ୍ତ। ପୃଥିବୀକୁ ଅଶାନ୍ତ କରିଛି ବୁଦ୍ଧିଜୀବୀ ମଣିଷ। ଯେବେ ସୁବୁଦ୍ଧି ଦୁର୍ବୁଦ୍ଧିର ରୂପନିଏ ସେବେ ନିଜ ଇଛାରେ ଜୀଇଁବାର ସ୍ୱପ୍ନରେ ବିଭୋର ମଣିଷ ହିଂସା, ଦ୍ୱନ୍ଦ ଓ ଯୁଦ୍ଧକୁ ହିଁ ଶେଷ ବିକଳ୍ପ ଭାବେ। ବିନା ଯୁଦ୍ଧରେ ତା ସ୍ୱପ୍ନ ଅଧୁରା। ଏ ଯୁଦ୍ଧର ଅନ୍ତନାହିଁ ଯାହା ସମ୍ପୂର୍ଣ୍ଣ ଆମ ପରିକଳ୍ପନାର ବାହାରେ। କିଏ କାହାକୁ ବୁଝେଇବ, ପୁଣି କିଏ କଣ ବୁଝିବ ? ବୁଝିବା ପରିସ୍ଥିତିରେ କେହି ନାହାଁନ୍ତି। ନିଜକୁ ଶ୍ରେଷ୍ଠ ଶକ୍ତିଶାଳୀ ବିଚକ୍ଷଣ ପ୍ରତିଭାବାନ ଭାବନ୍ତି ସଭିଏଁ। ମିତ୍ରତାର ନକଲ ହସ ମଧ୍ୟରେ ଘୃଣା, ଶତ୍ରୁତା ଓ ହିଂସ୍ରତା ଲୁଚିରହି ବିଶ୍ୱରେ ଯୁଦ୍ଧଭଳି ବର୍ବରତା ସୃଷ୍ଟି ସହ ଆବଶ୍ୟକୀୟ ପଦାର୍ଥର ଅଭାବକୁ ବିଶ୍ୱ ବଜାରରେ ଅନୁଭବ କରାଉଛି। ତାର ପରିପୂରଣ ହେବ କିପରି ?

ବିଶ୍ୱରେ ଅନେକ ସଙ୍କଟ ମଧ୍ୟରୁ ପେଟ୍ରୋଲିୟମ ଇନ୍ଧନର ଯେଉଁ ସଙ୍କଟ ଦେଖିବାକୁ ମିଳିଛି ତାହା ଭାରତ ଭଳି ଦେଶପାଇଁ ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଇରାନ ତଥା ଆରବ ଦେଶରୁ ଆସୁଥିବା ପେଟ୍ରୋଲିୟମ ଇନ୍ଧନ (ଅଶୋଧିତ ଖଣିଜତୈଳ) ସହ ଜଡ଼ିତ ଭାରତର ଶିଳ୍ପ ପ୍ରତିଷ୍ଠାନ, ଯାନବାହନ ଏବଂ ଅନ୍ୟାନ୍ୟ ଭାରୀ ଯନ୍ତ୍ରାଂଶର ପରିଚାଳନା। ପେଟ୍ରୋଲ, ଡିଜେଲ ଓ ସିଏନଜିର ଅତ୍ୟାବଶ୍ୟକ ସହ ଘରେଘରେ ରୋଷେଇ ପାଇଁ ଏଲପିଜି ଗ୍ୟାସର ଯେଉଁ ବ୍ୟାପକତା ତାର ଅଭାବର ଶେଷ ବିକଳ୍ପ କଣ ତାହା ହିଁ ଆଜିର ପ୍ରଶ୍ନ। ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଆମେରିକାର ହସ୍ତକ୍ଷେପ ସହ ନିଜକୁ ଇରାନର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ଯୁଦ୍ଧକୁ ପ୍ରଲମ୍ବିତ କରାଇବା ଦ୍ୱାରା ଭାରତର ଯେଉଁ ବୃହତ୍ ସମସ୍ୟା ଓ ସଙ୍କଟ ମୁଣ୍ଡ ଟେକିଛି ତାର ସମାଧାନର ରାସ୍ତା ଖୋଜିପାଇବା ବଡ଼ କାଠିକର ପାଠ। ଏକ ରକମର କଷ୍ଟସାଧ। ଯଦିଓ ଆମେରିକା ଓ ରୁଷ ନିକଟରୁ ଅଶୋଧିତ ଖଣିଜ ତୈଳ ଆମଦାନୀ ସମ୍ଭବ କିନ୍ତୁ ଇରାନ ତଥା ଗଲ୍ଫ ଦେଶରୁ ଯେଉଁ ପରିମାଣରେ ନିଜ ବଜେଟ୍ ଅନୁସାରେ ଭାରତ ଆମଦାନୀ କରୁଥିଲା ତାଠାରୁ ଅଧିକ ଖର୍ଚ୍ଚ ଭାରତକୁ ବହନ କରିବାକୁ ପଡିବ ଋଷ ଓ ଆମେରିକା ନିକଟରୁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସକାଶେ ପେଟ୍ରୋଲ, ଡିଜେଲ ଓ ପ୍ରାକୃତିକ ଗ୍ୟାସ ଉତ୍ପାଦନରେ ଯେଉଁ ସମସ୍ୟା ଉପୁଜୁଛି ଏବଂ ଭାରତର ଚାହିଦା ପୂରଣରେ ଅସୁବିଧା ସୃଷ୍ଟି ହେବା ସ୍ୱାଭାବିକ କଥା। ଅପରପକ୍ଷେ ଇରାନର ଉତ୍ତରରେ ଅବସ୍ଥିତ ହର୍ମୁଜ ଜାହାଜ ପଥ ଯାହା ଉପରେ ଇରାନର କର୍ତ୍ତୃତ୍ୱ ରହିଛି ତାହା ଏକ ପ୍ରମୁଖ ସମସ୍ୟାରୂପେ ମୁଣ୍ଡ ଟେକିଛି। ବିଶ୍ୱରେ ପ୍ରମୁଖ ଖଣିଜ ତୈଳର ନୌବାଣିଜ୍ୟ ପରିବହନ କେନ୍ଦ୍ରରୂପେ ପରିଚିତ ହର୍ମୁଜକୁ ଇରାନର ସାମରିକ ବାହିନୀ ଦ୍ୱାରା ସମ୍ପୂର୍ଣ୍ଣ ଆୟତାଧିନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସକାଶେ ଆରବରୁ ଇରାନର ହର୍ମୁଜକୁ ବାଟଦେଇ ଜାହାଜ ପରିବହନରେ ଯେଉଁ ବାଧକ ସାଜିଛି ତାହା ବିଶ୍ୱପାଇଁ ଅଶୋଧିତ ପେଟ୍ରୋଲିୟମ ଇନ୍ଧନ ବିତରଣରେ ସଙ୍କଟ ସୃଷ୍ଟି କରିଛି । ତାର ପ୍ରଭାବ ଭାରତର ସାଧାରଣ ଜନତାଙ୍କୁ ବିଗତ କିଛି ଦିନ ହେବ ଭୋଗିବାକୁ ପଡୁଛି । ଆଗାମୀ ଦିନରେ ତାହା ନିସନ୍ଦେହର ଅଧିକ ଜଟିଳମୟ ପରିସ୍ଥିତି ସୃଷ୍ଟି କରିବ। ଜନବହୁଳ ଦେଶ ଭାରତରେ ରୋଷେଇ ସମସ୍ୟା କେତେକାଂଶରେ ସମାଧାନ ହେଉଥିବା ସମୟରେ ଏବେ ଯେଉଁ ଗ୍ୟାସ ସମସ୍ୟା ଉତ୍କଟ ରୂପ ନେଇଛି ତାହା ଗ୍ୟାସ ବିତରଣ କେନ୍ଦ୍ରରେ ଦେଖାଯାଉଛି। ଗ୍ୟାସ ପାଇଁ ଖରାରେ ଘଣ୍ଟାଘଣ୍ଟା ଲମ୍ବା ଧାଡ଼ି ପରେ ଗୋଟେ ଗ୍ୟାସ ସିଲିଣ୍ଡର୍ ଯୋଗାଡ କରିବାକୁ ପଡୁଛି। ବାହାରେ କେତେ ଯାଗାରେ ଆଗଭଳି ଆଉ ପଚାଶ ଶହେଟଙ୍କା ଅଧିକରେ ମିଳୁନାହିଁ। ଯେଉଁଠି ବି ମିଳୁଛି ତାହା ପୁଣି ତିନିଗୁଣା ଦରରେ। ଗ୍ୟାସ ସମସ୍ୟା ସହ ପେଟ୍ରୋଲ,ଡିଜେଲ ତଥା ସିଏନଜିରେ ମଧ୍ୟ ସେଇ ସମସ୍ୟା। ଅଧିକାଂଶ ପେଟ୍ରୋଲ ପମ୍ପ ଅଳ୍ପ ସମୟ ଖୋଲାରଖି ମୋଟର ସାଇକେଲ ଚାଳକଙ୍କୁ ଶହେରୁ ଦୁଇ ଶହ ଟଙ୍କାରେ ଏବଂ ଚାରି ଚକିଆ ଗାଡ଼ିକୁ ପାଞ୍ଚଶହରୁ ଏକ ହଜାରେ ମଧ୍ୟରେ ତେଲକୁ ସୀମିତ ବିକ୍ରି କରୁଛନ୍ତି। ଅଧିକାଂଶ ପଟେଲ ପମ୍ପ ବିଗତ କିଛିଦିନ ହେବ ନିୟମିତ ଆଗଭଳି ଖୋଲା ରହୁନି। ଦୀର୍ଘଦିନ ପରେ ତେଲ ଓ ଗ୍ୟାସର ଦର ମଧ୍ୟ ବୃଦ୍ଧି ଆଉ ଏକ ସମସ୍ୟା। ଭାରତ ଭଳି ଦେଶପାଇଁ ଖଣିଜ ତୈଳର ଚାହିଦା ଆକାଶଛୁଆଁ। ସେଭଳି ପରିସ୍ଥିତିରେ ତୈଳ ଓ ଗ୍ୟାସର ଯେଉଁ ସମସ୍ୟା ଉପୁଜୁଛି ତାର ସ୍ଥାୟୀ ସମାଧାନ କିଛି ସ୍ପଷ୍ଟ ଜଣା ପଡୁନାହିଁ। ଅନ୍ୟ ଉପରେ ନିର୍ଭର କରୁଥିବା ଦେଶର ଏଭଳି ପରିସ୍ଥିତିରେ ଆମେ କହାକୁ ଦୋଷ ଦେବା ? ସରକାରକୁ ନା ସାଧାରଣ ଜନତାଙ୍କୁ ? ପ୍ରତ୍ୟେକ ଦେଶ ଆତ୍ମନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଯଦି ନିଜପାଇଁ ଆବଶ୍ୟକୀୟ ପଦାର୍ଥର ଉତ୍ପାଦନକୁ ସଠିକ ଭାବରେ ଉତ୍ପାଦନ କରନ୍ତା ତେବେ ବିଶ୍ୱରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ଏହା ସମ୍ଭବ ନୁହେଁ। କାରଣ ପ୍ରାକୃତିକ ସଂଶାଧନର ମହଜୁଦ ଏବଂ ତାର ଆବଶ୍ୟକତା ଅନୁସାରେ ଉତ୍ପାଦନ ସବୁଠି ସମାନ ନୁହେଁ। ପ୍ରକୃତି କିଛି ନିର୍ଦ୍ଦିଷ୍ଟ ପ୍ରାକୃତିକ ପଦାର୍ଥକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେବଳ ଉପଲବ୍ଧି କରାଇଥାଏ। ଯେପରି ଆରବ ଦେଶରେ ପ୍ରାକୃତିକ ଗ୍ୟାସ ଓ ଖଣିଜ ତୈଳର ଭଣ୍ଡାର ରୂପେ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ। ଯୁଦ୍ଧ ଲଗାଦାର ଲାଗି ରହିଲେ ତାହା ସାଧାରଣ ଜନତାଙ୍କ ପାଇଁ ଯେଉଁ ସମସ୍ୟା ସୃଷ୍ଟି କରେ ତାର ମୂଲ୍ୟାୟନ କରିବା ଅସମ୍ଭବ। ଧନଜୀବନ ମୃତାହତଠାରୁ ଆରମ୍ଭ କରି ଘରଦ୍ୱାର ଉଜୁଡ଼ିବା ସହ ପରିବେଶ ଉପରେ ଯେଉଁ କୁପ୍ରଭାବ ପକାଏ ତାର ସଠିକ୍ ଆକଳନ କରିହେବନି। ଭାରତ ଭଳି ଦେଶରେ ଜନସଂଖ୍ୟା ଯେଉଁ ଗତିରେ ବଢ଼ିଚାଲିଛି ସେଇ ହିସାବରେ କଳକାରଖାନା ଦ୍ରୁତଗତିରେ ସ୍ଥାପନ ହୋଇଚାଲିଛି। କାରଣ ଦେଶର ସାଧାରଣ ଜନତାଙ୍କ ଆବଶ୍ୟକତାର ପରିପୂରଣ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଖାଦ୍ୟ ପ୍ରସ୍ତୁତିରୁ କଳକାରଖାନା ଚଳଚଞ୍ଚଳ ପର୍ଯ୍ୟନ୍ତ ସବୁଠି ପେଟ୍ରୋଲିୟମ ଇନ୍ଧନର ଗୁରୁତ୍ୱକୁ କୌଣସି ଦୃଷ୍ଟିକୋଣରୁ ବାଦ ଦେଇହେବନି। ଡିଜେଲ୍, ପେଟ୍ରୋଲ ଏବଂ ସିଏନଜି ବିନା ପରିବହନର ପରିଚୟ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଅବଶ୍ୟ ରେଳପରିବହନ କ୍ଷେତ୍ରରେ ବିଦ୍ୟୁତ ଇନ୍ଧନ ଉପଲବ୍ଧି ଏକପ୍ରକାର ଆଶ୍ୱସ୍ତିଜନକ। କିନ୍ତୁ ଜାତୀୟପଥରେ ଉଭୟ ମାଲ ଓ ଯାତ୍ରୀ ପରିବହନ ଏକ ବୃହତ ସମସ୍ୟା। ହାତ ଗଣତିରେ ହାଲୁକା ମୋଟର କାର ଓ କେତୋଟି ବାଇକ ବିଦ୍ୟୁତକୁ ଇନ୍ଧନ କରି ଯାତାୟାତର ମାଧ୍ୟମ ସାଜିଛି। ଆଜିର ଦିନରେ ଯେଉଁ ପେଟ୍ରୋଲିୟମ ଇନ୍ଧନକୁ ନେଇ ସମସ୍ୟା ଉପୁଜୁଛି ତାହା ଆଗାମୀ ଦିନରେ ଆହୁରି ଭୟଙ୍କର ନହେବ କାହିଁକି ? କାରଣ ଘରେଘରେ ଦୁଇତିନି ବାଇକ୍ ସହ ମୋଟର କାର ଯେଉଁଭଳି ବ୍ୟାପକ କ୍ରୟସହ ବ୍ୟବହାର କରାଯାଉଛି ତାହା ଇନ୍ଧନ ସଙ୍କଟକୁ ଡାକି ଆଣୁଛି। ସରକାର ନେତାମନ୍ତ୍ରୀ ତଥା ଉଚ୍ଚପଦସ୍ଥ ଅଧିକାରୀଙ୍କ ଯାତାୟାତରେ କୌଣସି ବାଧା ଉପୁଜୁ ନାହିଁ କାରଣ ପେଟ୍ରୋଲିୟମ ଇନ୍ଧନର ଆମଦାନୀରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇନଥିବାରୁ। କିନ୍ତୁ ମଧ୍ୟପ୍ରାଚୀର ଯୁଦ୍ଧକୁ କିଏ ଏଡେଇବ। ଦ୍ୱିତୀୟରେ ଯଦି ବିଦ୍ୟୁତକୁ ଇନ୍ଧନର ରୂପେ ଗ୍ରହଣ କରାଯାଏ ତେବେ ଆମକୁ ପର୍ଯ୍ୟାପ୍ତ ପରିମାଣରେ ବିଦ୍ୟୁତ୍ ଉତ୍ପାଦନ କରିବାକୁ ପଡିବ। ସେଥିପାଇଁ ପାୱାର ପ୍ଲାଣ୍ଟ ସ୍ଥାପନ କରିବା ସହ ସେଥିପାଇଁ ପ୍ରଚୁର ମାତ୍ରାରେ ଅବଶ୍ୟକ କଞ୍ଚାମାଲ ସଂଗ୍ରହ କରିବାକୁ ପଡିବ। ଚବିଶ ଘଣ୍ଟା ବିଦ୍ୟୁତ ଯୋଗାଇବା ଏକ ବଡ଼ କାଠିକର ପାଠ। ଓଡିଶା ଭଳି ସ୍ଥାନରେ ବିଦ୍ୟୁତକାଟ ଏକ ବୃହତ ସମସ୍ୟା। ବନ୍ୟା,ବାତ୍ୟା ଭଳି ପ୍ରାକୃତିକ ଘଟଣାରୁ ଅଧିକାଂଶ ସମୟରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଉଛି। ସେ କ୍ଷେତ୍ରରେ ବିଦ୍ୟୁତ୍ ଏକ ଉପଯୁକ୍ତ ଇନ୍ଧନ ଭାବେ ଗ୍ରହଣ ଯୋଗ୍ୟ ନୁହେଁ। ଇଥେନ ଭଳି ଜୈବିକ ଗ୍ୟାସ ସଂଗ୍ରହ ଏବଂ ଭାରତ ଭଳି ଦେଶରେ ତାର ଆବଶ୍ୟକତା ପରିପୂରଣ କରିବାର କେତେ ସକ୍ଷମ ତାହା ଇ-ପେଟ୍ରୋଲ ମାଧ୍ୟମରେ ଆଗମୀ ଦିନରେ ଜଣା ପଡ଼ିବ। ପ୍ରକୃତିର ଶ୍ରେଷ୍ଠ ଇନ୍ଧନଭାବେ ସୌର ଇନ୍ଧନ ହିଁ ଆଗାମୀ ଦିନର ଶେଷ ବିକଳ୍ପ ହୋଇପାରେ। ଯଦି ସୌରଶକ୍ତିକୁ ଉପଯୁକ୍ତ ମାର୍ଗରେ ବ୍ୟବହାର କରାଯାଇ ବିଦ୍ୟୁତ ଇନ୍ଧନ ପ୍ରସ୍ତୁତ କରାଗଲେ ହିଁ ପେଟ୍ରୋଲିୟମ ଇନ୍ଧନର ଆବଶ୍ୟକତାକୁ ସଂପୂର୍ଣ୍ଣ ଭାବରେ ପରିପୂରଣ କରିବାର କୌଣସି ଆସୁବିଧା ଉପୁଜିବ ନାହିଁ। କାରଣ ସକଳ ଶକ୍ତିର ଆଧାର ସୂର୍ଯ୍ୟ କିରଣ କେଉଁ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଉଦୟ କିମ୍ବା ଅସ୍ତ ହୋଇ ତା କିରଣ ସେଇ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗଚ୍ଛିତ ହୁଏନାହିଁ। ଦ୍ୱିତୀୟରେ ସୂର୍ଯ୍ୟକିରଣ ଉପରେ ନା କାହାର ପ୍ରତିବନ୍ଧକ ଅଛି, ନା ତା ଉପରେ କେହି କଟକଣା ଲାଗୁ କରିପାରିବେ। ଯେମିତ ସୂର୍ଯ୍ୟର ଉପସ୍ଥିତ ଆମ ସମସ୍ତ ଜୀବଜନ୍ତୁ, କୀଟପତଙ୍ଗ, ପ୍ରାଣୀଉଦ୍ଭିଦଙ୍କ ମଧ୍ୟରେ ଏକ ଉର୍ଜା ସୃଷ୍ଟି କରେ। ଯେଉଁ ସୂର୍ଯ୍ୟ ଜୀଇଁବାର ମୁଖ୍ୟଉତ୍ସଭାବେ କେଉଁ ଅନାଦିକାଳରୁ ପ୍ରକୃତି ମାଧ୍ୟମରେ ନିଜର ଉପସ୍ଥିତିକୁ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ସମର୍ପିତ କରିଛି ସେଇ ସୌରଶକ୍ତିକୁ ଇନ୍ଧନର ଶେଷ ବିକଳ୍ପ ରୂପେ ବିଶ୍ୱ ଗ୍ରହଣ କରି ତାର ସଦୁପଯୋଗ କରାଗଲେ ତାହା ଇନ୍ଧନ ସଙ୍କଟକୁ ଏଡେଇ ପାରିବ।

ଭଦ୍ରକ

ମୋ:୮୮୯୫୩୪୧୦୩୩

# ମୌସୁମୀବାୟୁର ପରିବର୍ତ୍ତନ ଚିନ୍ତାଜନକ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମୌସୁମୀ ବାୟୁ ଯାହାକି ବଙ୍ଗୋପସାଗରରୁ ଗତିକରେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଉତ୍ତରପୂର୍ବ ରାଜ୍ୟ ସମୂହ ଏବଂ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳକୁ ଛୁଇଁ ଜୁଲାଇମାସ ୧୫ ତାରିଖ ସୁଦ୍ଧା ସମୁଦାୟ ଭାରତ ଉପରେ ଆଚ୍ଛାଦିତ ହୋଇଯାଏ ଏବଂ ଏହା ଭୀଷଣ ବର୍ଷା କରାଏ । ଯେତେବେଳେ ଏହା ପଶ୍ଚିମକୁ ଉତ୍ତରସ୍ଥ ସମତଳ ଭୂମି ଉପରଦେଇ ଗତିକରେ, ବର୍ଷାର ପରିମାଣ କମିଯାଏ । ଉଦାହରଣ କୋଲକାତାରେ ୧୨୦ ସେ.ମି. ଆହ୍ଲାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବୃଷ୍ଟିପାତ ହୁଏ । ମୌସୁମୀ ଯେତେବେଳେ ବର୍ଷିବାକୁ ଆଗେଇ ଆସେ ଏବଂ ଶୁଷ୍କତା ମଧ୍ୟରେ ଆର୍ଦ୍ରତା ସୃଷ୍ଟି କରେ । ଯେହେତୁ ମୌସୁମୀ ଉତ୍ତପ୍ତ ଏବଂ ଶୁଷ୍କ ଋତୁପରେ ଆସେ । ବର୍ଷା ତାପମାତ୍ରାକୁ କମାଇ ଦିଏ । ଜୁନ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ ମଧ୍ୟରେ ସେଣ୍ଟିଗ୍ରେଡରୁ ସେଣ୍ଟିଗ୍ରେଡକୁ କମିଯିବାର ଦେଖାଯାଏ । ପରିବ୍ୟାପ୍ତ, ଉଚ୍ଚ ଓ ଜଟିଳ ଭୂଗଠନ ଯୋଗୁଁ ହିମାଳୟର ବିଭିନ୍ନ ଅଂଶରେ ଭିନ୍ନ ଜଳବାୟୁ ଅନୁଭୂତ ହୋଇଥାଏ । ନିମ୍ନ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଓ ତିବ୍ବତ ପଟେ ଶୁଷ୍କ ଶୀତଳ ମରୁଭୂମି ଦେଖିବାକୁ ମିଳେ । ପଶ୍ଚିମାଂଶକୁ ଛାଡ଼ିଦେଲେ ହିମାଳୟ ପର୍ବତମାଳାର ଦକ୍ଷିଣ ପଟର ଭୂଭାଗ ମୌସୁମୀ ପ୍ରବାହର ବଳୟରେ ଆସେ । ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ଯୋଗୁଁ ଏଠାରେ ଜୁନ୍ ମାସରୁ ନେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥାଏ । ହିମାଳୟରେ ବର୍ଷ ଯୋଗୁଁ ଗମନାଗମନ ଓ ପରିବହନ ବାଧାପ୍ରାପ୍ତ ହୋଇଥାଏ ଓ ସ୍ଥାନେ ସ୍ଥାନେ ଅତଡ଼ା ଧସିଯାଏ । ତେଣୁ ମୌସୁମୀ ସମୟରେ (ଅପ୍ରେଲ୍-ମଇରୁ ସେପଟ୍ଟେମ୍ବର-ଅକ୍ଟୋବର ପର୍ଯ୍ୟନ୍ତ) ପର୍ଯ୍ୟଟନ, ପର୍ବତାରୋହଣ, ଟ୍ରେକିଂ ଇତ୍ୟାଦି କାର୍ଯ୍ୟକଳାପ ବାଧାପ୍ରାପ୍ତ ହୁଏ । ନେପାଳ ଓ ସିକ୍କିମର ଲୋକେ ୫ଟି ଋତୁ ଥିବା ବିଶ୍ୱାସ କରନ୍ତି – ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଓ ବସନ୍ତ । କୋପ୍ପେନ୍ ଜଳବାୟୁ ବର୍ଗୀକରଣ ଅନୁସାରେ ହିମାଳୟର ନିମ୍ନ ଓ ମଧ୍ୟ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଓ ଶୀତ ଦିନରେ ଶୁଷ୍କ ଜଳବାୟୁ ଅନୁଭୂତ ହୁଏ । ଉଚ୍ଚ ଦେଶରେ ଉପକ୍ରାନ୍ତୀୟ ଉଚ୍ଚଭୂମି ଜଳବାୟୁ ଅନୁଭୂତ ହୋଇଥାଏ । ପଶ୍ଚିମ ପାର୍ଶ୍ୱର ସିନ୍ଧୁ ଓ କାଶ୍ମୀର ଉପତ୍ୟକାରେ ମୌସୁମୀ ପ୍ରବାହ ଯୋଗୁଁ ଅଧିକ ବୃଷ୍ଟିପାତ ହୋଇନଥାଏ ବରଂ ବସନ୍ତ ସମୟରେ ଅଧିକ ବର୍ଷା ହୋଇଥାଏ । ଉତ୍ତର ପଟର ତିବ୍ବତୀୟ ହିମାଳୟ ଶୁଷ୍କ ଶୀତଳ ମରୁ ଅଞ୍ଚଳ ଓ ଏହାର ପଶ୍ଚିମାଂଶରେ ବାୟୁ ପ୍ରବାହର ମାତ୍ରା ଅଧିକ । ଏଠାରେ ସବୁଜିମାର ଅଭାବ ଦେଖାଯାଏ ଓ ଶୀତ ଦିନେ ଅସହ୍ୟ ଥଣ୍ଡା ହୁଏ । ଶୀତ ଋତୁର ଶେଷ ଓ ବସନ୍ତ ଋତୁରେ ଏଠାରେ ତୁଷାରପାତ ରୂପେ ବର୍ଷା ହୁଏ ।

ଭାରତୀୟ ଉପମହାଦେଶ ଓ ତିବ୍ବତୀୟ ମାଳଭୂମିର ଜଳବାୟୁ ଉପରେ ହିମାଳୟର ଗଭୀର ପ୍ରଭାବ ରହିଛି । ହିମାଳୟ ଯୋଗୁଁ ଦକ୍ଷିଣମୁଖୀ ଶୀତଳହରି ଭାରତୀୟ ଉପମହାଦେଶରେ ପ୍ରବେଶ କରିପାରେ ନାହିଁ, ତେଣୁ ଦକ୍ଷିଣ ଏସିଆର ଜଳବାୟୁକୁ ଉଷ୍ମ ରଖିବାରେ ସହାୟକ ହୁଏ । ପୁଣି ହିମାଳୟ ଯୋଗୁଁ ଉତ୍ତରମୁଖୀ ମୌସୁମୀ ପ୍ରବାହ ଭାରତ ବାହାରକୁ ଯାଇପାରେ ନାହିଁ । ହିମାଳୟ ଯୋଗୁଁ କେନ୍ଦ୍ରୀୟ ଏସିଆରେ ତାକ୍ ?ଲାମାକାନ୍ ଓ ଗୋବି ମରୁଭୂମି ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ। ମୌସୁମୀ ବାୟୁ ଚିରନ୍ତନ ବାୟୁ ପ୍ରବାହ ନୁହେଁ । ଏହା ଅନିୟମିତ ଅଟେ । ବିଭିନ୍ନ ବାୟୁମଣ୍ଡଳୀୟ ଅବସ୍ଥା ଏହାକୁ ପ୍ରଭାବିତ କରେ, ତାହା ଆଞ୍ଚଳିକ ଜଳବାୟୁଗତ ଅବସ୍ଥା । ମୌସୁମୀ ସମାନ ଭାବରେ ବାଣ୍ଟିହୁଏ ନାହିଁ । କେରଳ, ପଶ୍ଚିମବଙ୍ଗ, ଓଡିଶାର ଉପକୂଳ ଅଞ୍ଚଳ ଅଧିକ ବର୍ଷା ପାଉଥିବାବେଳେ ମଧ୍ୟବର୍ତ୍ତୀ ଅଞ୍ଚଳ ହରିୟାଣା, ମଧ୍ୟପ୍ରଦେଶ କମ୍ ବର୍ଷା ପାଇଥାଏ । ଯେତେବେଳେ ମୌସୁମୀ ପହଞ୍ଚେ ଏହା ଅଧିକ ବୃଷ୍ଟି କରାଏ ଏବଂ ଏହା ଅନେକ ଦିନ ପର୍ଯ୍ୟନ୍ତ ବୃଷ୍ଟିପାତ କରାଏ । ଏହାକୁ ମୌସୁମୀର ପାଗଳାମୀ କୁହାଯାଏ । ଏହା ପ୍ରଧାନତଃ କେରଳ ଉପକୂଳରେ ହୋଇଥାଏ ଯେଉଁଠାରେ କି ମୌସୁମୀ ପ୍ରଥମେ ପହଞ୍ଚେ ।

ତେବେ ଏହି ମୌସୁମୀ ତାପମାତ୍ରା ଉପରେ ନିର୍ଭର କରେ । ତେବେ ପୃଥିବୀର ଏହି ତାପବୃଦ୍ଧି ଓ ହ୍ରାସ କ'ଣ ? ବିଗତ ଦଶନ୍ଧି ମଧ୍ୟରେ ସହରୀକାରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି । ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନ ଡାଇଅକ୍ସାଇଡ, କ୍ଲୋଡ଼ଓଫ୍ଲୋରୋ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢିଯାଇଅଛି । ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି । ତାପର ବାକି ଅଂଶ ପ୍ରତିଫଳିତ ହୋଇ ବାୟୁମଣ୍ଡଳକୁ ଫେରିଆସୁଛି । ଏହା ତାପକୁ ବଢାଇ ଦେବାରେ ସାହାଯ୍ୟ କରୁଛି । ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍ୱାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢାଇଦିଏ । ଆମେ ଭଲଭାବରେ ଜାଣିଛୁ ଯେ ୭୦% ଭାରତୀୟ କୃଷିର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । ତାପମାତ୍ରାରେ ଯେକୌଣସି ପରିବର୍ତ୍ତନ କୃଷିକ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ । ଏହା ଭାରତର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ଏହି ଅଧ୍ୟାୟରେ ଅଧ୍ୟୟନ ପରେ ଆମ୍ଭେମାନେ ପରିଷ୍କାର ଭାବରେ ଦେଖିବା ଯେ, ମାନବର ଜୀବନଯାପନ ପ୍ରଣାଳୀରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଅଛି । ଆମ ଖାଦ୍ୟ, ଆମ ପର୍ବପର୍ବାଣୀ ଆମ ଅର୍ଥନୀତି ଆଉ ସବୁକିଛି ଋତୁଚକ୍ର ସହିତ ଜଡିତ ଅଛି । ଯଦି ଋତୁଗୁଡିକ ଅନୁକୂଳ ହୁଏ ମନୁଷ୍ୟର ଜୀବନ ସୁଖମୟ ଏବଂ ଆରାମଦାୟକ ହେବ । ତେଣୁ ସଠିକ ମୌସୁମୀ ପ୍ରଭାବ କୃଷି, ସ୍ୱାସ୍ଥ୍ୟ, ପରିବହନ କ୍ଷେତ୍ରରେ ପ୍ରଭାବ ପକାଇଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସମସ୍ତେ କାର୍ବନ ଡାଇଅକ୍ସାଇଡ ଓ ଅନ୍ୟ କ୍ଷତିକାରକ ଗ୍ୟାସକୁ କମାଇବା ପାଇଁ ଜୀବନଧାରଣ ପଦ୍ଧତିରେ କିଛି ପରିବର୍ତ୍ତନ ଆଣିବା ଉଚିତ୍, ଏହା ହୋଇପାରିଲେ ମୌସୁମୀ ନିୟମିତ ହେବା ସହିତ ଆମ ଜୀବନ ପ୍ରଣାଳୀ ସୁଖମୟ ହେବ।

ଅରଙ୍ଗାବାଦ ବରୀ ଯାଜପୁର

ମୋ:୯୯୩୮୯୦୬୦୭୦

# ପରିଚର୍ଯ୍ୟାର ମହତ୍ତ୍ୱ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଚିକିତ୍ସା କ୍ଷେତ୍ରରେ ରୋଗୀଙ୍କ ପରିଚର୍ଯ୍ୟା ଅତ୍ୟନ୍ତ ଆବଶ୍ୟକ ତଥା ମହତ୍ୱପୂର୍ଣ୍ଣ କାର୍ଯ୍ୟ । ଏଥିରେ ରୋଗୀ ତଥା ଅସୁସ୍ଥ ମନୁଷ୍ୟର ଫଳପ୍ରଦ ସେବା-ଶୁଶ୍ରୂଷା ଏଭଳି ଭାବରେ ସଂପନ୍ନ କରାଯାଏ ,ଯାହାକି ସାଧାରଣ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ଉପଚାର ଅପେକ୍ଷା ତାକୁ ଅଧିକ ଫାଇଦା ମିଳିପାରିବ। ପରିଚର୍ଯ୍ୟା ବହୁସ୍ତରୀୟ,ଯଥା- ରୋଗୀଙ୍କ ଦେଖାରେଖା ,ଔଷଧ ପଥିର ସୁବନ୍ଦୋବସ୍ତ , ଠିକଣା ସମୟରେ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ଔଷଧ ସେବନ କରାଇବା ଏବଂ ଅନ୍ୟ ସବୁପ୍ରକାର ଚିକିତ୍ସା ସମ୍ବନ୍ଧୀୟ ସାହାଯ୍ୟ ଓ ସହଯୋଗ ଉପଲବ୍ଧ କରାଇବା ଇତ୍ୟାଦି ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ଆଦିକାବ୍ୟ ରାମାୟଣ ପ୍ରସଙ୍ଗକୁ ବିଚାରକୁ ନିଆଯାଇପାରେ । ସାୟଂକାଳରେ ଯୁଦ୍ଧ-ବିରାମ ପରେପରେ ପବନତନୟ ହନୁମାନ ଓ ରାକ୍ଷାସରାଜ ବିଭୀଷଣ ହସ୍ତରେ ମସାଲ ଧରି ରଣଭୂମୀରେ ବୁଲିବାରେ ଲାଗିଲେ। ଯାହାଫଳରେ ସେ ଦୁହେଁଯାକ ଯୋଉଯୋଉ ବାନର ସବୁ ଜୀବିତ ଥିଲେ ସେମାନଙ୍କର ସେବାଯତ୍ନ କରି ତାଙ୍କ ଭିତରେ ଧୈର୍ଯ୍ୟର ସେତୁବନ୍ଧକୁ ସଶକ୍ତ କରିବାରେ ସମର୍ଥ ହୋଇଥିଲେ । ତଦନନ୍ତର ବାନରମାନଙ୍କୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ଋକ୍ଷରାଜ ଜାମ୍ବବାନ ହନୁମାନଙ୍କୁ ପର୍ବତରାଜ ହିମାଳୟରୁ ଚାରିପ୍ରକାର ଔଷଧ ଯଥା- ମୃତସଂଜୀବନୀ ବା ବିଶଲ୍ୟକରଣୀ (ମୃତକକୁ ବଂଚାଇ ପାରୁଥିବା ପଥି) , କ୍ଷତସ୍ଥାନ ଓ ଘାକୁ ଶୁଖାଇ ଭଲକରି ପାରୁଥିବା ସାବର୍ଣ୍ଣକରଣୀ ( ଘାର ରଙ୍ଗ ବଦଳାଇ ପୂର୍ବାସ୍ଥାକୁ ଫେରାଇ ଆଣିବାର ଔଷଧ ) ,ସଂଧାନକରଣୀ (ଘାକୁ ଭରିବା ପରେ ଖାଲକୁ ଯୋଡି ସମାନ କରିପାରୁଥିବା ଔଷଧ) ଆଣିବାକୁ କହିଲେ। ତତ୍‌ପଶ୍ଚାତ ଆଂଜେନୟ ହନୁମାନ ଔଷଧ - ପର୍ବତକୁ ସମୂଳେ ମୂଳୋତ୍ପାଟନ କରି ଲଙ୍କାକୁ ଅନାୟାସରେ ବୋହି ଆଣିଥିଲେ । ଏହା ହେଉଛି ପରିଚର୍ଯ୍ୟାର ସର୍ବୋତ୍କୃଷ୍ଟ ଉଦାହରଣ । ସେହିପରି ମହାତ୍ମା ବୁଦ୍ଧଙ୍କ ଛଅଗୋଟି ସର୍ବଶ୍ରେଷ୍ଠ କଥା ଭିତରୁ ପରିଚର୍ଯ୍ୟା ଅନ୍ୟତମ ବୋଲି କୁହାଯାଏ । ଏକ ପ୍ରସିଦ୍ଧ କଥାନୁସାରେ ଜଣେ ଭିକ୍ଷୁଙ୍କ ଶରୀର ଏତେ ରୁଗଣ ହୋଇଗଲା ଯେ ନିଜ ଆସନରୁ ଅଂଟା ସଳଖି ଉଠି ପାରିବାରେ ଅକ୍ଷମ ଥିଲେ । ଯେତେବେଳେ ଅନ୍ୟ ଜଣେ ଭିକ୍ଷୁ ସାଧୁ ତାଙ୍କୁ ବାସ୍ତବରେ କୌଣସି ସାହାଯ୍ୟ ସହାୟତା ହାତ ବଢେଇଲେ ନାହିଁ , ବରଂ ତାଙ୍କଠାରୁ ଦୂରେଇ ଯିବାକୁ ଉଚିତ ମଣିଲେ ଠିକ ସେତିକିବେଳେ ଭଗବାନ ବୁଦ୍ଧ ଆଗେଇ ଆସିଲେ ତାଙ୍କୁ ସେବା ଶୁଶ୍ରୂଷା କରିବା ଲାଗି । ସେ ରୁଗଣ ଭିକ୍ଷୁଙ୍କୁ ଯଥା ସମୟରେ ସ୍ନାନଶୌଚ ଆଦି ନିତ୍ୟକର୍ମ କରାଇବା ,ପରିଷ୍କାର ଭାବେ ପୋଛାପୋଛି କରାଇବା ସହିତ ଖୁବ୍ ସେବା ଶୁଶ୍ରୂଷା ମଧ୍ୟ କଲେ । ଅନନ୍ୟ ସେବାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରି ତଥାଗତ ବୁଦ୍ଧ ଦର୍ଶାଇଛନ୍ତି ଯେ କେବଳ ମନୁଷ୍ୟ ପରିଚଯ୍ୟା ହିଁ ସର୍ବଶ୍ରେଷ୍ଠ ସେବା । ଯେମିତି କ୍ଷେତ୍ରୀୟମାନେ ଯୁଦ୍ଧରେ ଏକାଠି ହୁଅନ୍ତି ଠିକ ସେମିତି ଯାହାଙ୍କ ପାଖରେ ସବୁ ପ୍ରକାର ଔଷଧ ପଥି ମହଜୁଦ ଥାଏ ସେ ବିଦ୍ୱାନଙ୍କ ନାମ ବୈଦ୍ୟ । ସେଇ ବୈଦ୍ୟରାଜ ରାକ୍ଷାସରୂପୀ ରୋଗ-ବୀଜକୁ ସମୂଳେ ମାରିପାରନ୍ତି ଓ ରୋଗଗୁଡିକୁ ଦେହରୁ ହଟେଇ ଦିଅନ୍ତି । ସୁତରାଂ ରୋଗନିରୋଧ ଔଷଧ-ପଥିଗୁଡିକ ସଂଗ୍ରହ କରିବା ତଥା ସେମାନଙ୍କର ଫଳପ୍ରସୂ ଗୁଣବତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ବୈଦ୍ୟର ପ୍ରମୁଖ କାର୍ଯ୍ୟ । ମହର୍ଷି ଚରକ ନିଜର ବହୁମୂଲ୍ୟବାନ ଗ୍ରନ୍ଥ ଚରକ ସଂହିତାରେ ରୋଗୀର ପରିଚର୍ଯ୍ୟା ଓ ଶୁଶ୍ରୂଷା ସଂକ୍ରାନ୍ତରେ ଆହାର ବ୍ୟବହାର ନିୟମାବଳୀ ପାଳନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ସେ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଚିକିତ୍ସକଙ୍କୁ ବିଶୁଦ୍ଧ ଆଚରଣ ପ୍ରଦର୍ଶନ , ପବିତ୍ର ,ଚତୁର ଓ କୁଶଳ ଦୟାବାନ ହେବା ସାଙ୍ଗକୁ ରୋଗୀଙ୍କ ପାଇଁ ସବୁପ୍ରକାର ସେବା ଯତ୍ନ କରିବାରେ ସୁଦକ୍ଷ , ପାକଶାସ୍ତ୍ରରେ ପାରଙ୍ଗମ, ରୋଗୀକୁ ଉଠେଇ ବୁଲେଇବାରେ ନିପୁଣ ,ବିଛଣା ବିଛେଇ ସଫାସୁତରା କରିବାରେ ପ୍ରବୀଣ ,ତତ୍ପର ଧୈର୍ଯ୍ୟଶୀଳ ଓ ରୋଗ ପୀଡିତଙ୍କ ପରିଚର୍ଯ୍ୟାରେ କୁଶଳ ଓ ଆଜ୍ଞାକାରୀ ହେବା ଉଚିତ।

ଖଣ୍ଡଗିରି, ଭୁବନେଶ୍ୱର

## ସଂପାଦକଙ୍କୁ ପତ୍ର

### ସବୁ କ୍ଷେତ୍ରକୁ ବ୍ୟାପୁଛି ସାଇବର ଅପରାଧ

ମହାଶୟ,

ଦେଶରେ ଦିନକୁ ଦିନ ସାଇବର ଅପରାଧ ବଢ଼ିଚାଲିଛି । ନିକଟରେ ରାଜଧାନୀ ଦିଲ୍ଲୀରେ ଶହେରୁ ଅଧିକ ଲୋକ ସାଇବର ଅପରାଧ ବିଭାଗରେ ଅତି ସାଂଘାତି ଅଭିଯୋଗ କରୁଛନ୍ତି ଯେ ସେମାନଙ୍କ ମୋବାଇଲରେ ଅଲଗା ଅଲଗା ବ୍ୟାଙ୍କ ଆଡୁ ଆଲର୍ଟ ବା ସାବଧାନ ରହିବାକୁ ଫୋନ କଲ ଆସୁଛି । ଆଉ ଥୋକାଏ ନିଜ ବ୍ୟାଙ୍କ କାରବାରକୁ ନେଇ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଗୁଗୁଲରେ ବ୍ୟାଙ୍କ କଷ୍ଟମର କେୟାର ନମ୍ବର ଖୋଜାଖୋଜି ପ୍ରକ୍ରିୟାରେ ସେମାନେ ଯୋଉ ନମ୍ବର ସେଠୁ ପାଉଛନ୍ତି ତାହା ହେଉଛି ସାଇବର ଠକଙ୍କର । ସାଧାରଣତଃ ସାଇବର କ୍ରାଇମରେ ସଂଲିପ୍ତ ସାଇବର ଚୋରଙ୍କ ସେହି କଷ୍ଟମର କେୟାର ନମ୍ବରରୁ ଉତର ଆସିଥାଏ ଆମେ ଅମୁକ ବ୍ୟାଙ୍କକୁ କହିଛୁ ଆକାଂଉଟକୁ ଡିଲିଟ କରିଦେବାକୁ ବୋଲି । ପ୍ରକୃତରେ ସାଇବର ସଂକ୍ରାନ୍ତ ସଠିକ ବିବରଣୀ ବା ବିବୃତିକୁ ଯାଂଚ କରିବା ବାହାନାରେ ଆଇ ପି ଲଗ୍ ଜାଣି ତଦ୍ୱାରା ଖୋଦ ବ୍ୟାଙ୍କ ଜମାଖାତା ଅପରେଟ କରି ମନଇଚ୍ଛା ଯେତିକି ପଇସା ଚାହେଁ ସେତିକି ସେଥିରୁ ବାହାର କରିନିଏ । ସାଇବର କ୍ରାଇମ ବିଶେଷଜ୍ଞଙ୍କ କହିବା କଥା ହେଲା ଏଭଳି ଅପରାଧୀ ପୃଥକ ପୃଥକ ବ୍ୟାଙ୍କ ନାମରେ ଖୁବ୍ ଚତୁରତାର ସହ ଫୋନ ନମ୍ବରକୁ ହାତେଇ ନେଇଥାଏ ଏବଂ ଲୋକଙ୍କୁ ନିଜ ସହିତ ଯୋଡିକରି ଅଲର୍ଟ ବା ସାବଧାନ ରହିବା କଥା କହି ବିଶ୍ୱାସ ଜନ୍ମାଏ ଯେ ସେ ବ୍ୟାଙ୍କକୁ ଏକଥା ବହୁ ଆଗରୁ ଜଣାଇଦେଇଛି ।

ପ୍ରସନ୍ନ ସାହୁ, କଟକ

# ପାନପୋଷ-ଯମୁନାନାକି ସେତୁର ଭାଗ୍ୟ ଫିଟୁନି



ରାଉରକେଲା: ଦୁଇ ଶିଳ୍ପାଞ୍ଚଳ ରାଉରକେଲା ଓ କୁଆରମୁଣ୍ଡାକୁ ସଂଯୋଗ କରିବ ପ୍ରସ୍ତାବିତ ସେତୁ। ଏହାଦ୍ୱାରା କେବଳ ଗମନାଗମନ ସୁଗମ ହେବନି; ବରଂ ସଙ୍କୁଚିତ ଅବସ୍ଥାରେ ଥିବା ରାଉରକେଲା ସହର ସଂପ୍ରସାରିତ ହେବ। ବୃହତ୍ ରାଉରକେଲାର ସପ୍ନ ପୂରଣ ପାଇଁ ପଥ ଖୋଲିବ। ତେବେ ଥରେ କି ଦୁଇଥର ନୁହେଁ; ବରଂ ୬ ଥର ନିର୍ମାଣ ଅବଧି ବଦଳିଲାଣି। ପ୍ରକଳ୍ପ ୨୦୨୨ ମସିହାରେ ସଂପୂର୍ଣ୍ଣ ହେବାନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, ଏବେ କିନ୍ତୁ ଏଥିରେ ପୁନର୍ବାର ପରିବର୍ତ୍ତନକରି ୨୦୨୭ ମାର୍ଚ୍ଚକୁ ବୃଦ୍ଧି କରାଯାଇଛି। ୨୦୨୦ ମସିହାରେ କୋଏଲ ନଦୀ ଉପରେ ପାନପୋଷ-ଯମୁନାନାକିକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ସେତୁ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠି ଅନୁମୋଦିତ ୨୮.୮୫ କୋଟି ଟଙ୍କା ବିନିଯୋଗରେ ସେତୁ ନିର୍ମାଣ ହେଉଛି। ପୂର୍ତ୍ତ ବିଭାଗର ରାସ୍ତା ଓ କୋଠା ଡିଭିଜନ ଦ୍ୱାରା ଠିକା ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପ ୨୦୨୨ ଡିସେମ୍ବର ଭିତରେ ଶେଷ କରିବାକୁ କାର୍ଯ୍ୟାଦେଶ ବଣ୍ଟନବେଳେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ ଏବେ ବେଗ ଧରିପାରୁନି। ବର୍ତ୍ତମାନ ସେତୁର ଅଗ୍ରଗତି ଦେଖିଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚିରାଚରିତ ଅବହେଳା ଓ ଅପାରଗତା ସ୍ପଷ୍ଟ ପରିଲକ୍ଷିତ ହୁଏ। ମୋଟ ୧୪ଟି ସ୍ଲାବ୍ ମଧ୍ୟରୁ ୬ଟି ସ୍ଲାବ୍ ନିର୍ମାଣ ହୋଇନି। ସେହିଭଳି ୩ଟି ପିଲ ନିର୍ମାଣ ସଂପୂର୍ଣ୍ଣ ହୋଇନି। ଏମିତିକି ଗୋଟିଏ ପିଲର କାମ ଆରମ୍ଭ ବି ହୋଇପାରିନି। ବାକି ଥିବା ଗୋଟିଏ ପିଲ ?ର ପରିବର୍ତ୍ତିତ ଡିଜାଇନକୁ ଏଯାଏ ଅନୁମୋଦନ ମିଳିନଥିବା ଜଣାପଡ଼ିଛି।

## ଷଷ୍ଠ ଥର ପାଇଁ ନିର୍ମାଣ ଅବଧି ଘୁଞ୍ଚିଲା

ପ୍ରାୟ ତିନି ବର୍ଷ ପୂର୍ବେ ନଦୀ ଗର୍ଭରେ ୱେଲ୍ ଫାଉଣ୍ଡେସନ୍ ଜରିଆରେ ୩ଟି ପିଲର ନିର୍ମାଣ ସମୟରେ ବୈଷୟିକ ସମସ୍ୟା ଦେଖାଦେଇଥିଲା। ପରେ ଏହାର ଡିଜାଇନ୍‌କୁ ପରିବର୍ତ୍ତନ କରାଯିବାରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଘଟିଥିବା କୁହାଯାଉଛି। ହାତଗଣତି କିଛି ଦିନ ପରେ ମୌସୁମୀ ଧସେଇ ପଶିବ। ଏଣୁ ଅନ୍ୟୁନ ଆଉ ୪/୫ ମାସ ନିର୍ମାଣକାର୍ଯ୍ୟ ବନ୍ଦ ରହିବ। ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରାଉରକେଲାର କ୍ରୀଡ଼ା ଛାତ୍ରାବାସ ପାନପୋଷରୁ କୁଆରମୁଣ୍ଡା ଶିଳ୍ପାଞ୍ଚଳ କ୍ଲଷ୍ଟରର ଯମୁନାନାକିରେ ଜାତୀୟ ରାଜପଥ-୧୪୩କୁ ଯୋଡ଼ିବ। ଦୁଇ ସହରାଞ୍ଚଳ ରାଉରକେଲା ଓ କୁଆରମୁଣ୍ଡା ଅଞ୍ଚଳ ମଧ୍ୟରେ ଯୋଗାଯୋଗ ଉନ୍ନତ ଓ ସହଜ ହେବାସହ ଦୂରତା ପ୍ରାୟ ୧୫ କିଲୋମିଟର ହ୍ରାସ ପାଇବ। ଏହାସହ ବ୍ରାହ୍ମଣୀ ବ୍ରିଜ୍ ?ର ଟ୍ରାଫିକ ସମସ୍ୟାକୁ ଦୂର ହେବ ଓ ଯାତ୍ରୀଙ୍କ ସମୟ ବଞ୍ଚିବ। ଯଦ୍ୱାରା ସ୍ଥାନୀୟ ଚାଷୀ, ବେପାରି, ଦିନମଜୁରିଆ ବହୁମାତ୍ରାରେ ଉପକୃତ ହେବେ।

# କାଠପୋଲ ଭରସାରେ ବିଅରପାଙ୍ଗାବାସୀ



ଘୁ.ଉଦୟଗିରି : ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କନ୍ଧମାଳଜିଲ୍ଲାଘୁ.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତର ୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଅରପାଙ୍ଗା ଗ୍ରାମର ଲୋକମାନେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ପୋଲ ଭାଙ୍ଗିବାକୁ ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ମରାମତି କିମ୍ବା ପୁନଃନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ଚରମ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି।

ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ ବିଅରପାଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜଟି 'ତିତିଲି' ବାତ୍ୟା ସମୟରେ ଭାଙ୍ଗିଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ରିଜଟି ଦୁଇ ଫାଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ଦୈନିକ ଜୀବନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା-ଆସିବା, ରୋଗୀଙ୍କୁ ମେଡିକାଲ ନେବା, ଦୈନନ୍ଦିନ ବଜାର କାମ ଓ ଜରୁରୀ ସେବା ପାଇବାରେ ଗ୍ରାମବାସୀ ଅନେକ ଅସୁବିଧା ଭୋଗୁଛନ୍ତି। ଆମ୍ବୁଲାନ୍ସ ସେବା ଏହି ଗ୍ରାମ ପାଇଁ ସପ୍ନ ସଦୃଶ ହୋଇପଡ଼ିଛି। ଗ୍ରାମରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷକାମ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଯାତାୟାତ ସୁବିଧା ନଥିବାରୁ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଗତବର୍ଷ ଏହି ସମସ୍ୟା ସମ୍ବନ୍ଧୀୟ ଖବର ଖବରକାଗଜ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ 'ବିଜୁ କନ୍ଧମାଳ ଓ ଗଜପତି ଯୋଜନା' ଅଧୀନରେ ବ୍ରିଜ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଗୋଟିଏ ଇଞ୍ଚ କାମ ମଧ୍ୟ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଗ୍ରାମବାସୀମାନେ ନିଜେ କାଠ ରଖି ଏକ ଅସ୍ଥାୟୀ ପୋଲ ତିଆରି କରିଛନ୍ତି। ସେହି କାଠ ପୋଲ ଉପରେ ଜୀବନକୁ ବାଜି ଲଗାଇ ଲୋକମାନେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଉଥିବାରୁ ଗ୍ରାମବାସୀ ଭୟ ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି।

ଏହି ପ୍ରସଙ୍ଗରେ ସ୍ଥାନୀୟ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ କହିଛନ୍ତି ଯେ, ସେ ପ୍ରତ୍ୟେକ ବୈଠକରେ ଏହି ସମସ୍ୟାକୁ ଉଠାଇ ଆସୁଛନ୍ତି। ବୁଧବାର ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ସେ ଏହି ବିଷୟ ଉଠାଇଥିବା କହିଛନ୍ତି। କିନ୍ତୁ ବ୍ରିଜ କେବେ ନିର୍ମାଣ ହେବ ତାହା ଅନିଶ୍ଚିତ ଥିବା ନେଇ ସେ ମତ ପ୍ରକାଶ କରିଛନ୍ତି। ଗତବର୍ଷ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା କେବଳ ମିଥ୍ୟା ଆଶ୍ୱାସନାରେ ସୀମିତ ରହିଯାଇଥିବା ବୋଲି ସାଧାରଣରେ ଆଲୋଚନା ହେଉଛି। ଆଗକୁବବର୍ଷା ଋତୁ ଆସୁଥିବା ବେଳେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବା ଆଶଙ୍କା କରାଯାଉଛି। ତେଣୁ ବର୍ଷା ପୂର୍ବରୁ ତୁରନ୍ତ ନୂତନ ବ୍ରିଜ ନିର୍ମାଣ କରି ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଓଡିଆମୁଣ୍ଡାରେ କିଡନୀ ରୋଗ ନେଲାଣି ଅନେକଙ୍କ ଜୀବନ

କର୍ଲାମୁଣ୍ଡା: କଳାହାଣ୍ଡିଜିଲ୍ଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଓଡିଆମୁଣ୍ଡା ଗ୍ରାମର ଭୟଙ୍କର ଭାବେ ବ୍ୟାପୁଛି କିଡନୀ ରୋଗ । ଏଥିପାଇଁ ଗ୍ରାମବାସୀ ପାନୀୟ ଜଳକୁ ଦାୟୀ କରିଛନ୍ତି । ଏହି ଗ୍ରାମର ଅନୁସୂଚିତ ଜାତି ପଡା ଯାହାକି ଏକ ପଥର ଚଟାଣରେ ଅବସ୍ଥିତ, ସେଠାରେ ବିଶେଷକରି ଏହି ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି । ଏହି ପଡାରେ ନଳକୂଅ ଖୋଲାଗଲେ ମଧ୍ୟ ପଥର ପଡୁଥିବାରୁ ସଫଳତା ମିଳୁନାହିଁ । ପିଇବା ପାଣି ଏଠାରେ ମିଳୁନାହିଁ । ଗୋଟିଏ ସୋଲାର ନଳକୂଅ ଥିଲେ ମଧ୍ୟ ଏହି ପଡାକୁ ପାଣି ଯାଇପାରୁନାହିଁ । ପାନୀୟ ଜଳ ଯୋଗାଣ ପାଇଁ ଓଭରହେଡ ଟାଙ୍କି ନିର୍ମାଣର ଦେଢବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ । ଅଦ୍ୟାବଧି ଏହି ପଡାର ଚକ୍ର ବାଗ, ଧନମତ ବାଗ, ମାଲବୁଟୁ ବାଗ, କରୁଣା ବାଗ, ଦୟାନିଧି ବାଗ, ସାର ବାଗ, ଲକ୍ଷ୍ମୀ ବାଗ, ଦୁର୍ଯ୍ୟୋଧନ ବାଗ, ମହେନ୍ଦ୍ର ବାଗ, ଟିକେଟ ବାଗ ଙ୍କର କିଡନୀ ରୋଗରେ ମୃତ୍ୟୁ ହୋଇଥିବା ବେଳେ ଏବେ ବି ଈଶ୍ୱର ବାଗ, ଦୁର୍ଯ୍ୟୋଧନ ବାଗ, ଯଥା ଦୀପ, ଅନୁସ୍ୟା ବାଗ, ବିରାଟ ବାଗ ପ୍ରମୁଖ ଆକ୍ରାନ୍ତ ଅଛନ୍ତି । ପ୍ରାୟ ଦୁଇଶହ ସଂଖ୍ୟା ବିଶିଷ୍ଟ ଏହି ପଡାକୁ ଅଗ୍ରାଧିକାର ଭିତ୍ତିରେ ବିଶୁଦ୍ଧ ପାଣି ଯୋଗାଇଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

ଏନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଯୋଗାଯୋଗ କରିବାରୁ ପାଣିର ନମୂନା ପରୀକ୍ଷା ପାଇଁ ପଠାଯାଇଛି ବୋଲି କହିବା ସହ ତେଲ ନଦୀ ଜଳଯୋଗାଣ ପାଇଁ ପାଇପ ଆସିଯାଇଛି ବହୁତ ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଥିଲେ। ପ୍ରକାଶ ଥାଉକି ନର୍ଲାର କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ସେଠ ଏହି ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବାରୁ ସେ ଠିକ ଭାବେ ସମୟଦେଇ ପାରୁନଥିବାରୁ ଏଠାରେ ସ୍ଥାୟୀ କନିଷ୍ଠଯନ୍ତ୍ରୀ ନିଯୁକ୍ତ ଦେବାକୁ ଦାବି ହେଉଛି । ଏନେଇ ଅଧିକ ସୂଚନା ପାଇଁ ସିଡିଏମଓ ଏବଂ କର୍ଲାମୁଣ୍ଡା ସିଏଚସି ମେଡିକାଲ ଅଫିସର ଆଶିଷ ଧରୁଆଙ୍କୁ ଯୋଗାଯୋଗ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ । ଜିଲ୍ଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବାକୁ ତଥା କିଡନୀ ରୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି ।



# କଳାହାଣ୍ଡିରେ ବଢୁଛି ଦାଦନଙ୍କ ସଂଖ୍ୟା





ଜୁନାଗଡ଼ /ଚିଚୈଗୁଡା (ପିପିଏସ୍) : ସରକାର ବଦଳିଲେ କଣ ହେବ କଳାହାଣ୍ଡିର ଦାଦନ ସମସ୍ୟା ଯେଉଁ ଦୁଃଖ କୁ ସେହି ଦୁଃଖ। ଏହାକୁ ନେଇ ନା ପ୍ରଶାସନ ନା ସରକାରର ଚିନ୍ତା। ଦାଦନ ସମସ୍ୟା କଳାହାଣ୍ଡି ରେ ଏକ ଅଭିଶାପ। ଜୀବନ ଜିଇବା ପାଇଁ ରୋଜଗାର ଆବଶ୍ୟକ, ତେଣୁ ଯୁବଗୋଷ୍ଠୀ ଅର୍ଥଉପାର୍ଜନ ପାଇଁ ଚାଲି ଯାଉଛନ୍ତି ସୁଦୂର ମହାରାଷ୍ଟ୍ର, ପୁନେ, ହାଇଦ୍ରାବାଦ, ସୁରଟ, ଦିଲ୍ଲୀ। ବୃଦ୍ଧ ବାପ ମାଆ, ସ୍ତ୍ରୀ, ପିଲାଛୁଆ ଚାହିଁଛନ୍ତି ରୋଜଗାର ପୁଅର ସଫଳତାକୁ। ରୋଜଗାର କରି ପୁଅ ଟଙ୍କା ପଇସା ଆଣିବା

## ପୁଲିସ ପ୍ରଶାସନ ନିଷ୍କ୍ରିୟ

ବଦଳରେ ଆସୁଅଛି ଅସୁମାରୀ ଦୁଃଖ, ନିର୍ଯ୍ୟାତନା ଆଦି ସଙ୍କଟ। ଏଇ ନିକଟରେ ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ପଂଚାୟତ ଚିଲିଗୁଡା ଗ୍ରାମର ଅଳଙ୍ଗ ରଣାଙ୍କ ପୁଅ ବୈଷ୍ଣବ ରଣା ବିଜୟୱାଡାକୁ ଯାଇଥିଲେ ଦାଦନ ଖଟିବାକୁ ହେଲେ ଶବ ହୋଇ ଫେରିଲେ ନିଜ ଗାଁ କୁ। ରୋଜଗାରିଆ ପୁଅକୁ ହରେଇ ଦୁଃଖରେ ଭାଙ୍ଗି ପଡିଛନ୍ତି ଅସହାୟ ବାପା ମାଆ, ସ୍ତ୍ରୀ ଏବଂ ଛୋଟ ପୁଅ। ମୃତ ବୈଷ୍ଣବ ଙ୍କ ମଶାଣି ର ନିଆଁ ନ ଲିଭୁଣୁ ପୁଣି ଏକ ଘଟଣା ଦେଖାଦେଇଛି ଜୁନାଗଡ଼ ବ୍ଲକ ଚିଚୈଗୁଡା ଗ୍ରାମର ଗାନ୍ଧିନଗର ପଡ଼ାରେ ଗତ ତା ୧୧/୦୫/୨୦୨୬ରିଖ ଦିନ ଉକ୍ତ ଗ୍ରାମ ର ସୁଶୀଲ ଗହୀର, ମାନସ ମାଝୀ, ଭୂମି ମାଝୀ ଏବଂ ଗୌଡ଼ ସର୍ଗିଗୁଡାର କାର୍ତ୍ତିକ ହଂସ ଓ ଉମେଶ ଲହଜଲ ରାଜମିସ୍ତ୍ରୀ କାମ ପାଇଁ ହାଇଦ୍ରାବାଦ ଯାଇଥିଲେ। ସେମାନେ ହାଇଦ୍ରାବାଦ ର ଜନ ଗାଁ ଠାରୁ ୨୦ କିଲୋମିଟର ଦୂରରେ ରଘୁନାଥପାଲି ପୋଲିସ ଷ୍ଟେସନ ଠାରୁ ୬ କି.ମି ଦୂର କାଞ୍ଚଲିପାଲି ଠାରେ ରହୁଥିଲେ। ସେଠାରେ ୩ ଦିନ ରାଜମିସ୍ତ୍ରୀ କାମ କଲାପରେ ରବିବାର ପ୍ରାୟ ଭୋର ରାତି ପ୍ରାୟ ୩ ଟା ରେ ୪୪ବର୍ଷ ବୟସ୍କ ଭୂମି ମାଝୀ କୁଆଡେ ନିଖୋଜ ହୋଇଗଲେ। ଯେତେ ଖୋଜାଖୋଜି କଲାପରେ ମଧ୍ୟ ସନ୍ଧାନ ପାଇଲେ ନାହିଁ। ପରେ ତାଙ୍କ ସହ ଯାଇଥିବା ସାଙ୍ଗମାନେ ରଘୁନାଥପାଲି ପୋଲିସ ଷ୍ଟେସନ ରେ ଏକ ମାମଲା ଦାୟର କରିଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ଖୋଜଖବର ନାହିଁ। ପୁଅ ଙ୍କ ନିଖୋଜ ଖବର ଶୁଣି ମାଆ ଜଳଦେଇ ମାଝୀ ଜୁନାଗଡ଼ ପୋଲିସ ରେ ଏକ ମାମଲା ରୁଜୁ କରିଥିବା ଖବର ଶୁଣିବାକୁମିଳୁଛି। ଭୂମି ମାଝୀଙ୍କ ସ୍ତ୍ରୀ ମଧ୍ୟ ୨ ବର୍ଷ ହେଲା ସ୍ୱାମୀ ଓ ପୁଅ କୁ ଛାଡି କୁଆଡେ ପଳେଇଯାଇଛି। ବର୍ତମାନ ଅସହାୟ ମାଆ ନିଜ ନାତି ଚୂଡାନ୍ତ ସହ ଦୁଃଖରେ ଅଛନ୍ତି।

କଳାହାଣ୍ଡିର ପୋଲିସ ପ୍ରଶାସନ ତତ୍ପରତା ଦେଖାଇଲେ ଦାଦନ ସମସ୍ୟା କୁ ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଦେଖାଯାଉ ପୋଲିସ ପ୍ରଶାସନ ଭୂମି ମାଝୀ ଙ୍କୁ ଖୋଜିବାରେ କେତେଦୂର ସକ୍ଷମ ହୋଇପାରୁଛି ଦେଖିବାକୁ ବାକି ରହିଲା ?

# ତହସିଲ କାର୍ଯ୍ୟାଳୟରେ ଖାଲି ପଡ଼ିଛି ପଦବୀ




କର୍ଲାମୁଣ୍ଡା: କଳାହାଣ୍ଡିଜିଲ୍ଲା କର୍ଲାମୁଣ୍ଡାସ୍ଥିତ ତହସିଲ କାର୍ଯ୍ୟାଳୟରେ ଏକାଧିକ ପଦବି ଖାଲି ଥିବାରୁ କାର୍ଯ୍ୟାନ୍ୱୟରେ ଅସୁବିଧା ଦେଖାଯିବା ସହ ହିତାଧିକାରୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କ ଦାବି ମୁତାବକ ଜବରଦଖଲରେ ଥିବା ସରକାରୀ ଜମି ମଧ୍ୟ ଚିହ୍ନଟ ହୋଇପାରୁନାହିଁ। କିଛି ମାସ ତଳେ ସ୍ଥାନୀୟ ବିଜେପି ନେତୃବୃନ୍ଦ ମଧ୍ୟ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। କିନ୍ତୁ ଫଳାଫଳ କିଛି ମିଳିନାହିଁ। ପ୍ରକାଶଯୋଗ୍ୟ ଯେ ୨୦୨୪ ମସିହା ସେପ୍ଟେମ୍ବର ୧୯ ତାରିଖ ଦିନ ଏଠାରେ ମୁଖ୍ୟ କିରାଣୀ ଭାବେ ସୁଦର୍ଶନ ରାଉତ ଯୋଗଦେଇଥିଲେ। ସେହି ଯୋଗଦେବା ଦିନଠୁ ହିଁ ସେ ଡେପୁଟେସନ ଯାଇ ବର୍ତ୍ତମାନ ଭବାନୀପାଟଣା କଲେକ୍ଟରିଏଟରେ କାର୍ଯ୍ୟରତ ଥିବା ଜଣାଯାଇଛି। ପାଖାପାଖି ବର୍ଷେ ବିତିଯାଇଥିଲେ ସୁଦ୍ଧା ମୁଖ୍ୟ କିରାଣି ପରି ଗୁରୁତ୍ୱପୂର୍ଣ୍ଣ କନିଷ୍ଠ କିରାଣୀ ପଦବି ମଧ୍ୟରୁ ୪ଜଣ କିରାଣୀ ପଦବି ଖାଲି ରହିଛି। ଅମିନ ୪ଜଣ ରହିବା ଜାଗାରେ ବର୍ତ୍ତମାନ ଦୁଇଟି ପଦବି ଖାଲି ରହିଛି। କ୍ଷେତ୍ର ପରିଦର୍ଶକ ମଧ୍ୟ ନାହାନ୍ତି। ଏହି ତହସିଲ ଅଧିନରେ ୫ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଥିବା ବେଳେ ସେଠାରେ ୫ଜଣ ରାଜସ୍ୱ ନିରୀକ୍ଷକ ୫ଜଣ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରହିବା କଥା। ତେବେ ସମସ୍ତ ରାଜସ୍ୱନିରୀକ୍ଷକ ପଦବି ପୂରଣ ହୋଇଥିଲେ ମଧ୍ୟ ଏକାଧିକ ଅତିରିକ୍ତ ରାଜସ୍ୱନିରୀକ୍ଷକ ପଦବୀ ଖାଲି ରହିଛି। ପ୍ରତି ରାଜସ୍ୱ କାର୍ଯ୍ୟାଳୟରେ ଜଣେ ଅମିନ ଓ ପିଅନ ରହିବା କଥା ତାହା ମଧ୍ୟ ଖାଲି ପଡିଛି। ଏନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ମୁଁ ଏ ବାବଦରେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଛି ବୋଲି କହିଥିଲେ। ଏଥିପ୍ରତି ରାଜସ୍ୱ ବିଭାଗ ଓ ଜିଲ୍ଲାପାଳ ଦୃଷ୍ଟିଦେଇ ଖାଲି ପଦବି ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର(ପିପିଏସ୍):** ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପରମାନଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ୍ୟ କହିଛନ୍ତି। ଶୁକ୍ରବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ମାଧ୍ୟମିକ ଶିକ୍ଷା ବୋର୍ଡ, ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶ୍ରେଣୀଗୃହ ବାହାରେ ଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ। ଜୀବନ ଆପଣଙ୍କୁ କେବଳ ଆପଣ ରଖିଥିବା ମାର୍କ ଦ୍ୱାରା ମାପିବ ନାହିଁ, ବରଂ ଆପଣ ରଖିଥିବା ମୂଲ୍ୟବୋଧ, ଆପଣ ଦେଖାଉଥିବା କରୁଣା ଏବଂ ଅନ୍ୟର ଜୀବନରେ ରଖିଥିବା ସକାରାତ୍ମକ ପାର୍ଥକ୍ୟ ଦ୍ୱାରା ମାପିବ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସିଅନ ଶ୍ରମିକ ବସ୍ତି ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର(ପିପିଏସ୍):** ଚନ୍ଦ୍ରଶେଖରପୁର ସ୍ଥିତ ସିଅନ୍ ଶ୍ରମିକ ବସ୍ତି ପ୍ରାଙ୍ଗଣରେ ବସ୍ତି ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରାଜୀବ ଆବାସ ଯୋଜନାର ଅନ୍ତର୍ଭୁକ୍ତ ସଭ୍ୟ ଓ ସଭ୍ୟା ମାନଙ୍କର ସମର୍ଥନରେ ରୁଷିଆ ଦିଗଲଙ୍କୁ ସଭାପତି ଓ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ନୂତନରୂପେ ଚୟନ ହୋଇଥିବା ସଭାପତି ଓ ସମ୍ପାଦକ ତାଙ୍କ ଦାୟିତ୍ୱକୁ ଗୁରୁତ୍ୱ ଦେବା ସହ ମୈତ୍ରୀ ବିହାର ଥାନା ଅଧିକାରୀଙ୍କୁ ଆଇନ ଶୃଙ୍ଖଳା ରକ୍ଷା କରିଥିବାରୁ ପରିଷଦ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପଞ୍ଚାନନ ସାହୁ, ପ୍ରଶାନ୍ତ ପ୍ରଧାନ, ଜିଗର ଦିଗଲ, ବିଜେପି ନେତା ଅନିରୁଧ ମଲ୍ଲିକ, ସୁବ୍ରତ ନାୟକ, କ୍ରୀଷ୍ଣା ସାମନ୍ତରାୟ, ୱାର୍ଡ ନମ୍ବର ୧୩ ଯୁବ ନେତା ଚନ୍ଦ୍ରଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଦେଷ୍ଟା ଅଶୋକ ପାଲଟାସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ପବିତ୍ର ଗୌଡ଼ଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପିପିଏସ୍):** ଯୁବ ସାମ୍ବାଦିକ, ସିନେ ସମୀକ୍ଷକ, ଗାଳ୍ପିକ ପବିତ୍ର ଗୌଡ଼ଙ୍କ ବିୟୋଗରେ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହାସହ ପବିତ୍ରଙ୍କ ପ୍ରତିଭା ଆଗାମୀ ଯୁବ ପ୍ରତିଭାଙ୍କୁ ସର୍ବଦା ପ୍ରେରଣା ଯୋଗାଇବ ବୋଲି ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଶୋକ ବାର୍ତ୍ତା ମାଧ୍ୟମରେ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଛନ୍ତି। ଏହି ଶୋକସଭାରେ ମୁଖପାତ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସାମ୍ବାଦିକ ରମେଶ କୁମାର ମହାପାତ୍ର, ପ୍ରମୋଦ ପରିଡା, ଡ. ପ୍ରଦୀପ କୁମାର ବିଶ୍ୱାଳ, ସଂଯୋଜକ ବାପୁ ଓଝା, ସମ୍ପାଦକ ମଦନ ମୋହନ ପାଢ଼ୀ, ସମାଜସେବୀ ଲୋକନାଥ ଦାଶ, ବିଜୟ କୁମାର ପ୍ରଧାନ ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ନିଷ୍ଠା, କାର୍ଯ୍ୟ ସବୁଦିନ ପାଇଁ ମନେ ରହିବ ବୋଲି କହିଥିଲେ। ତେବେ ଦୀର୍ଘଦିନ ଧରି ଶାରୀରିକ ଅସୁସ୍ଥତା ପାଇଁ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା।

# ବାଲ୍ୟବିବାହ ଅଟକାଇଲା ପାହାଳ ଥାନା ପୁଲିସ



**ଭୁବନେଶ୍ୱର(ପିପିଏସ୍):** ପାହାଳ ଥାନା ଅଧୀନରେ ଏକ ବାଲ୍ୟବିବାହକୁ ବନ୍ଦକଲା ପୋଲିସ। ସୂଚନା ଅନୁସାରେ ଏକ ନାବାଳିକାର ବିବାହକୁ ନେଇ ଘରେ ସଜା ସରିଥିଲା। ବିଭିନ୍ନ ଯାକଜମକର ତୋରୋଣ ବି ଲାଗିଥିଲା। ବେଙ୍ଗାଲୁରୁର ଏଚ ଏଲ୍ ଥାନା ମରତାଲି ଗ୍ରାମର ଜୟ କୁମାର(୨୪) ଯିଏକି ବର ବିଭିନ୍ନ ପାରମ୍ପାରିକ ବାଦ୍ୟରେ ରୋଷୋଣି କରି ପହଞ୍ଚି ସାରିଥିଲା ଗାଁ ମୁଣ୍ଡରେ। ଅଚାନକ ଗାଁ ରେ ରୁଚିକା ସାମାଜିକ କଲ୍ୟାଣ ସଂଗଠନ ପାହାଳ ପୋଲିସ ସହାୟତାରେ ପହଞ୍ଚି ଘରେ ବସିଥିବା ନାବାଳିକା କନ୍ୟାଙ୍କ ଆଧାରକାର୍ଡ ସମେତ ବିଭିନ୍ନ ଦସ୍ତାବିଜ୍ ଯାଞ୍ଚ୍ କରାଯାଇଥିଲା। ଯାହାକି ଯାଞ୍ଚ୍ ପରେ ବାଲ୍ୟବିବାହ ହେଉଥିବା ଅଧିକାରୀ ଏବଂ ପୋଲିସ ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ନାବାଳିକା ଓ ବରକୁ ସାଙ୍ଗରେ ଥାନାକୁ ନେଇଯିବା ସହ ବାଲ୍ୟବିବାହକୁ ବନ୍ଦ କରିଥିଲା ପୋଲିସ। ପରେ ଉଭୟ ବର ଓ କନ୍ୟା ପକ୍ଷ ପାହାଳ ଥାନାରେ ପହଞ୍ଚି ଆଲୋଚନା କରିଥିଲେ। ନାବାଳିକାକୁ ପ୍ରାପ୍ତବୟସ ପରେ ବିବାହ କରାଯିବ ବୋଲି ଉଭୟ ପକ୍ଷ ସହମତି ପ୍ରକାଶ କରିଥିଲେ। ପରେ ନାବାଳିକାକୁ ଶିଶୁ କଲ୍ୟାଣ ବିଭାଗ ନିଜ ହେପାଜତକୁ ନେଇଥିଲେ।

# ତିନିଟି ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର(ପିପିଏସ୍):** ନୀଳଶୈଳ ଓ ସୁଧନ୍ୟା ପ୍ରକାଶନୀର ମିଳିତ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିରଠାରେ ଲେଖକ ତଥା ଅନୁବାଦକ ଚିତ୍ତ ରଂଜନ ପଟ୍ଟନାୟକଙ୍କ ୩ଟି ପୁସ୍ତକ ସହ ଔପନ୍ୟାସିକା ଅନୁପମା ସାମନ୍ତରାୟଙ୍କ ଗୋଟିଏ ସୁଖପାଠ୍ୟ ମନଛୁଆଁ ଉପନ୍ୟାସ ପୁସ୍ତକର ପାଠକାର୍ପଣ ହୋଇଯାଇଛି। ଏହି ପୁସ୍ତକ ପାଠକାର୍ପଣରେ ସ୍ୱାଗତ ଭାଷଣ ଦେଇଥିଲେ ଲଳିତ ପଟ୍ଟନାୟକ ଏବଂ ମଧୁସୂଦନ ମିଶ୍ର ଆନୁଷ୍ଠାନିକ ଭାବରେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସହଦେବ ଜୟସିଂହଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଥାକାର, ସ୍ତମ୍ଭକାର ତଥା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଔପନ୍ୟାସିକା ଅନୁପମା ସାମନ୍ତରାୟଙ୍କ ଲିଖତ ଉପନ୍ୟାସ 'ଅଲୋରା' ଉପନ୍ୟାସ ପୁସ୍ତକର ବିସ୍ତୃତ ଆଲୋଚନା କରିଥିଲେ। ସାହିତ୍ୟିକ ଚିତ୍ତରଂଜନ ପଟ୍ଟନାୟକଙ୍କ ଲିଖିତ 'ସୈତାନର ତ୍ରିଭୁଜ' ପୁସ୍ତକ ସମୀକ୍ଷା କରିଥିଲେ ସମାଲୋଚକ ଡଃ. ବିରଞ୍ଚି କୁମାର ସାହୁ। ଅନ୍ୟତମ ଅତିଥି ଡ. ଆରତି କର ଲେଖକ ଚିତ୍ତ ରଂଜନ ପଟ୍ଟନାୟକଙ୍କ ଅନ୍ୟ ୨ଟି ଶିଶୁଗଳ୍ପ ସଂକଳନ ପୁସ୍ତକର ଆଲୋଚନା କରିଥିଲେ। ସହଦେବ ଜୟସିଂହ ସଭାପତିତ୍ୱ କରିଥିଲା ବେଳେ ନୀଳଶୈଳ ଅନୁଷ୍ଠାନର ସାଧାରଣ ସଂପାଦକ ରଜନୀକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଦର୍ଶକ ବିମୋହିତ

**ଭୁବନେଶ୍ୱର(ପିପିଏସ୍):** କୋକିଳା ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଏକାଡେମୀ ପକ୍ଷରୁ ୫ମ ପ୍ରତିଷ୍ଠା ଦିବସ ଅବସରରେ ଏକ ସାଂସ୍କୃତିକ ସମାରୋହ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବରେ ଛବିନ୍ଦ୍ର ଜେନା, ଅଶ୍ୱିନୀ ସୁନ୍ଦର ରାୟ, ସଂଯୁକ୍ତା ସୁନ୍ଦର ରାୟ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଶିଳ୍ପୀମାନେ ପରିବେଷଣ କରିଥିଲେ। ପରେ ଯୁଗଳବନ୍ଦୀରେ ଗିଟାର୍ ଓ ତବଲା ବାଦନ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଅନୁଷ୍ଠାନର କାଳାକାରମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଯାହା ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ୍ ଦେଇଥିଲା। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶିକା ମୋନାଲିସା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ରାଜଧାନୀ ଉପକଣ୍ଠରୁ ମୃତଦେହ ଉଦ୍ଧାର ଘଟଣା

# ମିଳୁନି ପରିଚୟ, ପୁଲିସର ତନାଘନା

**ଭୁବନେଶ୍ୱର(ପିପିଏସ୍):** ରାଜଧାନୀ ଉପକଣ୍ଠ ଅଞ୍ଚଳରୁ ଗତ ଦୁଇଦିନ ତଳେ ଏକ ମୃତହେଦ ଉଦ୍ଧାର କରାଯାଇଥିବା ବେଳେ ଶୁକ୍ରବାର ଏକକାଳୀନ ଦୁଇଟି ସ୍ଥାନରୁ ଦୁଇଦୁଇଟି ମୃତଦେହ ଉଦ୍ଧାର କରାଯାଇଛି। ଗୋଟିଏ ମଦନପୁର ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟଟି ରଙ୍ଗମାଟିଆ ଅଞ୍ଚଳରୁ ଉଦ୍ଧାର କରାଯାଇଛି।



ପ୍ରକାଶ ଥାଉ କି ମଦନପୁର ତଳସାହିର ଏକ ଜଙ୍ଗଲ ନିକଟରୁ ଇନ୍‌ଫୋଭ୍ୟାଲି ଥାନା ପୁଲିସ୍ ଜଣେ ୭୦ ବର୍ଷୀୟା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ନାମ ବିଶ୍ୱନାଥ ନାୟକ। ବିଶ୍ୱନାଥଙ୍କ ଘର କାନିଆପଲ୍ଲୀ, ଦୁଖାପଡ଼ା, ଗଞ୍ଜାମ ଜିଲ୍ଲାରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ମଦନପୁର ତଳ ସାହିର ଲୋକେ ଯାତାୟତ କରୁଥିବା ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଥାନାକୁ ଜଣାଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଥିଲା। ମୃତକ ଏକ ନୀଳ ରଙ୍ଗର ଲୁଙ୍ଗି ପିନ୍ଧିଥିଲେ, ମୃତକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ମୃତକ ଜଣକ ଜଣେ ଶ୍ରମିକ ହୋଇଥିବା ଜଣାପଡ଼ିଛି। ସେ ଭରତପୁର ଥାନା ଅଧୀନ ଆଇଗିଣିଆ ଅଞ୍ଚଳରେ ରହୁଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ୭ରେ ସେଭିଙ୍ଗ ହେବାକୁ ଯାଇଥିଲେ ଆଉ ଘରକୁ ଫେରି ନ ଥିବା ବୋଲି ପୁଲିସ୍ ସୂଚନା ଦେଇଛି, ଆଜି ସବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଥାଉ କି ଗତ ଦୁଇଦିନ ପୂର୍ବରୁ ପିତାପଲ୍ଲୀ କାଜୁ ଜଙ୍ଗଲର ଏକ ଖଣିରୁ ବୀଭତ୍ସ ମୃତଦେହ ଉଦ୍ଧାର କରିଥିବା ବେଳେ ଶୁକ୍ରବାର ମଦନପୁର ପଞ୍ଚାୟତର ତଳ ସାହିର ଏକ ଜଙ୍ଗଲରୁ ପୁଣି ଏକ ବ୍ୟକ୍ତିଙ୍କ ଶବ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସେହିଭଳି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳରୁ ଏକ ଅଜଣା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମଞ୍ଚେଶ୍ୱର ଲେବଲ କ୍ରସିଂ ରଙ୍ଗମାଟିଆ ଗ୍ରାମ ଉପରସାହି ଚୁଆ ନିକଟରେ ପ୍ରାତଃଭ୍ରମଣରେ ଯାଉଥିବା ଲୋକମାନେ ମୃତଦେହକୁ ଦେଖିଥିଲେ। ସେମାନେ ଖବର ଦେବାରୁ ପ୍ରଥମେ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତ ବ୍ୟକ୍ତିଙ୍କ ବୟସ ୫୦ରୁ ୬୦ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମଞ୍ଚେଶ୍ୱର ଅଞ୍ଚଳରେ ଦୁଇ ଜଣ ଭିକ୍ଷୁକ ବୁଲୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଏହି ମୃତ ବ୍ୟକ୍ତି ବୋଲି ଅନୁମାନ କରାଯାଉଛି। ସହଯୋଗୀ ଜଣକ ଦେଖାଯାଉ ନ ଥିବାରୁ ତାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହେଉଛି। ମଞ୍ଚେଶ୍ୱର ପୁଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପରିଚୟ ପାଇବାକୁ ପୁଲିସ ଟିମ୍ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ଜାରି ରଖିଛି। ମଞ୍ଚେଶ୍ୱର ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି, ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ମୃତ ବ୍ୟକ୍ତିଙ୍କ ଶରୀରରେ କୌଣସି କ୍ଷତ ସ୍ଥାନ ନାହିଁ। ତାଙ୍କ ପରିଚୟ ପାଇବାକୁ ଉଦ÷ମ ଚାଲିଛି ବୋଲି ସେ କହିଛନ୍ତି।

ତେବେ ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ଏଭଳି ଗୋଟିଏ ପରେ ଗୋଟିଏ ମୃତଦେହ ମିଳିବା ଏବେ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ବିଗତ ଦିନରେ ରାଜଧାନୀ ସମେତ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ମିଳିଥିବା ଅଜଣା ମୃତହେହଗୁଡ଼ିକ ମଧ୍ୟରୁ କେତେକର ପରିଚୟ ମିଳିଥିବା ବେଳେ ଅଧିକାଂଶ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଥିଲା। ତେବେ ଅନେକ ମୃତଦେହର ପରିଚୟ ମିଳି ନ ଥିବାରୁ ସେଗୁଡ଼ିକର ଅସ୍ୱାଭିବିକ ମୃତ୍ୟୁ ନା ହତ୍ୟା ତାହା ଜଣାପଡ଼ିନାହିଁ।

## ବିସ୍ଥାପନ ସମସ୍ୟା ସମସ୍ୟା ସମାଧାନ ଦାବି

# ମେୟରଙ୍କୁ ଭେଟିଲେ ଚୁନୁକୋଳି ବସ୍ତିବାସିନ୍ଦା



**ଭୁବନେଶ୍ୱର(ପିପିଏସ୍):** ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଏମସି ଅଞ୍ଚଳରେ ଅବସ୍ଥିତ ଚୁନୁକୋଳି ଗ୍ରାମର ଆଦିବାସୀ ବାସିନ୍ଦାମାନଙ୍କ ଏକ ପ୍ରତିନିଧି ଦଳ ବିଏମସି ମେୟର ସୁଲୋଚନା ଦାସଙ୍କୁ ଭେଟି ବିସ୍ଥାପନ ଓ ଥଇଥାନ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ସ୍ଥାନୀୟ ଆଦିବାସୀ ସମୁଦାୟ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରତିନିଧି ଦଳ ମେୟରଙ୍କୁ ଅବଗତ କରାଇଥିଲେ ଏବଂ ପ୍ରଭାବିତ ପରିବାର ମାନଙ୍କର ଅଧିକାର, ଜୀବିକା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଆଦିବାସୀ ବାସିନ୍ଦାଙ୍କ ସମସ୍ୟାର ସମାଧାନ ଉପରେ ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ଡଃ ପ୍ରିୟବ୍ରତ ମାଝୀ, ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏବଂ ଖୋର୍ଦ୍ଧା ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ ଉପସ୍ଥିତ ଥିଲେ। ମେୟର ଶ୍ରୀମତୀ ଦାସ ଗ୍ରାମବାସୀଙ୍କ ଅଭିଯୋଗ ଓ ସମସ୍ୟାଗୁଡ଼ିକୁ ବିସ୍ତୃତ ଭାବେ ଶୁଣିଥିଲେ ଏବଂ ଏହି ପ୍ରସଙ୍ଗରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ଆଶ୍ୱାସନ ଦେଇଥିଲେ। ଆଦିବାସୀ ସମୁଦାୟଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ସମସ୍ୟାର ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ ପ୍ରତି ପ୍ରଶାସନ ସର୍ବଦା ବଦ୍ଧପରିକର। ବିଜୁ ଜନତା ଦଳ ସଦାସର୍ବଦା ଆଦିବାସୀ ସମୁଦାୟଙ୍କ ସହିତ ରହିଛି ଓ ଆଗକୁ ମଧ୍ୟ ରହିବ। ଆଦିବାସୀ ସମୁଦାୟଙ୍କ ପାଇଁ ବିକାଶମୂଳକ ପଦକ୍ଷେପଗୁଡ଼ିକ ଯେପରି ସମ୍ବେଦନଶୀଳତା, ନ୍ୟାୟ ଏବଂ ପ୍ରଭାବିତ ଲୋକଙ୍କ ଅଧିକାର ପ୍ରତି କିପରି ସମ୍ମାନ ରକ୍ଷା କରାଯାଇପାରିବ, ତାହା ସୁନିଶ୍ଚିତ କରିବାକୁ ବିଜୁ ଜନତା ଦଳ ଦୃଢ଼ ପ୍ରତିବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ବିବାହ ଆଳରେ ଯୁବତୀଙ୍କୁ ପ୍ରତାରଣା

**ଭୁବନେଶ୍ୱର(ପିପିଏସ୍):** ଯୁବତୀଙ୍କୁ ବିବାହ ଆଳରେ ପ୍ରତାରଣା କରିଥିବା ପ୍ରେମିକକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧିନସ୍ଥ ପଲଙ୍ଗଘାଟିର ଟିକସନାଲ୍ ନାୟକ (୨୩)। ପୁଲିସ ସୂଚନାନୁସାରେ, କନ୍ଧମାଳ ଜିଲ୍ଲାର ଜଣେ ୨୩ ବର୍ଷୀୟା ଯୁବତୀ ଚନ୍ଦକା ଥାନା ଅଞ୍ଚଳରେ ରହିବା ସହ ସ୍ଥାନୀୟ କମ୍ପାନୀରେ ଶ୍ରମିକ ଭାବେ କାମ କରୁଛନ୍ତି। କର୍ମସ୍ଥଳକୁ ଯିବାଆସିବା ସମୟରେ ନିକଟସ୍ଥ କମ୍ପାନୀରେ କାମ କରୁଥିବା ଟିକସନାଲ୍ ସହ ପରିଚୟ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ସହ ସମ୍ପର୍କ ପ୍ରେମର ରୂପ ନେଇଥିଲା। ଟିକସନାଲ୍ ତାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ବିବାହ କରିବା ଆଳରେ ଯୁବତୀଙ୍କ ଭଡ଼ା ଘରେ ଟିକସନାଲ୍ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ୩/୪ ମାସ ଧରି ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରି ଦେଇଥିଲା। ଏଥିସହିତ ଯୁବତୀଙ୍କ ଚରିତ୍ରକୁ ନେଇ ସନ୍ଦେହ କରିବା ସହ ବିବାହ କରିବ ନାହିଁ ବୋଲି ରୋକ୍ ଠୋକ୍ ମନା କରିଥିଲା। ଏନେଇ ଯୁବତୀ ଜଣକ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ଟିକସନାଲକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।



# ରାସ୍ତାରୁ ଅପହରଣ, ଫୋନ୍-ପେ ଟଙ୍କା ଲୁଟ୍

**ଭୁବନେଶ୍ୱର(ପିପିଏସ୍):** ରାସ୍ତାରେ ଅଟକାଇବା ପରେ ଅପହରଣ କରିନେଲେ। ବେକରେ ଛୁରି ଲଗାଇ ଫୋନ୍-ପେରେ ଟଙ୍କା ଲୁଟିଲେ। ତାରିଣୀ ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମହର୍ଷି କଲେଜ ପଛପାଖେ ରହୁଥିବା ଜଗଦୀଶ ଦାସ ଓରଫ୍ ଯତିନ୍ (୨୪) ଓ ଶାନ୍ତିପଲ୍ଲୀ ବସ୍ତିର ବିଜୟ କୁମାର ମୁଦୁଲି ଓରଫ୍ ହାପି (୨୦)। ପୁଲିସ ସୂଚନାନୁସାରେ, ଲକ୍ଷ୍ମୀସାଗର ଉପର ସାହିର ଆଦିତ୍ୟ ରାଉତ ଗତ ୧୮ ତାରିଖ ରାତି ୧୦ଟାରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଜଗନ୍ନାଥ ନଗର ତାରିଣୀ ବସ୍ତି ନିକଟରେ ଯତିନ୍, ହାପି ଓ ଦୁଇ ସହଯୋଗୀ ତାଙ୍କୁ ରାସ୍ତାରେ ଅଟକାଇବା ସହ ମୁହଁରେ କଳା କପଡ଼ା ଗୁଡାଇ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇଥିଲେ। ସେଠାରେ ତାଙ୍କ ବେକରେ ଛୁରି ଲଗାଇ ଭୟଭୀତ କରିବା ସହ ଫୋନ୍-ପେ ଜରିଆରେ ମୋବାଇଲ ଫୋନରୁ ୭୦ ହଜାର ଟଙ୍କା ନେଇ ଯାଇଥିଲେ। ଏଥିସହିତ ମୋବାଇଲ ନମ୍ବରରେ ୩୫୩ ଟଙ୍କାର ରିଚାର୍ଜ କରିଥିଲେ। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ସମୟରେ ଏକ ନମ୍ବରରୁ ଫୋନ୍ କରି ଅଧିକ ଟଙ୍କା ଦେବା ଲାଗି ଆଦିତ୍ୟଙ୍କୁ ଧମକ ଦେଇଥିଲେ। ଏ ନେଇ ଆଦିତ୍ୟ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଓ ଆଦିତ୍ୟଙ୍କ ନିକଟକୁ ଆସିଥିବା ଶେଷ ଫୋନର ନମ୍ବରକୁ ପାଥେୟ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ଶୁକ୍ରବାର ଯତିନ୍ ଓ ହାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି।



# କୁକୁର ଟିକାକରଣ ପାଇଁ ବିଏମ୍‌ସି ଜାତୀୟସ୍ତରରେ ସମ୍ମାନିତ

**ଭୁବନେଶ୍ୱର(ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମକୁ ଜାତୀୟସ୍ତରରେ ମିଳିଲା ଆଉ ଏକ ସଫଳତା। ରାବିଜ୍ ମୁକ୍ତ ସହର ଗଠନ ନିମନ୍ତେ ବିଏମ୍‌ସି ନେଇଥିବା ପଦକ୍ଷେପ ଏବଂ ସାମୂହିକ ଟିକାଦାନ ପଦ୍ଧତି ପାଇଁ ଜାତୀୟସ୍ତରରେ ସମ୍ମାନିତ ହୋଇଛି। ଦିଲ୍ଲୀଠାରେ ଅନୁଷ୍ଠିତ ଜଳାତଙ୍କ ମୁକ୍ତ ରାଜ୍ୟ ଗଠନ ସଂକ୍ରାନ୍ତ ଦୁଇ ଦିନିଆ (୨୮-୨୯) କର୍ମଶାଳାରେ ବିଏମ୍‌ସିକୁ ସତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆଗାମୀ ଦିନରେ ରାଜ୍ୟକୁ ଜଳାତଙ୍କ ମୁକ୍ତ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ଏକ ଡ୍ରାଫ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଅଛି। ସ୍ୱାସ୍ଥ୍ୟ, ପଶୁପାଳନ, ସିଡିସି(ଆଟଲାଣ୍ଟା) ଓ ମେଡିକାଲ, ପଶୁ ଚିକିତ୍ସା, ଜନସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ବିଭିନ୍ନ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ଓ ମହାନଗର ନିଗମର ସଦସ୍ୟ ସଦସ୍ୟାମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଆସନ୍ତା ୨୦୩୦ ସୁଦ୍ଧା ଭାରତକୁ ଜଳାତଙ୍କ ରୋଗମୁକ୍ତ କରିବା ଏବଂ ତଦନୁଯାୟୀ ରାଜ୍ୟସ୍ତରରୁ କାର୍ଯ୍ୟ ଯୋଜନାକୁ ସୁଦୃଢ଼ କରିବା। କାରଣ ରାବିଜ୍ ହେଉଛି ଏକ ମାରିକ ରୋଗ ଯେଉଁଥିରେ ଶତପ୍ରତିଶତ ମୃତ୍ୟୁ ହୁଏ। ନାଗରିକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ତଥା ଭୁବନେଶ୍ୱରକୁ ରାବିଜ୍ ମୁକ୍ତ ସହର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏନ୍‌ଏପିଆର୍‌ଇ ଅନୁଯାୟୀ ସାମୂହିକ କୁକୁର ଟିକାକରଣ (ଏମ୍‌ଡିଭି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟସ୍ତରର କର୍ମଶାଳାରେ ବିଏମ୍‌ସି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଡାକ୍ତର ପ୍ରଶାନ୍ତ କୁମାର ସିକାଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ତଥ୍ୟ ଉପସ୍ଥାପନ କରିଥିଲେ।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ 'ଖରାବେଳର ଛାଇ' ଉନ୍ମୋଚିତ

**ଭୁବନେଶ୍ୱର(ପିପିଏସ୍):** ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ ଡାଏରୀର ଚତୁର୍ଥ ଖଣ୍ଡ 'ଖରାବେଳର ଛାଇ' ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଉନ୍ମୋଚିତ ହୋଇଛି। ବିଶ୍ୱଭାରତୀ ଶାନ୍ତିନିକେତନ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ, ତୁଳନାତ୍ମକ ସାହିତ୍ୟର ସମାଲୋଚକ ପ୍ରଫେସର ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ପୁସ୍ତକଟିକୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ପ୍ରଫେସର ମେହେରଙ୍କ ନିରବଚ୍ଛିନ୍ନ ସାହିତ୍ୟ ସାଧନାର ପ୍ରଶଂସା କରିଥିଲେ। ଏଥିରେ ଅଧକ୍ଷତା କରିଥିଲେ ବିଭାଗ ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ର।

# ଅବ୍ୟବସ୍ଥାରେ ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟର

**ଭୁବନେଶ୍ୱର (ପିପିଏସ୍):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ରହିଥିବା ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟର-ଏଆର୍‌ସି) ଗତ ୨୦୨୫ ମସିହା ଅକ୍ଟୋବର ମାସରୁ ଖୋର୍ଦ୍ଧାକୁ ସ୍ଥାନାନ୍ତର ହୋଇସାରିଛି। କିନ୍ତୁ ଏନେଇ କାହାରି ପାଖରେ ସୂଚନା ନାହିଁ। ବିଭାଗ ପକ୍ଷରୁ ମଧ୍ୟ ସେଭଳି କୌଣସି ସୂଚନାମୂଳକ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ପ୍ରତିଦିନ ଦୂର ଦୂରାନ୍ତରୁ କୃତ୍ରିମ ଅଙ୍ଗ ଲଗାଇବାକୁ ପୁରୁଣା ସ୍ଥାନକୁ ଆସି ନିରାଶ ହେଉଛନ୍ତି ଲୋକେ। ଗୋଟେପଟେ ଅହସ୍ୟ ଗୁଳୁଗୁଳି ସାଙ୍ଗକୁ ବିଭିନ୍ନ ଜିଲ୍ଲାରୁ ବସ୍ କିମ୍ବା ଟ୍ରେନ୍‌ରେ ଯିବାଆସିବା ପାଇଁ ଖର୍ଚ୍ଚାନ୍ତ ହୋଇ ମଧ୍ୟ ସେବା ନ ପାଇ ଫେରି ଯାଉଛନ୍ତି। ଏଠାକୁ ଆସିବା ପରେ ଏଆର୍‌ସି ଖୋର୍ଦ୍ଧା ସ୍ଥାନାନ୍ତର ହୋଇଥିବା ସୂଚନା ପାଇ ସେଠାରେ ପହଞ୍ଚୁଛନ୍ତି। ହେଲେ ସମସ୍ୟା ସେତିକିରେ ସରି ନାହିଁ। କାରଣ ଖୋର୍ଦ୍ଧାରେ ନିର୍ମିତ ନୂତନ ଏଆରସି କେନ୍ଦ୍ରରେ ସେବା ବଦଳରେ ସମସ୍ୟା ଭୋଗୁଛନ୍ତି ଦିବ୍ୟାଙ୍ଗ ବ୍ୟକ୍ତି। କାରଣ ଏହା ଅତ୍ୟନ୍ତ ଅଣଓସାରିଆ ହୋଇଥିବାରୁ ରୋଗୀ ବସିବାକୁ ମଧ୍ୟ ଜାଗା



ନାହିଁ। ଫଳରେ ଦିବ୍ୟାଙ୍ଗମାନେ ଦୂରରୁ ଆସି ଘଣ୍ଟା ଘଣ୍ଟା ଛିଡ଼ା ହେଉଥିବା ଦେଖିବାକୁ ମିଳିଛି। ସେହିପରି ରୋଗୀଙ୍କ ସହ ଆଟେଣ୍ଡାଣ୍ଟ ମାନଙ୍କ ରହିଣୀ ସୁବିଧା ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ କ୍ୟାପିଟାଲ ହସ୍ପିଟାଲ ପରିସରରେ ରହିଥିବା ଏଆରସିରେ ମାଗଣା ସେବା ସହ ରୋଗୀ ଏବଂ ସେମାନଙ୍କ ଆଟେଡାଣ୍ଟଙ୍କ ରହିବା ସୁବିଧା ମଧ୍ୟ ଏସଆଇଡିଆର(ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାବିଲିଟି ରିହାବିଲିଟେସନ୍)ରେ ରହିଥିଲା। ଯେଉଁଠାରେ ରୋଗୀମାନେ ରହି ଉକ୍ତ ଏଆର୍‌ସିରେ ଚିକିତ୍ସିତ ହୋଇଥାନ୍ତି। ବର୍ତ୍ତମାନ ସେଠାରେ ତାଲା ଝୁଲୁଥିବା ବେଳେ ଖୋର୍ଦ୍ଧାରେ ରହିବାକୁ ସୁବିଧା ନଥିବାରୁ ବାହାରେ ରହିବାକୁ ଦିବ୍ୟାଙ୍ଗମାନେ ଖର୍ଚ୍ଚାନ୍ତ ହେଉଥିବା ଜଣାପଡ଼ୁଛି। ତେବେ ଏଭଳି ଏକ ସମ୍ବେଦନଶୀଳ ସେବା ଯୋଗାଇଦେବା ପାଇଁ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ସମସ୍ତ ସୁବିଧାକୁ ସୁଗମ କରିବା ବଦଳରେ ଜଟିଳ କରିଦେଉଥିବା ଦିବ୍ୟାଙ୍ଗମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୦୧୯ ମସିହା ମାର୍ଚ୍ଚ ମାସରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ପର୍ନବାସ କେନ୍ଦ୍ର ବା ଏଆରସି ନିର୍ମାଣ କରାଯାଇଥିଲା। ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ରୋବଟିକ୍ ମେସିନ୍‌ର ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଇଥାଏ। ହୃଦ୍‌ଘାତର ଶିକାର ହୋଇ ଗୋଡ଼ କିମ୍ବା ହାତ ଅଚଳ ହୋଇଯାଇ ଥିବା ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ସ୍ନାୟୁ ଜନିତ ସମସ୍ୟା, ଟ୍ରୋମାଟିକ୍ ବ୍ରେନ୍ ଇନ୍‌ଜୁରି (ମସ୍ତିଷ୍କ ଆଘାତ ଯୋଗୁଁ ଅଙ୍ଗ ପ୍ରତ୍ୟଙ୍ଗ ଅକାମି ହୋଇଯିବା), ସ୍ପର୍ଶ ଅନୁଭବ କରି ନ ପାରିବା, ଗୋଡ଼ କିମ୍ବା ହାତ ବଙ୍କା ହୋଇଯିବା, ଅନ୍ୟର କଥୋପକଥନକୁ ବୁଝି ନ ପାରିବା, ପୋଲିଓ, ଭଳି ରୋଗର ଶିକାର ହେଉଥିବା ପିଲାଙ୍କ ଠାରୁ ବୟସ୍କଙ୍କୁ ଏଠାରେ ଚିକିତ୍ସା ଦିଆଯାଇଥାଏ। ସବୁଠାରୁ ବଡ଼କଥା ହେଉଛି, ବିଭିନ୍ନ କାରଣରୁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟେକଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ଏଠାରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥାଏ। ଯେଉଁଥିପାଇଁ ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏଠାରୁ କୃତ୍ରିମ ଅଙ୍ଗ ଲଗାଇବା ସହ ଏହାକୁ ବଦଳାଇବା, ଯଦି କିଛି ସମସ୍ୟା ଉପୁଜିଥାଏ ତାହାର ଚିକିତ୍ସା କରିବା ଏବଂ ଆବଶ୍ୟକୀୟ ଉପକରଣ ନେବାକୁ ଆସିଥାନ୍ତି। ତେବେ ଏହି ଏଆର୍‌ସି ଏକ ଘରୋଇ ସଂସ୍ଥା ସହ ୫ବର୍ଷିଆ ଚୁକ୍ତିନାମ ହୋଇଥିବା ବେଳେ କାର୍ଯ୍ୟକାଳ ଶେଷ ହେବା ପରେ ସରକାର ସିଧାସଳଖ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ଜାରୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ଦ୍ୱନ୍ଦ୍ୱରେ ଦୀର୍ଘ ଦେଢ଼ବର୍ଷ କାଳ ଏଆରସି ବନ୍ଦ ରହିବା ପରେ ପ୍ରାୟ ୭ମାସ ହେବ ଖୋର୍ଦ୍ଧାରେ ଏହା କାର୍ଯ୍ୟକାରୀ ହେଉଛି। ଏଠାରେ ଯଦିଓ ସମସ୍ତ ଉନ୍ନତମାନର ମେସିନ୍ ରହିଛି କିନ୍ତୁ ଏସମ୍ପର୍କରେ ଅଧିକାଂଶ ଦିବ୍ୟାଙ୍ଗ ଜାଣିନଥିବାରୁ ପୂର୍ବଭଳି ସେମାନେ କ୍ୟାପିଟାଲ ହସ୍ପିଟାଲକୁ ଆସୁଛନ୍ତି।

ଗୁରୁବାର ବୌଦ୍ଧରୁ ଆସିଥିବା ଜଣେ ଦିବ୍ୟାଙ୍ଗ କହିଛନ୍ତି ଯେ, ଏଠାକୁ ଆସିବାକୁ ଉଦ୍ଧାର କରଜ କରି ଟଙ୍କା ଆଣିଛି। ହେଲେ ଏଠାରୁ ପୁଣି ଖୋର୍ଦ୍ଧା ଯିବାକୁ ପଡ଼ିବ। ଯାହାକି ବୋଝ ଉପରେ ଲଳିତା ବିଡ଼ା। ତେଣୁ ପ୍ରତ୍ୟେକ ଜିଲ୍ଲାରେ ଡିଏସଏସଓମାନଙ୍କ ମାଧ୍ୟମରେ ଏବାବଦରେ ସୂଚନା ପ୍ରଦାନ କରାଯିବା ଉଚିତ୍। ନଚେତ୍ ସମସ୍ତେ ଏଠାକୁ ଆସି ନିରାଶ ହେବା ସହ ଆର୍ଥିକ କ୍ଷତି ମଧ୍ୟ ସହିବାକୁ ପଡ଼ିବ। ଏଥିପାଇଁ ବିଭାଗ ଗୁରୁତ୍ୱ ଦେବା ଉଚିତ୍ ବୋଲି ସେ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନିଆଯାଇପାରି ନାହିଁ।






# ଭିଏତ୍‌ନାମ ସହ ଭାରତର ବ୍ରହ୍ମୋସ ଚୁକ୍ତି ସ୍ୱାକ୍ଷରିତ




ନୂଆଦିଲ୍ଲୀ : ଭିଏତନାମ ସହ ସ୍ୱାକ୍ଷରିତ ହେଲା ଭାରତର ବ୍ରହ୍ମୋସ ଚୁକ୍ତି। ଭାରତ ଏବଂ ଭିଏତନାମ ମଧ୍ୟରେ ଅତ୍ୟାଧୁନିକ ସୁପରସୋନିକ କ୍ରୁଜ୍ ମିସାଇଲ୍ ବ୍ରହ୍ମୋସ୍ ଯୋଗାଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ଆଉ କେବଳ ପ୍ରତିରକ୍ଷା ଉପକରଣର କ୍ରେତା ନୁହେଁ, ବରଂ ଏକ ପ୍ରମୁଖ ରପ୍ତାନିକାରୀ ଭାବରେ ବିଶ୍ୱ ସ୍ତରରେ ନିଜର ଉପସ୍ଥିତି ପ୍ରତିଷ୍ଠିତ କରୁଛି। ସିଙ୍ଗାପୁରରେ ଅନୁଷ୍ଠିତ ସାଙ୍ଗ୍ରି-ଲା ଆଲୋଚନାରେ, ଭାରତୀୟ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏହି ସୂଚନା ପ୍ରଦାନ କରିଛନ୍ତି । ଭାରତ ତାର ନିକଟତମ ସହଯୋଗୀ ଭିଏତନାମକୁ ଘାତକ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ପ୍ରଣାଳୀ ବିକ୍ରି କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛି । ପ୍ରାୟ ୬ ହଜାର କୋଟି ମୂଲ୍ୟର ଏହି ପ୍ରତିରକ୍ଷା ଚୁକ୍ତି ହୋଇପାରେ। ଏହା ସହିତ ଇଣ୍ଡୋନେସିଆ ସହ ମଧ୍ୟ ଏହି ମିସାଇଲ୍ ଚୁକ୍ତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ (ଇଝରଇଘ) ସହିତ ଭାରତର ବାଣିଜ୍ୟ ଏବଂ ରଣନୈତିକ ସମ୍ପର୍କ କ୍ରମାଗତ ଭାବରେ ଗଭୀର ହେଉଛି। ପ୍ରତିରକ୍ଷା ସଚିବ ସ୍ପଷ୍ଟ କରିଛନ୍ତି ଯେ, ଭାରତ ଏହି ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରଗୁଡ଼ିକ ସହିତ ଏହାର ସର୍ବୋତ୍ତମ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବାଣ୍ଟିବ । ଫିଲିପାଇନ୍ସ ଏହି କ୍ଷେପଣାସ୍ତ୍ରର ପ୍ରଥମ ବିଦେଶୀ ଗ୍ରାହକ ଥିଲା, ୨୦୨୨ରେ ୩୭.୫ କୋଟିର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲା। ବର୍ତ୍ତମାନ, ଭିଏତନାମ ସହିତ ଚୁକ୍ତି ଚୂଡ଼ାନ୍ତ ହୋଇଛି, ଏବଂ ୨୦୨୬ ମାର୍ଚ୍ଚରେ ଇଣ୍ଡୋନେସିଆ ମଧ୍ୟ ଏଥିରେ ରାଜି ହୋଇଛି । ଏହି ସଦ୍ୟତମ ପ୍ରତିରକ୍ଷା ଚୁକ୍ତିର ସଠିକ୍ ଆର୍ଥିକ ବିବରଣୀ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ। ତଥାପି, ଗଣମାଧ୍ୟମ ରିପୋର୍ଟ ସୂଚିତ କରୁଛି ଯେ ଭାରତ ଏବଂ ଭିଏତନାମ ମଧ୍ୟରେ ସମ୍ପୂର୍ଣ୍ଣ ଚୁକ୍ତି ପ୍ରାୟ ୬ ହଜାର କୋଟି ହେବ ବୋଲି କୁହାଯାଇଛି ।

# ବିଦେଶୀ ନିବେଶକ ଉଠାଇ ନେଲେ ୩୨,୯୬୩ କୋଟି




ନୂଆଦିଲ୍ଲୀ : ଭାରତୀୟ ଇକ୍ୱିଟି ବଜାରରୁ ବିଦେଶୀ ନିବେଶକମାନଙ୍କ ପୁଞ୍ଜି ପ୍ରତ୍ୟାହାର ଜାରି ରହିଛି। ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ମେ ମାସରେ ଭାରତର ଇକ୍ୱିଟି ବଜାରରୁ ୩୨,୯୬୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ନ୍ୟାସନାଲ ଷ୍ଟକ ଡିପୋଜିଟୋରିଜ୍ ଲିମିଟେଡ (ଏନ୍‌ଏସ୍ଡିଏଲ୍)ର ତଥ୍ୟ ଅନୁଯାୟୀ, ୨୦୨୬ ମସିହାର ପ୍ରଥମ ୫ ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ୨.୨୫ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି। ୨୦୨୫ ମସିହାରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ୧.୬୬ ଲକ୍ଷ କୋଟି ଟଙ୍କା ଉଠାଇ ନେଇଥିବାବେଳେ ଚଳିତବର୍ଷର ପ୍ରଥମ ପାଞ୍ଚମାସରେ ତାଠାରୁ ବହୁ ଅଧିକ ରାଶି ଉଠାଇ ନେଲେଣି। ୨୦୨୬ ମସିହାର ତଥ୍ୟ ଉପରେ ନଜର ପକାଇଲେ ଜଣାଯାଏ କେବଳ ଫେବ୍ରୁଆରି ମାସକୁ ଛାଡ଼ିଦେଲେ ଅନ୍ୟ ସବୁ ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। ଜାନୁଆରିରେ ୩୫,୯୬୨ କୋଟି, ମାର୍ଚ୍ଚରେ ୧.୧୭ ଲକ୍ଷ କୋଟି, ଏପ୍ରିଲରେ ୬୦,୮୪୭ କୋଟି, ମେ ମାସରେ ୩୨୯୬୩ କୋଟି ଉଠାଇ ନେଇଛନ୍ତି। ଅନ୍ୟପକ୍ଷରେ ଫେବ୍ରୁଆରି ମାସରେ ଏଫ୍‌ପିଆଇମାନେ ଭାରତୀୟ ବଜାରରେ ୨୨୬୧୫ କୋଟି ଟଙ୍କା ନିବେଶ କରିଛନ୍ତି।

# ଇରାନ ମୋର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ମାନି ନେଇଛି : ଟ୍ରମ୍ପ



ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ସେ ଇରାନଠାରୁ ଏକ ଗ୍ୟାରେଣ୍ଟି ପାଇଛନ୍ତି ଯେ, ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ। ଟ୍ରମ୍ପ ଏହାକୁ ଇରାନ ସହିତ ଚୁକ୍ତିରେ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ହୋଇଛି ବୋଲି କହିଛନ୍ତି। ତଥାପି, ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ଇରାନ ଏବଂ ଆମେରିକା ମଧ୍ୟରେ ଏପର୍ଯ୍ୟନ୍ତ ଏକ ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା କଠୋର ସର୍ତ୍ତ ସହିତ ଇରାନକୁ ଏକ ନୂତନ ଶାନ୍ତି ପ୍ରସ୍ତାବ ପଠାଇଛି ।ଫକ୍ସ ନ୍ୟୁଜ୍ ସହିତ ଏକ ସାକ୍ଷାତକାରରେ ଡୋନାଲ୍ଡ ଟ୍ରମ୍ପ ଇରାନ-ଆମେରିକା ବିବାଦ ଏବଂ ଆଲୋଚନା ବିଷୟରେ ସୂଚନା ଦେଇଛନ୍ତି। ଇରାନ ସହିତ ଏକ ଚୁକ୍ତିର ପ୍ରଶ୍ନରେ ଟ୍ରମ୍ପ କହିଛନ୍ତି, ମୁଁ କେବଳ ଏକ ଗ୍ୟାରେଣ୍ଟି ଚାହୁଁଛି ଯେ, ଇରାନ ପାଖରେ କୌଣସି ପରମାଣୁ ଅସ୍ତ୍ର ରହିବ ନାହିଁ। ତେହେରାନ ଏହା ଉପରେ ଆମକୁ ଆଶ୍ୱାସନା ଦେଇଛି, ଅର୍ଥାତ୍, ଇରାନ ପରମାଣୁ ବୋମା ବିକଶିତ କରିବ ନାହିଁ। ଟ୍ରମ୍ପ କହିଛନ୍ତି ଯେ ଆମେରିକା ଏବଂ ଇରାନ ଏକ ପରମାଣୁ ଚୁକ୍ତିର ନିକଟତର। ପରମାଣୁ ଅସ୍ତ୍ର ବିକାଶ ନକରିବା ପାଇଁ ଇରାନ ମାନିନେବାକୁ ଏକ ସକାରାତ୍ମକ ବାର୍ତ୍ତା ବୋଲି କହିଛନ୍ତି। ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ଯଦି ଆଲୋଚନା ବିଫଳ ହୁଏ, ତେବେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

# ଲେବାନନ୍‌ର ୯୦୦ ବର୍ଷର ପୁରୁଣା ବୋଫର୍ଟ ଦୁର୍ଗକୁ କବ୍‌ଜା କଲା ଇସ୍ରାଏଲ୍ ସେନା

ବେରୁତ/ତେଲ୍ ଆଭିଭ୍: ଆମେରିକା ଓ ଇସ୍ରାଏଲ୍ ସହ ଇରାନର ଚାଲିଥିବା ମହାସମର ମଧ୍ୟରେ ଲେବାନନରୁ ଏକ ବଡ଼ ରଣନୈତିକ ଖବର ସାମ୍ନାକୁ ଆସିଛି। ଇସ୍ରାଏଲ୍ ସେନା ଦକ୍ଷିଣ ଲେବାନନରେ ଥିବା ପ୍ରାୟ ୯୦୦ ବର୍ଷର ପୁରୁଣା ଐତିହାସିକ 'ବୋଫର୍ଟ କାସଲ୍' ଓ ଏହାର ଚତୁର୍ପାର୍ଶ୍ୱରେ ଥିବା ସମଗ୍ର ସାମରିକ ପାହାଡ଼ିଆ ଅଞ୍ଚଳ ବା ବୋଫର୍ଟ ରିଜକୁ ନିଜ ନିୟନ୍ତ୍ରଣକୁ ନେଇଛି। ରବିବାର ଦିନ ଇସ୍ରାଏଲ୍ ସାମରିକ ପ୍ରଶାସନ ପକ୍ଷରୁ ଏହି ବଡ଼ ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରାୟ ଛଅ ସପ୍ତାହ ପୂର୍ବରୁ ଗତ ଏପ୍ରିଲ ମାସରେ ଇସ୍ରାଏଲ୍ ଓ ଇରାନ ସମର୍ଥିତ ହିଜବୁଲ୍ଲା ମଧ୍ୟରେ ଏକ ଯୁଦ୍ଧବିରତି ଘୋଷଣା ହୋଇଥିଲେ ହେଁ, ଏହାକୁ ଭଙ୍ଗ କରି ଶନିବାର ଦିନ ହିଜବୁଲ୍ଲା ପକ୍ଷରୁ ଉତ୍ତର ଇସ୍ରାଏଲ୍ ଉପରକୁ ପ୍ରବଳ ରକେଟ୍ ମାଡ଼ କରାଯାଇଥିଲା। ଏହି ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଇସ୍ରାଏଲକୁ ନିଜର ସୀମାନ୍ତ ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ସହ ଅନେକ କଟକଣା ଜାରି କରିବାକୁ ପଡ଼ିଥିଲା। ଏହାର ଜବାବରେ ଇସ୍ରାଏଲ୍ ସେନା ଶେଷରେ ଏହି ବଡ଼ ଧରଣର ସ୍ଥଳସେନା ଅଭିଯାନ ଚଳାଇ ହିଜବୁଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ଗଡ଼କୁ ଧ୍ୱଂସ କରିଦେଇଛି। ଇସ୍ରାଏଲ୍ ସେନା ମୁତାବକ, ଏହି ସାମରିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଫର୍ଟ ରିଜ୍ ଏବଂ ୱାଡି ଅଲ୍-ସାଲୁକି ଅଞ୍ଚଳ ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ବିସ୍ତାର କରିବା, ଯେଉଁଠାରେ ଇରାନର ପ୍ରତ୍ୟକ୍ଷ ନିର୍ଦ୍ଦେଶ ଓ ସହାୟତାରେ ହିଜବୁଲ୍ଲା ନିଜର ଶକ୍ତିଶାଳୀ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା। ଏହି ରଣନୈତିକ ପାହାଡ଼ିଆ ଅଞ୍ଚଳରୁ ହିଜବୁଲ୍ଲା ପକ୍ଷରୁ ପୂର୍ବରୁ ପ୍ରାୟ ଶତାଧିକ ରକେଟ୍ ଓ କ୍ଷେପଣାସ୍ତ୍ର ଇସ୍ରାଏଲ୍‌ର ଆବାସିକ ଅଞ୍ଚଳ ଏବଂ ସେନା ଉପରକୁ ନିକ୍ଷେପ କରାଯାଇଥିଲା। ବର୍ତ୍ତମାନ ଏହି ମଧ୍ୟଯୁଗୀୟ ଦୁର୍ଗ ଏବଂ ପାହାଡ଼କୁ କବଜା କରିବା ପରେ ଇସ୍ରାଏଲ୍ ସେନାକୁ ସମଗ୍ର ଦକ୍ଷିଣ ଲେବାନନ ଓ ଉତ୍ତର ଇସ୍ରାଏଲ୍ ଉପରେ ନଜର ରଖିବା ପାଇଁ ଏକ ସୁବିଧାଜନକ ସ୍ଥାନ ମିଳିଯାଇଛି। ଏହି ସଂଘର୍ଷରେ ଜଣେ ଇସ୍ରାଏଲୀ ଯବାନଙ୍କର ମୃତ୍ୟୁ ଘଟିଥିବା ସେନା ସ୍ୱୀକାର କରିଛି। ତେବେ ଏହି ଆକ୍ରମଣ ଓ ଦୁର୍ଗ ହରାଇବା ସମ୍ପର୍କରେ ଲେବାନନ ସରକାର କିମ୍ବା ହିଜବୁଲ୍ଲା ସଂଗଠନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

## ଦିଲ୍ଲୀର ଶାଲିମାର ବାଗ୍‌ରେ ଚାଲିଲା ବୁଲଡୋଜର

ନୂଆଦିଲ୍ଲୀ: ବେଆଇନ ନିର୍ମାଣ ନେଇ ଦିଲ୍ଲୀର ଶାଲିମାର ବାଗ୍ ଅଞ୍ଚଳର ଏକ ଅଂଶ ଶାଲିମାର ଗାଁରେ ପ୍ରଶାସନ ପକ୍ଷରୁ ବୁଲଡୋଜର ଚଲାଯାଇଛି। ୧୫୦ ବେଆଇନ ଘର ଭାଙ୍ଗିବା ପାଇଁ ବୁଲଡୋଜର ବ୍ୟବହାର କରାଯାଇଛି। ବାସିନ୍ଦାମାନଙ୍କୁ ସେମାନଙ୍କ ଘର ଖାଲି କରିବା ପାଇଁ ମେ’ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ସମୟସୀମା ପରେ, ଏହି ଘରଗୁଡ଼ିକୁ ଏବେ ଭାଙ୍ଗି ଦିଆଯାଇଛି। ମ୍ୟାକ୍ସ ହସ୍ପିଟାଲ ଏବଂ ମୁଖ୍ୟ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଏହି କାର୍ଯ୍ୟ କରାଯାଉଛି। ଏହି ପଦକ୍ଷେପ ଅନ୍ତର୍ଗତ ୩୦ ମିଟର ପର୍ଯ୍ୟନ୍ତ ବେଆଇନ ନିର୍ମାଣ ହଟାଯିବ। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସୁରକ୍ଷା ବାହିନୀ ମୁତୟନ କରାଯାଇଛି।କୌଣସି ଅସୁବିଧାକୁ ଏଡାଇବା ପାଇଁ, ଏଠାରେ ୬୦୦ ସିଆର୍ପିଏଫ୍ ଯବାନ, ୪୦୦ ଆର୍ପିଏଫ୍ ଯବାନ, ୨୦୦ ସିଆର୍ପିଏଫ୍ ମହିଳା କମାଣ୍ଡୋ), ଦିଲ୍ଲୀ ପୁଲିସର ୧,୦୦୦ ରୁ ଅଧିକ ଯବାନ, ୫୦ ରୁ ଅଧିକ ଇନ୍ସପେକ୍ଟର ଏବଂ ୧୫ ଏସିପି ନିୟୋଜିତ ହୋଇଛନ୍ତି।

# ଆମେରିକାରେ ବିମାନ ଅପହରଣ ଉଦ୍ୟମ !



ନୂଆଦିଲ୍ଲୀ: ଆମେରିକାରେ ଏକ ଯାତ୍ରୀ ବିମାନ ଭିତରେ ସେତେବେଳେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିଲା, ଯେତେବେଳେ ଜଣେ ବ୍ୟକ୍ତି କଥିତ ଭାବରେ କକପିଟ୍‌ରେ ପଶିବାକୁ ଚେଷ୍ଟା କରିଥିଲେ। ଏହି ଘଟଣା ୟୁନାଇଟେଡ୍ ଏୟାରଲାଇନ୍ସର ସେହି ବିମାନରେ ଘଟିଥିଲା, ଯାହା ଚିକାଗୋରୁ ମିନିୟାପୋଲିସ ଯାଉଥିଲା। ସୁରକ୍ଷା ଚିନ୍ତା କାରଣରୁ ବିମାନକୁ ମଝି ରାସ୍ତାରେ ୱିସ୍କନସିନ୍ ମ୍ୟାଡିସନ୍ ଏୟାରପୋର୍ଟରେ ଅବତରଣ କରାଯାଇଥିଲା। ରିପୋର୍ଟ ଅନୁସାରେ, ବୋଇଂ ୭୩୭ ବିମାନ ଶୁକ୍ରବାର ରାତିରେ ଚିକାଗୋର ଓ'ହେର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡାଣ ଆରମ୍ଭ କରିଥିଲା। ବିମାନରେ ୧୪୭ ଯାତ୍ରୀ ଓ ୬ କ୍ରୁ ସଦସ୍ୟ ଥିଲେ। ଉଡାଣ ବେଳେ ଜଣେ ଯାତ୍ରୀଙ୍କ ବ୍ୟବହାର କ୍ରୁ ମେମ୍ବର ଓ ଯାତ୍ରୀଙ୍କ ଚିନ୍ତା ବଢାଇ ଦେଇଥିଲା।

ଏୟାର ଟ୍ରାଫିକ୍ କନଟ୍ରୋଲର ଅଡିଓ ରେକର୍ଡିଂ ଅନୁସାରେ, ବିମାନର ପାଇଲଟ୍ କନଟ୍ରୋଲ ରୁମକୁ କହି ବିମାନର ପାଇଲଟ୍ କନଟ୍ରୋଲ ରୁମକୁ ସୂଚନା ଦେଇଥିଲେ ଯେ ବିମାନରେ ଥିବା ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ଜଣେ 'ଉପଦ୍ରବୀ ଯାତ୍ରୀ'ଙ୍କୁ ଅଟକ ରଖିଛନ୍ତି। ପରେ ବିମାନଟି ମ୍ୟାଡିସନ ସ୍ଥିତ ଡେନ୍ କାଉଣ୍ଟି ଆଞ୍ଚଳିକ ବିମାନବନ୍ଦରରେ ଅବତରଣ କରିଥିଲା, ଯେଉଁଠାରେ ସ୍ଥାନୀୟ ପୋଲିସ ଏବଂ ଫେଡେରାଲ୍ ଏଜେନ୍ସିଗୁଡ଼ିକର ଟିମ୍ ପୂର୍ବରୁ ଉପସ୍ଥିତ ଥିଲେ। ବିମାନ କର୍ମଚାରୀମାନେ ଜରୁରୀକାଳୀନ ଟ୍ରାନ୍ସପଣ୍ଡର୍ କୋଡ୍ '୭୫୦୦ ସକ୍ରିୟ କରିବା ପରେ ପରିସ୍ଥିତି ଅଧିକ ଗମ୍ଭୀର ହୋଇଗଲା। ଏହି କୋଡ୍ ସାଧାରଣତଃ ବିମାନ ଚଳାଚଳରେ ସମ୍ଭାବ୍ୟ ଅପହରଣ କିମ୍ବା ବିମାନରେ ବେଆଇନ ହସ୍ତକ୍ଷେପର ସଙ୍କେତ ଦେବା ପାଇଁ ବ୍ୟବହୃତ ହୁଏ। ଘଟଣା ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରୁ ପ୍ରକାଶିତ ଏକ ଅଡିଓ କ୍ଲିପରେ, ଜଣେ କ୍ରୁ ସଦସ୍ୟଙ୍କୁ କହୁଥିବା ଶୁଣାଯାଇଛି ଯେ ସନ୍ଦିଗ୍ଧ ଯାତ୍ରୀ ଜଣକ ଅନେକ ଥର କକପିଟ୍ ଭିତରକୁ ପହଞ୍ଚିବାକୁ ଚେଷ୍ଟା କରିଥିଲେ। କ୍ରୁ ସଦସ୍ୟ କହିଛନ୍ତି, ମୁଁ ଭାବୁନାହିଁ ଯେ ତାଙ୍କୁ ହାତକଡ଼ି ଲଗାଯାଇଥିଲା, କିନ୍ତୁ ଅନେକ ଚେଷ୍ଟା ପରେ ତାକୁ କାବୁ କରାଯାଇଥିଲା କରାଯାଇଥିଲା। ସେ ବାରମ୍ବାର କକପିଟ୍ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା।'

# ଆମେରିକାର ଏମ୍‌କ୍ୟୁ-୧ ଡ୍ରୋନ୍‌କୁ ଖସାଇଥିବା ଦାବି କଲା ଇରାନ



ତେହେରାନ: ଆଇଆର୍‌ଜିସି ଇରାନ ବାୟୁମଣ୍ଡଳରେ ଏକ ଆମେରିକୀୟ ଏମ୍‌କ୍ୟୁ-୧ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି। ଇରାନର ଅର୍ଦ୍ଧ-ସରକାରୀ ସମାଚାର ଏଜେନ୍ସି ତସନିମ ଅନୁଯାୟୀ, ଇରାନ ବାୟୁମଣ୍ଡଳରେ ପ୍ରବେଶ କରିବାର କିଛି ସମୟ ପରେ ନିରୀକ୍ଷଣ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଡ୍ରୋନ୍‌କୁ ଚିହ୍ନଟ କରାଯାଇ ଖସାଇ ଦିଆଯାଇଥିଲା। ଇରାନୀ ଅଧିକାରୀମାନେ ଦାବି କରିଛନ୍ତି ଯେ,ଡ୍ରୋନକୁ ସଫଳତାର ସହ ନଷ୍ଟ କରାଯାଇଛି। ଆଇଆର୍‌ଜିସି ଡ୍ରୋନ୍ ଆମେରିକୀୟ ସେନାର ବୋଲି ଚିହ୍ନଟ କରିଛି। ଡ୍ରୋନ୍ ଆକ୍ରମଣ କରିବା ଉଦ୍ଦେଶ୍ୟରେ ପ୍ରବେଶ କରୁଥିଲା। ତେବେ ଆମେରିକା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ପ୍ରଦାନ କରାଯାଇନାହିଁ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆମେରିକାର ଡ୍ରୋନ୍‌କୁ ଖସାଇଦେବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି। ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ନେଇ ଆଲୋଚନା ଚାଲିଥିବା ବେଳେ, ଇରାନ ଆମେରିକୀୟ ଡ୍ରୋନ୍‌କୁ ଖସାଇ ଦେଇଛି। ଏହା ବ୍ୟତୀତ, ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଆମେରିକାର ଦାବି ଏବେ ଭିତ୍ତିହୀନ ମନେ ହେଉଛି। ଇରାନ ସ୍ପଷ୍ଟ ଭାବରେ କହିଛି ଯେ ହର୍ମୁଜ୍ ପ୍ରଣାଳୀର ପରିଚାଳନା ସମ୍ପୂର୍ଣ୍ଣ ଭାବରେ ଇରାନର ଅଧିକାର କ୍ଷେତ୍ର ମଧ୍ୟରେ ରହିଛି।

# କେଦାରନାଥ ଯାତ୍ରା ସ୍ଥଗିତ



ଡେରାଡୁନ୍: ଗତ କିଛି ଦିନ ଧରି ଉତ୍ତରାଖଣ୍ଡର ପାଗ ପରିବର୍ତ୍ତନ ହୋଇଛି। ଏହାକୁ ଦୃଷ୍ଟିରେ ରଖି କେଦାରନାଥ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ତୀର୍ଥଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ, ସ୍ଥାନୀୟ ପ୍ରଶାସନ କେଦାରନାଥ ଯାତ୍ରାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଲୋକମାନେ ଫସି ରହିଛନ୍ତି, ଯାହା ଫଳରେ ଅନେକ ସ୍ଥାନରେ ଟ୍ରାଫିକ୍ ଜାମ୍ ହୋଇଛି। ପାଣିପାଗ ବିଭାଗ ଉତ୍ତରାଖଣ୍ଡରେ ବର୍ଷା ପାଇଁ ଏକ ଅରେଞ୍ଜ ଆଲର୍ଟ ଜାରି କରିଛି। ରୁଦ୍ରପ୍ରୟାଗର ସ୍ଥାନୀୟ ପ୍ରଶାସନ କେଦାରନାଥ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛନ୍ତି। ଏକ ପରାମର୍ଶ ଜାରି କରି ସ୍ଥାନୀୟ ପୁଲିସ ସୋସିଆଲ ମିଡିଆ ଏକ୍ସରେ ଲେଖିଛି, କେଦାରନାଥ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ରୁଦ୍ରପ୍ରୟାଗ ଜିଲ୍ଲାରେ ପ୍ରବଳ ବର୍ଷାର ଅରେଞ୍ଜ ଆଲର୍ଟ ଯୋଗୁଁ, ଭକ୍ତଙ୍କ ସୁରକ୍ଷା ପାଇଁ କେଦାରନାଥ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ହେଲ୍ପଲାଇନ୍ ମଧ୍ୟ ଜାରି କରିଛି। ଏହି ସମୟରେ, ଯୋଶୀମଠ ନିକଟରେ ବଦ୍ରିନାଥ ଜାତୀୟ ରାଜପଥ (ଏନ୍‌ଏଚ୍-୭)ରେ ଏକ ବଡ଼ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଛି, ଯାହା ଫଳରେ ଯାନବାହାନ ଚଳାଚଳ ପ୍ରାୟତଃ ଠପ୍ ହୋଇଯାଇଛି।

## ଦିଲ୍ଲୀରେ ଭୁଶୁଡ଼ିଲା ୫ ମହଲା କୋଠା

ନୂଆଦିଲ୍ଲୀ: ଦକ୍ଷିଣ ଦିଲ୍ଲୀର ମହରୌଲୀ ଥାନା ଅନ୍ତର୍ଗତ ସାକେତ ମେଟ୍ରୋ ଷ୍ଟେସନ ନିକଟସ୍ଥ ସୈଦୁଲାଜବ ଅଞ୍ଚଳରେ ଏକ ୫ ମହଲା ବିଶିଷ୍ଟ ଆବାସିକ କୋଠା ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଦିଲ୍ଲୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚଳାଇଛି। କୋଠାଟି ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବାରୁ ଘରେ ରହୁଥିବା ଲୋକମାନେ ଏହା ମଧ୍ୟରେ ଚାପି ହୋଇରହିଛନ୍ତି। କୋଠା ଭୁଶୁଡିବା ସମ୍ପର୍କରେ ସନ୍ଧ୍ୟା ୭ଟା ୪୪ରେ ଅଗ୍ନିଶମ ବାହିନୀକୁ ଖବର ମିଳିଥିଲା। ଭଗ୍ନାବଶେଷ ମଧ୍ୟରୁ ୪ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ଅନ୍ୟମାନଙ୍କୁ ଉଦ୍ଧାର ଲାଗି ଉଦ୍ୟମ ଚାଲିଛି।

# ଭଗବାନ୍‌ଙ୍କ ନିକଟରେ ସମସ୍ତେ ସମାନ: ମାଡ୍ରାସ ହାଇକୋର୍ଟ



ଚେନ୍ନାଇ : ହିନ୍ଦୁ ମନ୍ଦିରରେ ଟଙ୍କା ନେଇ ଭିଆଇପି ଦର୍ଶନ କରାଯିବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଲ ଓ ଭେଦଭାବପୂର୍ଣ୍ଣ। ମସ୍ଜିଦ କିମ୍ବା ଚର୍ଚ୍ଚରେ ଏଭଳି କୌଣସି ପ୍ରଥା ପ୍ରଚଳିତ ହୁଏ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଟିପ୍ପଣୀ କରିଛନ୍ତି । ତାମିଲନାଡୁର ସୁବ୍ରମଣିୟ ସ୍ୱାମୀ ମନ୍ଦିରରେ ଭିଆଇପି ଦର୍ଶନ ଓ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାକୁ ରଦ୍ଦ କରିବା ଲାଗି ଆଗତ ଏକ ପିଟିସନ ଉପରେ ଶୁଣାଣି କରିବା ଅବସରରେ ବିଚାରପତି ଜି.ଆର ସ୍ୱାମୀନାଥନ ଓ ବିଚାରପତି ଭି. ଲକ୍ଷ୍ମୀନାରାୟଣନଙ୍କୁ ନେଇ ଗଠିତ ଖଣ୍ଡପୀଠ ମୌଖିକ ଭାବେ ଏଭଳି ମନ୍ତବ୍ୟ ଦେଇଛନ୍ତି । ହାଇକୋର୍ଟ କହିଛନ୍ତି ଯେ ଭଗବାନଙ୍କ ପାଖରେ ସମସ୍ତେ ସମାନ । ମନ୍ତ୍ରୀ ଓ ଅନ୍ୟ ଭିଆଇପିଙ୍କ ଦର୍ଶନ ଯୋଗୁ ସାଧାରଣ ଲୋକମାନେ ହଇରାଣ ହେବା ଉଚିତ ନୁହେଁ। ମନ୍ତ୍ରୀ ଓ ବିଧାୟକମାନେ ଏକଥା ଭାବିବା ଉଚିତ ନୁହେଁ ଯେ ସେମାନେ ଯେତେବେଳେ ଚାହିଁବେ ମନ୍ଦିରକୁ ଯାଇ ଦର୍ଶନ କରିବେ ଏବଂ ଭଗବାନ ସେମାନଙ୍କ ପାଇଁ ଅପେକ୍ଷା କରିଥିବେ । ଭିଆଇପି ଦର୍ଶନର ଆବଶ୍ୟକତା କଣ ? ଭଗବାନଙ୍କ ନିକଟରେ ସମସ୍ତେ ସମାନ । ଅତିରିକ୍ତ ଆଡଭୋକେଟ ଜେନେରାଲ ଜଣାଇଥିଲେ ଯେ ଧାଡିରେ ଭିଡ କମାଇବା ସହ ମନ୍ଦିର ନିମନ୍ତେ କିଛି ଅର୍ଥ ଉପାର୍ଜନ ଲାଗି ଭିଆଇପି ଓ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି । କିଛିଦିନ ତଳେ ମନ୍ତ୍ରୀ ସିଟିଆର ନିର୍ମଳ କୁମାର ସୁବ୍ରମଣିୟ ସ୍ୱାମୀ ମନ୍ଦିରକୁ ଦର୍ଶନ ପାଇଁ ଯିବା ବେଳେ ସାଧାରଣ ଲୋକଙ୍କୁ ଅଟକାଇ ଦିଆଯାଇଥିଲା। ଯାହାକୁ ବିରୋଧ କରି ଏହି ପିଟିସନ ଫାଇଲ କରାଯାଇଛି । ଭିଏଚ୍ପି ଉତ୍ତର ତାମିଲନାଡୁ ସଭାପତି ପି. ଚୋକାଲିଙ୍ଗମ ଏହି ପିଟିସନ ଦାଖଲ କରିଛନ୍ତି । ସେଥିରେ ସେ ଦର୍ଶାଇଛନ୍ତି ଯେ ଜାତି, ସାମାଜିକ ପ୍ରତିଷ୍ଠା ଓ ଧନ ଆଧାରରେ ଭେଦଭାବକୁ ସନାତନ ଧର୍ମ ଅନୁମତି ଦିଏନାହିଁ । ମନ୍ଦିରକୁ ଦର୍ଶନ ନିମନ୍ତେ ଆସୁଥିବା ସବୁ ଶ୍ରଦ୍ଧାଳୁଙ୍କୁ ସମାନ ଭାବେ ବ୍ୟବହାର କରାଯିବା ଉଚିତ ।

# ଟିଏମ୍‌ସି ନେତା କଲ୍ୟାଣ ବାନାର୍ଜୀଙ୍କୁ ଆକ୍ରମଣ



କୋଲକାତା : ପଶ୍ଚିମବଙ୍ଗରେ ଆତଙ୍କ। ୨ ଦିନରେ ୨ ଟିଏମସି ନେତାଙ୍କ ଉପରକୁ ଆକ୍ରମଣ। ଟିଏମସି ସାଂସଦ ତଥା ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ପରେ ଟିଏମସ ନେତା ତଥା ମୁଖ୍ୟ ସଚେତକ କଲ୍ୟାଣ ବାନାର୍ଜୀଙ୍କ ଉପରକୁ ମରଣାନ୍ତକ ଆକ୍ରମଣ ହୋଇଛି । ତାଙ୍କ ମୁଣ୍ଡ ଫାଟିଯାଇଛି। ପଶ୍ଚିବଙ୍ଗରେ ନିର୍ବାଚନୀ ପରବର୍ତ୍ତୀ ହିଂସା ଥମିବାପେ ନାମ ନେଉନାହିଁ। ହୁଗୁଳି ଜିଲ୍ଲା ଚଣ୍ଡିତଲା ପୁଲିସ ଷ୍ଟେସନ ବାହାରେ ଘଟିଥିବା ହିଂସାତ୍ମକ ସଂଘର୍ଷରେ ଟିଏମ୍ସି କଲ୍ୟାଣ ବାନାର୍ଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣା ସମୟରେ ଟିଏମସି ସମର୍ଥକ ମାନେ ଗିରଫ ଦଳୀୟ ନେତା ଏବଂ କର୍ମୀଙ୍କୁ ଛାଡିବାକୁ ଦାବି କରି ଏକ ସ୍ମାରକପତ୍ର ଦାଖଲ କରିବାରୁ ପୁଲିସ ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ ବିଜେପି କର୍ମୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଯେତେବେଳେ ଟିଏମସି ସମର୍ଥକମାନେ ପୁଲିସ ଷ୍ଟେସନ ବାହାରେ ପ୍ରତିବାଦ କରୁଥିଲେ, ସେଠାରେ ଉପସ୍ଥିତ ବିଜେପି କର୍ମୀମାନେ ସ୍ଲୋଗାନ ଦେଇ ପ୍ରତିବାଦକାରୀଙ୍କୁ 'ଚୋର' ବୋଲି କହିବା ଆରମ୍ଭ କରିଥିଲେ। କଲ୍ୟାଣ ବାନାର୍ଜୀଙ୍କ ଉପରକୁ ଆକ୍ରମଣ ନେଇ ବିଜେପି କହିଛି କେହି ଆହତ ହୋଇନାହାନ୍ତି ସବୁ ନାଟକ କରୁଛନ୍ତି।

ରିପୋର୍ଟ ଅନୁସାରେ, ଅଭିଷେକ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଏବଂ ଗିରଫ ହୋଇଥିବା ଟିଏମସି ନେତା ଏବଂ କର୍ମୀଙ୍କୁ ମୁକ୍ତ କରିବା ଦାବିରେ ଏକ ସ୍ମାରତ ପତ୍ର ପ୍ରଦାନ କରିବାକୁ ଚଣ୍ଡିତଲା ପୁଲିସ୍ ଷ୍ଟେସନ୍ ଯାଇଥିଲେ। ସେଠାରେ ଟିଏମସି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ବିଜେପି କର୍ମୀମାନେ ତୃଣମୂଳ ସମର୍ଥକଙ୍କ ବିରୋଧରେ 'ଚୋର, ଚୋର' ବୋଲି ଚିତ୍କାର କରିଥିଲେ। ଯାହା ପରିସ୍ଥିତିକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଥିଲା। କୌଣସି ଅପ୍ରୀତିକର ଘଟଣା ଏଡାଇବା ପାଇଁ ଘଟଣାସ୍ଥଳରେ ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ କରାଯାଇଥିଲା । ପଥମ ମାଡ଼ରେ ଟିଏମସି ସାଂସଦ କଲ୍ୟାଣ୍ଡ ବାନାର୍ଜୀଙ୍କ ମୁଣ୍ଡରେ ଆଘାତ ଲାଗିଛି।



# ସବୁ ଫର୍ମାଟରେ ଜଣେ ଭଲ ବ୍ୟାଟର୍ ହେବାକୁ ଚାହୁଁଛି: ଗିଲ୍




ଅହମ୍ମଦାବାଦ: ଗୁଜରାଟ ଟାଇଟନ୍ସର ଅଧିନାୟକ ଶୁଭମନ ଗିଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ନିଜର ବ୍ୟାଟିଂରେ ଚମତ୍କାର କରିଛନ୍ତି ଏବଂ ନିଜ ଦଳକୁ ଫାଇନାଲରେ ପହଞ୍ଚାଇବାରେ ବଡ଼ ଭୂମିକା ତୁଲାଇଛନ୍ତି। ଶୁଭମନ ୧୫ଟି ଇନିଂସରେ ୪୮.୧୩ ହାରରେ ୭୨୨ ରନ୍ କରିଛନ୍ତି। ଏଥି ସହିତ ଶୁଭମନ ପ୍ରମାଣିତ କରିଦେଇଛନ୍ତି ଯେ, ସେ କେବଳ ଭବିଷ୍ୟତ ନୁହେଁ; ବରଂ ଭାରତୀୟ କ୍ରିକେଟ୍ ଟିମ୍‌ର ବର୍ତ୍ତମାନ ମଧ୍ୟ। କିନ୍ତୁ ଏତେ ଭଲ ପ୍ରଦର୍ଶନ କରିବା ପରେ ମଧ୍ୟ ଗୋଟିଏ ପ୍ରଶ୍ନ ଏବେବି ମନରେ ଉଙ୍କି ମାରେ ଯେ, କ'ଣ ଶୁଭମନଙ୍କ ଭାରତୀୟ ଟି୨୦କୁ ଫେରିପାରିବେ ?

ଆଇପିଏଲ୍ ୨୦୨୬ର ଫାଇନାଲ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଯେତେବେଳେ ତାଙ୍କୁ ଏବାବଦରେ ପଚରାଗଲା, ଶୁଭମନ ଗିଲ ବିନା ସଂକୋଚରେ ଜବାବ ଦେଇଥିଲେ। ତାଙ୍କ ମତରେ ଟି୨୦ କ୍ରିକେଟରେ ତାଙ୍କର ବିଗତ ଦିନ ଭଲ ନଥିଲା। କିନ୍ତୁ ଏବେ ସେ କ୍ରମାଗତ ଭାବେ ନିଜକୁ ମଜବୁତ କରିବାକୁ ଉଦ୍ୟମ କରୁଛନ୍ତି। ସେ କହିଛନ୍ତି, ଯଦି ମୋତେ ଟି୨୦ ଟିମ୍ ପାଇଁ ଚୟନ କରାଯିବ, ଖୁସି ଲାଗିବ। ମୁଁ ନିଜର ଖେଳ ଉପରେ ସବୁବେଳେ କାମକରିବାକୁ ଚାହିଁବି। ମୁଁ ସବୁ ଫର୍ମାଟରେ ଭଲ ବ୍ୟାଟିଂ କରିବାକୁ ଚାହୁଁଛି। ସେଥି ପାଇଁ ଜଣେ ଭଲ ବ୍ୟାଟର ହେବାକୁ ମଧ୍ୟ ଚାହୁଁଛି। ଏହା ଟି୨୦ ହେଉ ଅଥବା ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ହେଉ। ଗଣମାଧ୍ୟମକୁ ଶୁଭମନ ଗିଲ କହିଛନ୍ତି, ପରିଶ୍ରମ କରିବାର ଅଛି। ଚୟନ ହେବା ମୋର ହାତରେ ନାହିଁ।

ଶୁଭମନ ଗିଲ ଶେଷ ଥର ପାଇଁ ୨୦୨୫ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ?ର ଅଂଶବିଶେଷ ହୋଇଥିଲେ। ସେହି ସମୟରେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ତାଙ୍କୁ ଦ୍ୱିତୀୟ ଥର ସୁଯୋଗ ଦେଇ ସ୍ପଷ୍ଟ ସଂକେତ ଦେଇଥିଲା ଯେ, ତାଙ୍କୁ ୩ଟି ଫର୍ମାଟରେ ସ୍ଥାୟୀ ଖେଳାଳି କରିବାକୁ ଚାହୁଁଛି। କିନ୍ତୁ ଏହି ନିଷ୍ପତ୍ତି ଦଳର ତାଳମେଳରେ ଭାରି ପଡ଼ିବାର ଦେଖାଯାଇଥିଲା। ସେ ସମୟରେ ସଂଜୁ ସାମସନ ଏବଂ ଅଭିଷେକ ଶର୍ମାଙ୍କ ପ୍ରାରମ୍ଭିକ ବ୍ୟାଟିଂ ଯୋଡ଼ି ଦମଦାର ଥିଲା। ଉଭୟ କ୍ରମାଗତ ଭଲ ଆରମ୍ଭ କରୁଥିଲେ। କିନ୍ତୁ ଶୁଭମନଙ୍କ ପ୍ରବେଶ ଯୋଗୁଁ ସାମସନଙ୍କୁ ବାହାର ହେବାକୁ ପଡ଼ିଥିଲା। ଅନ୍ୟପଟରେ ସୁଯୋଗ ମିଳିବା ସତ୍ତ୍ୱେ ଶୁଭମନ ଗିଲ ଏଥିରୁ ସୁଯୋଗର ଠିକ୍ ବ୍ୟବହାର କରିପାରି ନଥିଲେ। ଗତବର୍ଷ ସେ ୧୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ କେବଳ ୨୯୧ ରନ୍ କରିଥିଲେ। ତାଙ୍କର ହାରାହାରି ୨୪.୨୫ ଥିଲା ଏବଂ ସବୁଠାରୁ ବଡ଼ କଥା ହେଲା, ସେ ଗୋଟିଏ ମଧ୍ୟ ଅର୍ଦ୍ଧଶତକ ହାସଲ କରିପାରି ନଥିଲେ। ଏହି କାରଣରୁ ତାଙ୍କୁ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ୨୦୨୬ ପାଇଁ ଭାରତୀୟ ଟିମ୍‌ରେ ସ୍ଥାନ ମିଳିପାରି ନଥିଲା।

## ଫିଫା ବିଶ୍ୱକପ -୨୦୨୬ ଆଉ ୧୦ ଦିନ

# ୨୪ ବର୍ଷ ହେଲାଣି ଟ୍ରଫି ଜିତିନି ବ୍ରାଜିଲ

ନୂଆଦିଲ୍ଲୀ : ଫୁଟବଲର ସର୍ବୋଚ୍ଚ ପ୍ରତିଯୋଗିତା ଫିଫା ଫୁଟବଲ ବିଶ୍ୱକପ-୨୦୨୬ ଆମେରିକା ,ମେକ୍ସିକୋ ଓ କାନାଡାରେ ଆସନ୍ତା ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଖେଳାଯିବ। ପ୍ରଥମ ଥର ପାଇଁ ବିଶ୍ୱକପରେ ୪୮ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଫିଫା ଫୁଟବଲ ବିଶ୍ୱକପର ଇତିହାସକୁ ଦେଖିଲେ ୧୯୩୦ରୁ ଆରମ୍ଭ ହୋଇଥିବା ହି ଫୁଟବଲ ମହାକୁମ୍ଭର ୯୬ ବର୍ଷ ମଧ୍ୟରେ ୨୨ଟି ସଂସ୍କରଣ ଶେଷ ହୋଇଛି। ସେଥିମଧ୍ୟରୁ ବ୍ରାଜିଲ ସର୍ବାଧିକ ୫ଥର ୧୯୫୮, ୧୯୬୨, ୧୯୭୦, ୧୯୯୪ ଓ ୨୦୦୨ରେ ଚମ୍ପିଆନ ହୋଇଛି। ବିଶ୍ୱ ଫୁଟବଲର ପାୱାର ହାଉସ ଭାବେ ପରିଚିତ ବ୍ରାଜିଲ ୨୪ ବର୍ଷ ହେବ ବିଶ୍ୱକପ ଟ୍ରଫି ହାତେଇ ନାହିଁ। ଦଳ ୨୦୦୨ରେ ଶେଷ ଥର ପାଇଁ ଚମ୍ପିଆନ ହୋଇଥିଲା। ବ୍ରାଜିଲ ୨୦୨୬ରେ ୨୪ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇବା ଲକ୍ଷ୍ୟ ରଖିଛି। ଦଳର ତାରକା ଫରୱାର୍ଡ ନେମାରଙ୍କ ପାଇଁ ସମ୍ଭବତଃ ଏହା ଶେଷ ବିଶ୍ୱକପ ହେବ। ନେମାର ବିଶ୍ୱକପ ଟ୍ରଫି ପୂରଣ କରିବା ନେଇ ଆଶା ରଖିଛନ୍ତି। ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ଇଟାଲି ୧୯୩୪, ୧୯୩୮, ୧୯୮୨ ଓ ୨୦୦୬ରେ ୪ଥର, ଜର୍ମାନୀ ୧୯୫୪, ୧୯୭୪, ୧୯୯୦ ଓ ୨୦୧୪ରେ ୪ଥର, ଆର୍ଜେଣ୍ଟିନା ୧୯୭୮, ୧୯୮୬ ଓ ୨୦୨୨ରେ ୩ଥର, ଉରୁଗୁଏ ୧୯୩୦ ଓ ୧୯୫୦ରେ ଦୁଇଥର, ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ଦୁଇଥର, ସ୍ପେନ




୨୦୧୦, ଇଂଲଣ୍ଡ ୧୯୬୬ରେ ଚମ୍ପିଆନ ହୋଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି ୨୨ଟି ସଂସ୍କରଣରେ ମୋଟ୍ ୮ଟି ଦେଶ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ୪ଥର ଚମ୍ପିଆନ ଇଟାଲିକୁ କ୍ରମାଗତ ୩ୟ ଥର ପାଇଁ ବିଶ୍ୱକପ ମଇଦାନରେ ଦେଖିବାକୁ ମିଳିବନି।

# ସିନ୍ଧୁ ପରାସ୍ତ, ସେମିରେ ସାତ୍ତ୍ୱିକ-ଚିରାଗ




ସିଙ୍ଗାପୁର : ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ସୁପର-୭୫୦ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ବର୍ଗ କ୍ୱାର୍ଟର ଫାଇନାଲରୁ ଭାରତର ତାରକା ଖେଳାଳି ପି.ଭି ସିନ୍ଧୁ ବିଦାୟ ନେଇଥିବାବେଳେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡି-ଚିରାଗ ସେଟ୍ଟି ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ମହିଳା ଏକକ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ୧୨ତମ ସ୍ଥାନରେ ଥିବା ସିନ୍ଧୁ ଦକ୍ଷିଣ କୋରିଆର ଆନ ସି ୟଙ୍ଗଙ୍କ ନିକଟରୁ ୧୭-୨୧ ଓ ୧୪-୨୧ରେ ପରାଜିତ ହୋଇଥିଲେ।

ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ଚତୁର୍ଥ ମାନ୍ୟତାପ୍ରାପ୍ତ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡି-ଚିରାଗ ସେଟ୍ଟି ଯୋଡ଼ି ମାଲେସିଆର ଖାଇ ଜିଙ୍ଗ କାଙ୍ଗ-ଆରୋନ ଚାଇ ଯୋଡ଼ିଙ୍କୁ ୧୯-୨୧, ୨୧-୧୭ ଓ ୨୧-୧୩ରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ସାତ୍ତ୍ୱିକ-ଚିରାଗ ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ଦ୍ୱିତୀୟ ଓ ତୃତୀୟ ଗେମ୍‌କୁ ଜିତି ମ୍ୟାଚ ବିଜୟୀ ହୋଇଥିଲେ। ସେମିଫାଇନାଲରେ ସାତ୍ତ୍ୱିକ-ଚିରାଗ ଦକ୍ଷିଣ କୋରିଆର କିମ୍ ଓନ ହୁ-ସୁଆଙ୍ଗ ଜି ସି ଯୋଡ଼ିଙ୍କୁ ଭେଟିବେ। ମିଶ୍ରିତ ଯୁଗଳ କ୍ୱାର୍ଟର ଫାଇନାଲରେ ଧ୍ରୁବ କପିଳା -ତନିଷା କାଷ୍ଟ୍ରୋ ଯୋଡ଼ି ମାଲେସିଆର ଚେନ୍ ଟାଙ୍ଗ ଜି-ଇ ୱି ଥୋ ଯୋଡ଼ିଙ୍କ ନିକଟରୁ ୱାକଓଭରରେ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛନ୍ତି। ତନିଷା-କପିଳା ପ୍ରଥମ ଗେମ୍‌ରେ ୧୬-୧୮ରେ ପଛୁଆ ରହିଥିଲେ। ମାଲେସିଆର ଚେନ ଟାଙ୍ଗ ଆହତ ହେବାରୁ ମ୍ୟାଚରୁ ଓହରି ଯାଇଥିଲେ। ଫଳରେ ଭାରତୀୟ ଯୋଡ଼ି ବିଜୟୀ ଘୋଷିତ ହୋଇଥିଲେ। ସେମିଫାଇନାଲରେ ଧ୍ରୁବ କପିଳା-ତନିଷା କାଷ୍ଟ୍ରୋ ଯୋଡ଼ି ଜାପାନର ୱାଇ ସିମୋଗାମି-ଏସ୍ ହୋବାରାଙ୍କୁ ଭେଟିବେ। ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ଲକ୍ଷ୍ୟ ସେନ୍ ଜାପାନର କୋକି ୱାଟାନାବେଙ୍କ ନିକଟରୁ ୧୯-୨୧, ୨୧-୧୫ ଓ ୧୫-୨୧ରେ ପରାଜିତ ହୋଇ ବିଦାୟ ନେଇଛନ୍ତି।

# ମାଲେସିଆକୁ ୨-୧ରେ ହରାଇଲା ଭାରତ



କାକାମିଘାରା: ଜାପାନର କାକାମିଘାରାଠାରେ ଆୟୋଜିତ ୧୮ ବର୍ଷରୁ କମ୍ ଏସିଆ କପ୍‌ରେ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି ଭାରତ। ଉଭୟ ବାଳକ ଓ ବାଳିକା ଦଳ ନିଜ ନିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଶନିବାର ପୁଲ୍ 'ଏ' ମ୍ୟାଚ୍ ?ରେ ଭାରତ ୨-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ନୌସିନ୍ ନାଜ୍ ଦୁଇଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିବା ପରେ ୧୯ ତମ ମିନିଟ୍‌ରେ ନୌସିନ୍ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରିବାକୁ ସଫଳ ହୋଇଥିଲେ। ଏହା ସହିତ ଭାରତ ୧-୦ରେ ଅଗ୍ରଣୀ ହୋଇଥିଲା। ୨୮ ତମ ମିନିଟ୍‌ରେ ପୁଣିଥରେ ନୌସିନ୍ ଆଉ ଏକ ଗୋଲ୍ ଦେଇ ସ୍କୋରକୁ ୨-୦କୁ ନେଇଯାଇଥିଲେ। ତେବେ ୪୧ତମ ମିନିଟ୍‌ରେ ମାଲେସିଆର ନୂର ଆଜ୍‌ଲି ଭାରତର ପ୍ରତିରକ୍ଷାକୁ ଭେଦ କରିବାକୁ ସଫଳ ହେବା ସହ ଏକ ଗୋଲ୍ ଦେଇଥିଲେ। ଏହା ସହିତ ସେ ବ୍ୟବଧାନକୁ ୨-୧କୁ କମାଇବାରେ ସଫଳ ହୋଇଥିଲେ। ଚତୁର୍ଥ କ୍ୱାର୍ଟରରେ ମାଲେସିଆର ଘନ ଘନ ଆକ୍ରମଣକୁ ଭାରତୀୟ ପ୍ରତିରକ୍ଷା ବିଫଳ କରିବା ସହ ମ୍ୟାଚ୍‌କୁ ଜିତିବାରେ ସଫଳ ହୋଇଥିଲା। ଦୁଇଟି ଗୋଲ୍ ପାଇଁ ନୌସିନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

କୁଶୱାହା ତିନୋଟି ଗୋଲ୍ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ : ଶୁକ୍ରବାର ଭାରତୀୟ ବାଳକ ଦଳ ନିଜର ପ୍ରଥମ ମ୍ୟାଚ୍‌ରେ କାଜାଖସ୍ଥାନକୁ ଶୋଚନୀୟଭାବେ ୧୩-୦ରେ ପରାସ୍ତ କରି ନିଜର ଅଭିଯାନ ଆରମ୍ଭ କରିଥିଲା। ଭାରତ ପକ୍ଷରୁ ଅଧିନାୟକ କେତନ କୁଶୱାହା ତିନୋଟି ଗୋଲ୍ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ସେହିପରି ପ୍ରହଲ୍ଲାଦ ରାଜଭର, ଆଶୀଷ ତାନି ପୂର୍ତ୍ତି, ଅଂଶ ବହୁତ୍ରା, ଶାହରୁଖ ଅଲି ଦୁଇଟି ଲେଖାଏଁ ଏବଂ ଗାଜି ଖାଁ, ଆକାଶଦୀପ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଆର୍ଜେଣ୍ଟିନା ଦଳ ଘୋଷିତ; ମେସି ଅଧିନାୟକ



ନୂଆଦିଲ୍ଲୀ: ଫିଫା ଫୁଟବଲ ବିଶ୍ୱକପ-୨୦୨୬ ଲାଗି ଶୁକ୍ରବାର ଆର୍ଜେଣ୍ଟିନାର ୨୬ ଜଣିଆ ଚୂଡ଼ାନ୍ତ ଦଳ ଘୋଷଣା କରାଯାଇଛି। ଦଳରେ ତାରକା ଫରୱାର୍ଡ ଲିଓନେଲ ମେସି ଅଧିନାୟକ ନିଯୁକ୍ତ ହୋଇଛନ୍ତି। ୩୮ ବର୍ଷୀୟ ମେସିଙ୍କ ନେତୃତ୍ୱରେ ଦଳ ୨୦୨୨ କାତାର ଫିଫା ଫୁଟବଲ ବିଶ୍ୱକପରେ ଆର୍ଜେଣ୍ଟିନା ଚମ୍ପିଆନ ହୋଇଥିଲା। ଏହାଛଡ଼ା ଦଳରେ ଅଭିଜ୍ଞ ଗୋଲରକ୍ଷକ ଇମିଲିଆନୋ ମାର୍ଟିନେଜ, ଡିଫେଣ୍ଡର ଗୋଞ୍ଜାଲୋ ମଣ୍ଟେଇ, କ୍ରିଷ୍ଟିଆନ ରୋମାରିଓ, ମିଡ୍‌ଫିଲଡର ରୋଡିଗ୍ରୋ ଡି ପୌଲ, ଇଞ୍ଜୋ ଫର୍ଣ୍ଣାଣ୍ଡିଜ୍, ଫରୱାର୍ଡ ଜୁଲିଆନ ଆଲଭାରେଜ, ନିକୋଲାସ ଗୋଞ୍ଜାଲେଜ, ଲୌଟାରୋ ମାର୍ଟିନେଜ୍ ପ୍ରମୁଖ ସ୍ଥାନ ପାଇଛନ୍ତି। ଦଳ ଗ୍ରୁପ- ଜେ ରେ ଆଲଗେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ ସହ ସ୍ଥାନ ପାଇଛି। ଦଳ ଜୁନ୍ ୧୬ରେ ଆଲଗେରିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ସୂଚନାଯୋଗ୍ୟ, ଆର୍ଜେଣ୍ଟିନା ଫିଫା ଫୁଟ୍‌ବଲ ବିଶ୍ୱକପ ୧୯୭୮, ୧୯୮୬ ଓ ୨୦୨୨ରେ ୩ଥର ଚାମ୍ପିଆନ ହୋଇଛି।

## ସପ୍ତାହର ଶେଷରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୩୧ ମଇରୁ ୬ଜୁନ୍ ୨୦୨୬

ସିଜେପି ଅସରପା ପାର୍ଟି




**ଜାତୀୟ:** ରୋମରେ ପିଏମ୍ ମୋଦୀ
**ଅନ୍ତର୍ଜାତୀୟ:** ପାସ୍‌ପୋର୍ଟରୁ ନିଜ ପ୍ରତିଷ୍ଠାତାଙ୍କ ସମାଧି ଚିତ୍ର ହଟାଇବ ବାଂଲାଦେଶ
**ବିଶେଷ ପ୍ରସଙ୍ଗ:** ସର୍ବନିମ୍ନ ମଜୁରୀ ବୃଦ୍ଧିର ବାସ୍ତବତା
**କ୍ଷୁଦ୍ରଗଳ୍ପ :** ଦୋଷ କାହାର
**ନାରୀ :** ବଦଳୁଛି ମହିଳାଙ୍କ ଖର୍ଚ୍ଚ କରିବା ସଉକ
**ଚଳଚ୍ଚିତ୍ର :** ମୁହଁ ଖୋଲିଲେ ଅଭିନେତ୍ରୀ ପାୟଲ
ଚଳଚ୍ଚିତ୍ର: ସ୍କ୍ରିପ୍ଟ ନପଢ଼ି ବଲିଉଡ଼ରେ ରାଜ୍ କରୁଛନ୍ତି ସଲମାନ
**ଖେଳ:** କାହିଁକି ନିଜ ବୋଲିଂ ଚମକ ହରାଇଛନ୍ତି ଯଶପ୍ରୀତ ବୁମ୍ରା ?
**ମୀନାବଜାର :** କାଉ ଓ ପିମ୍ପୁଡ଼ି, **ଚର୍ଚ୍ଚାରେ:** ଏଭରେଷ୍ଟର ରାଣୀ ଲାକ୍ପା ଶେର୍ପା, **ବିଜ୍ଞାନ:** କେତେ ଗରମରେ ପୋଡ, **ଜାଣନ୍ତି କି ? :** ଟ୍ରେନ୍ ଚାଳକଙ୍କୁ କାହିଁକି କୁହାଯାଏ ଲୋକୋ-ପାଇଲଟ୍ ?, **ସ୍ୱାସ୍ଥ୍ୟ:** ଡାକ୍ତରଙ୍କୁ ନ ପଚାରି ନାକ କିମ୍ବା କାନରେ ଔଷଧ ପକାଇବା ଅନୁଚିତ, ଧର୍ମ: ସ୍ଫଟିକ ଶିବଲିଙ୍ଗ କାହିଁକି ଏତେ ବିଶେଷ ?, କବିତା: ସ୍ମୃତିଘର ପରି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**

# ଜୋନ୍ ସ୍ତରୀୟ କ୍ରିକେଟ୍: ଗଣେଶ୍ୱରପୁରକୁ ହରାଇ ରାହାଙ୍ଗୋରଡା ବିଜୟୀ



ଗୋପ (ପିପିଏସ): ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଚାଲିଛି 'ଉତ୍କର୍ଷ ନିମାପଡା' କାର୍ଯ୍ୟକ୍ରମ। ଏହି ଅବସରରେ ଗୋପ ବ୍ଲକ ପକ୍ଷରୁ ଗଣେଶ୍ୱରପୁର ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ହୋଇଯାଇଛି ୧୩ ନମ୍ବର ଜୋନ୍ ସ୍ତରୀୟ କ୍ରିକେଟ ପ୍ରତିଯୋଗିତା। ଏହି ରୋମାଞ୍ଚକର ମ୍ୟାଚ୍‌ରେ ଗଣେଶ୍ୱରପୁର ପଞ୍ଚାୟତକୁ ମାତ୍ର ୩ ରନ୍‌ରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛି ରାହାଙ୍ଗୋରଡା ପଞ୍ଚାୟତ। ଏହି ଭବ୍ୟ ପ୍ରତିଯୋଗିତାକୁ ୧୩ ନମ୍ବର ଜୋନ୍ ଜିଲ୍ଲାପରିଷଦ ପ୍ରମୋଦ କୁମାର ରାୟ ଏବଂ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନ ରଞ୍ଜନବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ, ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ୧୦ ଓଭର ବିଶିଷ୍ଟ ଏହି ସୀମିତ ଓଭର ମ୍ୟାଚ୍‌ରେ ରାହାଙ୍ଗୋରଡା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ଦଳ ୭ଟି ଉଇକେଟ୍ ହରାଇ ୫୧ ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ୫୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଗଣେଶ୍ୱରପୁର କ୍ରିକେଟ ଟିମ୍‌କୁ ଶେଷ ଓଭର ପର୍ଯ୍ୟନ୍ତ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ମାତ୍ର ରାହାଙ୍ଗୋରଡାର ଚମତ୍କାର ବୋଲିଂ ଆଗରେ ଗଣେଶ୍ୱରପୁର ଦଳ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୮ ରନ୍ ହିଁ କରିପାରିଥିଲା। ଫଳରେ ରାହାଙ୍ଗୋରଡା ଟିମ୍ ୩ ରନ୍‌ରେ ଏହି ରୋମାଞ୍ଚକର ମ୍ୟାଚ୍‌କୁ ନିଜ ନାମରେ କରିନେଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଗୋପ ବିଡିଓ ସୂର୍ଯ୍ୟ ଶଙ୍କର ଦାସ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ଆସିଷ୍ଟାଣ୍ଟ ଇଂଜିନିୟର ଅଶୋକ କୁମାର ପୃଷ୍ଟି, ଡଭାର ସରପଞ୍ଚ ଜଗବନ୍ଧୁ ବରାଳ, ରାହାଙ୍ଗୋରଡା ସରପଞ୍ଚ ପ୍ରମୋଦ ପାଇକରାୟ ଏବଂ ଗଣେଶ୍ୱରପୁର ଶକ୍ତି କେନ୍ଦ୍ର ପ୍ରମୁଖ ରାଜ କିଶୋର ନାଥଶର୍ମା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମଗ୍ର ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ସାହୁ ସଫଳତାର ସହ ପରିଚାଳନା କରିଥିଲେ।

# ଫୁଟ୍‌ବଲ୍ ବିଶ୍ୱକପ୍‌ରେ ବାପ-ପୁଅ ଯୋଡ଼ି

ନୂଆଦିଲ୍ଲୀ : ବିଶ୍ୱକପ୍‌ର ଏକ ଚର୍ଚ୍ଚିତ ବାପ-ପୁଅ ଯୋଡ଼ି ହେଲେ ଫ୍ରାନ୍ସର ଲିଲିଆନ୍ ଥୁରାମ୍ ଓ ମାର୍କସ୍‌ର ଥୁରାମ୍। ଲିଲିଆନ୍ ୧୯୯୮, ୨୦୦୨ ଓ ୨୦୦୬ ବିଶ୍ୱକପ୍ ଖେଳିଥିବାବେଳେ ମାର୍କସ୍ ୨୦୨୨ ବିଶ୍ୱକପ୍ ଖେଳିଥିଲେ। ଏଥରର ଫ୍ରାନ୍ସ ଦଳରେ ବି ମାର୍କସ୍ ସ୍ଥାନ ପାଇଛନ୍ତି।

ଆଉ ଏକ ବାପପୁଅ ଯୋଡ଼ି ହେଲେ ଆମେରିକାର କ୍ଲାଉଡିଓ ଓ ଜିଓଭାନି ରେଆନା। କ୍ଲାଉଡିଓ ୧୯୯୪, ୧୯୯୮, ୨୦୦୨ ଓ ୨୦୦୬ ବିଶ୍ୱକପ୍ ଖେଳିଥିବାବେଳେ ଜିଓଭାନି ୨୦୨୨ ବିଶ୍ୱକପ୍‌ରେ ଦୁଇଟି ମ୍ୟାଚ୍ ଖେଳିଥିଲେ। ଡେନ୍‌ମାର୍କର ପିଟର ସେମିସେଲ୍ ୧୯୯୮ ବିଶ୍ୱକପ୍ ଖେଳିଥିବାବେଳେ ତାଙ୍କ ପୁଅ କାସ୍‌ପର ୨୦୧୮ ଓ ୨୦୨୨ ବିଶ୍ୱକପ୍‌ରେ ମୋଟ ସାତଟି ମ୍ୟାଚ୍ ଖେଳିଥିଲେ। ନେଦରଲାଣ୍ଡସ୍‌ର ଡ୍ୟାନି ବ୍ଲାଇଣ୍ଡ୍ ୧୯୯୦ ଓ ୧୯୯୪ ବିଶ୍ୱକପ ଦଳରେ ସ୍ଥାନ ପାଇଥିଲେ ବି ଗୋଟିଏ ବି ମ୍ୟାଚ୍ ଖେଳିନଥିଲେ। କିନ୍ତୁ ତାଙ୍କ ପୁଅ ଡାଲେ ୨୦୧୪ ଓ ୨୦୨୨ ବିଶ୍ୱକପ୍‌ରେ ୧୨ ମ୍ୟାଚ୍ ଖେଳି ୨ ଗୋଲ୍ ଦେଇଥିଲେ। ଫିଫା ବିଶ୍ୱକପର ଏକ ଚର୍ଚ୍ଚିତ ବାପପୁଅ ଯୋଡ଼ି ହେଲେ ମାଜିନ୍‌ହୋ ଓ ଥିଆଗୋ। ମାଜିନ୍‌ହୋ ବ୍ରାଜିଲ୍ ପକ୍ଷରୁ ୧୯୯୦ ଓ ୧୯୯୪ ବିଶ୍ୱକପ୍ ଖେଳିଥିଲେ। କିନ୍ତୁ ଥିଆଗୋ ୨୦୧୮ ବିଶ୍ୱକପ ସ୍ପେନ୍ ପକ୍ଷରୁ ଖେଳିଥିଲେ। କୋଷ୍ଟା ରିକାର ଆଲେକ୍‌ଜାଣ୍ଡ୍ରେ ଗୁଇମାରେସ୍ ୧୯୯୦ ବିଶ୍ୱକପ୍ ଖେଳିଥିବବେଳେ ଓ ତାଙ୍କ ପୁଅ ସେଲ୍‌ସୋ ୨୦୧୪, ୨୦୧୮ ଓ ୨୦୨୨ ବିଶ୍ୱକପ୍‌ରେ ମୋଟ ୧୧ଟି ମ୍ୟାଚ୍ ଖେଳିଛନ୍ତି।



ସମାନ ନାମଧାରୀ ବାପପୁଅ ଫିଫା ବିଶ୍ୱକପ୍ ଖେଳିଥିବା କିଛି ଅଦ୍ଭୁତ ପ୍ରକାରର ବାପପୁଅ ଯୋଡ଼ି ଅଛନ୍ତି, ଯେଉଁମାନଙ୍କ ନାଁ ସମାନ। ଏପରି ଏକ ଯୋଡ଼ି ହେଲେ ସ୍ଲୋଭାକିଆର ଭ୍ଲାଦିମିର ୱେସ୍ (୧୯୯୦ ବିଶ୍ୱକପ୍) ଓ ଭ୍ଲାଦିମିର ୱେସ୍ (୨୦୧୦ ବିଶ୍ୱକପ୍), ସ୍ଲୋଭାକିଆର ଜାନ୍ କୋଜାକ୍ (୧୯୮୨ ବିଶ୍ୱକପ୍) ଓ ଜାନ୍ କୋଜାକ୍ (୨୦୧୦ ବିଶ୍ୱକପ୍), ମେକ୍ସିକୋର ଜାଭିଏର ହର୍ନାଡେସ୍ (୧୯୮୬ ବିଶ୍ୱକପ୍) ଜାଭିଏର ହର୍ନାଡେସ୍ (୨୦୧୦, ୨୦୧୪, ୨୦୧୮ ବିଶ୍ୱକପ୍)। ଫିଫାର ତାଲିକା ଅନୁସାରେ ବିଶ୍ୱକପ ଇତିହାସରେ ମୋଟ ୨୭ ବାପପୁଅ ଖେଳାଳି ଅଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ବାପ-ପୁଅ ଯୋଡ଼ି ବିଶ୍ୱକପ୍ ଜିତିନାହାନ୍ତି। ଅର୍ଥାତ୍ କେବଳ ବାପ, କିମ୍ବା କେବଳ ପୁଅ ବିଶ୍ୱକପ୍ ଜିତିଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583